

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର, ୧୪ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 14 JUNE 2022
Vol.No. 35 ■ No. 155 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022




ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧

# ରାହୁଲ ଗାନ୍ଧୀଙ୍କୁ ୯ ଘଣ୍ଟା ଧରି ଇଡିର ଜେରା

ନୂଆଦିଲ୍ଲୀ, ୧୩/୦୬ : ନ୍ୟାଶନାଲ ହେରାଲ୍ଡ ମାମଲାରେ ଫସିଥିବା କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କୁ ଆଜି ଦୀର୍ଘ ୯ ଘଣ୍ଟା କାଳ ଜେରା କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଦୁଇଟି ପର୍ଯ୍ୟାୟରେ ରାହୁଲ ପ୍ରାୟ ୯ ଘଣ୍ଟା ଜେରାର ସମ୍ମୁଖୀନ ହୋଇଛନ୍ତି। ପ୍ରଥମେ ତାଙ୍କୁ ଇଡିର ୩ ଜଣ ଅଧିକାରୀ ପ୍ରାୟ ୩ ଘଣ୍ଟା କାଳ ଜେରା କରିଥିଲେ। ଏହାପରେ ତାଙ୍କୁ ଲଞ୍ଚ ବ୍ରେକରେ ଛଡ଼ା ଯାଇଥିଲା। ବ୍ରେକ ମିଳିବା ପରେ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ମା' ସୋନିଆ ଗାନ୍ଧିଙ୍କୁ ଦେଖା କରିଥିଲେ। ସେଠାରୁ ଫେରି ସେ ପ୍ରାୟ ଅପରାହ୍ନ ୪ଟା ବେଳେ ପୁଣି ଦିଲ୍ଲୀ ସ୍ଥିତି ଇଡି ମୁଖ୍ୟାଳୟରେ ହାଜର ହୋଇଥିଲେ। ସେ ପହଞ୍ଚିବା ପରେ ଇଡିର ଅଧିକାରୀମାନେ ତାଙ୍କୁ ଜେରା ଆରମ୍ଭ କରିଥିଲେ। ଏହି ପର୍ଯ୍ୟାୟରେ ତାଙ୍କୁ ୬ ଘଣ୍ଟା କାଳ



ଜେରା କରାଯାଇଛି। ଆଜିର ଜେରା ସରିବା ପରେ ରାହୁଲ ରାତି ପ୍ରାୟ ୯.୪୫ରେ ଇଡି ଅଫିସରରୁ ବାହାରିଛନ୍ତି। ଆସନ୍ତାକାଲି ପୁଣି ତାଙ୍କୁ ହାଜାର ହେବାକୁ ଇଡି ନୋଟିସ ଦେଇଛି। ଆଜି ପ୍ରାୟ ୯ ଘଣ୍ଟାର ଜେରା ବେଳେ ଅଧିକାରୀମାନେ ରାହୁଲ ଗାନ୍ଧିଙ୍କ ପାଇଁ ପ୍ରସ୍ତୁତ କରିଥିବା କିଛି ପ୍ରଶ୍ନ ପଚାରି ପାରି ନାହାନ୍ତି। ତେଣୁ ଆସନ୍ତାକାଲି ତାଙ୍କୁ ଡକା ଯାଇଛି। ସେ ମଧ କାଲି ହାଜର ହେବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଆଜି ରାହୁଲ ଗାନ୍ଧିଙ୍କୁ ଇଡିର ଜେରାକୁ ବିରୋଧ କରି କଂଗ୍ରେସ ଦେଶର ସବୁ ରାଜ୍ୟରେ ଇଡି ଅଫିସ ଘେରାଉ କରିଥିଲା। କେନ୍ଦ୍ରର ବିଜେପି ସରକାର ଗାନ୍ଧି ପରିବାର ବିରୋଧରେ ଇଡିକୁ ବ୍ୟବହାର କରୁଥିବା କଂଗ୍ରେସ ଅଭିଯୋଗ କରିଛି। ଆଜି ଦିଲ୍ଲୀରେ ମଧ ରାହୁଲଙ୍କ ସମର୍ଥନରେ ବିଶାଳ ବିକ୍ଷୋଭ ଶୋଭାଯାତ୍ରା କରାଯାଇଛି। କଂଗ୍ରେସର ବରିଷ୍ଠ ନେତା ଓ କର୍ମୀମାନେ ବିକ୍ଷୋଭରେ ସାମିଲ ହୋଇଥିଲେ। ତେବେ ଦିଲ୍ଲୀ ପୁଲିସ୍ ବରିଷ୍ଠ ନେତାମାନଙ୍କୁ ରାସ୍ତାରୁ ଉଠାଇ ନେଇ ଅଟକ ରଖିଛି। ପୁଲିସ୍ ? କଂଗ୍ରେସର ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ କେସି ଭେନୁଗୋପାଲଙ୍କୁ ରାସ୍ତାରେ ଭିଡ଼ି ଭିଡ଼ି ଭ୍ୟାନକୁ ନେଉଥିବାର ଭିଡିଓ ସାମ୍ନାକୁ ଆସିଛି। ଜଣେ ରାଜ୍ୟସଭା ସଦସ୍ୟଙ୍କ ସହ ପୁଲିସ୍‌ର ଏପରି ବ୍ୟବହାରକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ସୂଚନାଯୋଗ୍ୟ, ନ୍ୟାଶନାଲ ହେରାଲ୍ଡ ମାମଲାରେ କଂଗ୍ରେସ ଅଧକ୍ଷ ସୋନିଆ ଗାନ୍ଧିଙ୍କୁ ମଧ ହାଜରୀ ହେବାକୁ ଇଡି ନୋଟିସ ଦେଇଛି। ସେ ଆସନ୍ତା ୨୩ ତାରିଖରେ ହାଜାର ହେବାକୁ ସମୟ ପାଇଛନ୍ତି। ତେବେ ସୋନିଆ ବର୍ତ୍ତମାନ କୋଭିଡ ପରିବର୍ତ୍ତୀ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

# ସଙ୍କୁଚିତ ହେବ ରାଜ୍ୟପାଳଙ୍କ କ୍ଷମତା !

## ତାମିଲନାଡୁ ପରେ ବେଙ୍ଗଲରେ ପାରିତ ହେଲା ବିଲ୍

କୋଲକାତା, ୧୩/୦୬ (ନି.ପ୍ର): ରାଜ୍ୟପାଳଙ୍କ କ୍ଷମତା ସଙ୍କୁଚିତ ଓ ସରକାରୀ କାର୍ଯ୍ୟକ୍ରମ ଉପରେ ତାଙ୍କର ଅଯଥା ହସ୍ତକ୍ଷେପକୁ ରୋକିବା ପାଇଁ ଗୋଟିଏ ବିଲ୍ ପାରିତ କରିଛନ୍ତି ପଶ୍ଚିମବଙ୍ଗ ସରକାର। ଆଜି ବେଙ୍ଗଲ ବିଧାନସଭାରେ ପାରିତ ହୋଇଥିବା ବିଲ୍ ଅନୁଯାୟୀ, ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତ କରିବାର ଅଧିକାର ରାଜ୍ୟପାଳଙ୍କ ବଦଳରେ ମୁଖ୍ୟମନ୍ତ୍ରୀଙ୍କୁ ମିଳିବ। ଏଥିସହ ରାଜ୍ୟର ଥିବା ସମସ୍ତ ବିଶ୍ୱବିଦ୍ୟାଳୟର କୁଳାଧିପତି ହେବେ ମୁଖ୍ୟମନ୍ତ୍ରୀ। ପୂର୍ବରୁ ରାଜ୍ୟପାଳ କୁଳାଧିପତିର



ମାନ୍ୟତା ପାଉଥିଲେ। ଏବେ ବିଧାନସଭାରେ ପାରିତ ହୋଇଥିବା ବିଲ୍ ଅନୁମୋଦନ ପାଇଁ ରାଜ୍ୟପାଳ ଜଗଦୀନ ଧନକରଙ୍କ ପାଖକୁ ଯିବ। ସାମ୍ବିଧାନିକ ନିୟମ ଅନୁଯାୟୀ ସେ ଏଥିରେ ମୋହର ମାରିବା କଥା। ହେଲେ ସେ ଚାହିଁଲେ, ଏହାକୁ ଦୀର୍ଘ ସମୟ ଧରି ନିଜ ପାଖରେ ପକାଇ ରଖି ପାରିବେ କିମ୍ବା ରାଷ୍ଟ୍ରପତିଙ୍କୁ ▶▶ପୃଷ୍ଠା ୭

# ଓଡ଼ିଶା ବିଧାନସଭାର ୨୫ ତମ ବାଚସ୍ପତି ଭାବେ ଶପଥ ନେଲେ ଭଞ୍ଜନଗର ବିଧାୟକ ବିକ୍ରମ ଆରୁଖ

ଭୁବନେଶ୍ୱର, ୧୩/୦୬ (ନି.ପ୍ର): ଓଡ଼ିଶା ବିଧାନସଭାର ୨୫ତମ ବାଚସ୍ପତି ଭାବେ ଶପଥ ନେଇଛନ୍ତି ୫୯ ବର୍ଷୀୟ ବିଜେଡି ବିଧାୟକ ବିକ୍ରମ କେଶରୀ ଆରୁଖ । ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ୬ଥରର ବିଧାୟକ ବିକ୍ରମ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ନାଁ ପ୍ରସ୍ତାବ ଦେବା ପରେ ବାଚନିକ ଭୋଟରେ ସେ ବାଚସ୍ପତି ନିର୍ବାଚିତ ହୋଇଛନ୍ତି । ଏହି ସ୍ୱତନ୍ତ୍ର ଦିନିକିଆ ଅଧିବେଶନରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ବିଜେପି ମୁଖ୍ୟ ସଚେତକ ମୋହନ ମାଝୀ, କହିଛନ୍ତି ଦଳୀୟ ସ୍ୱାର୍ଥରୁ ଉପରକୁ ଉଠି ସେ ଗୃହ ପରିଚାଳନା କରିବା ଉଚିତ । ଓଡିଶା ବିଧାନସଭାର ୨୫ ତମ ବାଚସ୍ପତି ଭାବେ ଦାୟିତ୍ୱ ନେଇଛନ୍ତି



ଭଞ୍ଜନଗରର ୬ ଥରର ବିଧାୟକ ବିକ୍ରମ କେଶରୀ ଆରୁଖ । ସ୍ୱତନ୍ତ୍ର ଭାବେ ଡକାଯାଇଥିବା ବିଧାନସଭା ଅଧିବେଶନରେ ବାଚନିକ ଭୋଟ୍ ମାଧ୍ୟମରେ ବିକ୍ରମ ଆରୁଖ ବାଚସ୍ପତି ଭାବେ ନିର୍ବାଚିତ ହୋଇଥିଲେ । ବିଧାନସଭାରେ ବିକ୍ରମ କେଶରୀ ଆରୁଖଙ୍କ ଦୀର୍ଘଦିନର ଅଭିଜ୍ଞତା ରହିଛି । ଦୀର୍ଘବର୍ଷ ଧରି ସେ ନବୀନ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀ ଥିଲେ । ଆଇନ, ସଂସଦୀୟ ବ୍ୟାପାର ଓ ଗ୍ରାମ୍ୟ ଉନ୍ନୟନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିଥିଲେ ବିକ୍ରମ ଆରୁଖ । ଜୁଲାଇ ୨ରୁ ଆରମ୍ଭ ହେଉଛି ବିଧାନସଭାର ଅଧିବେଶନ । ଆଉ ଏବେ ଶାସକ ଓ ବିରୋଧୀଙ୍କୁ ବିଶ୍ୱାସକୁ ନେଇ ଗୃହ ଚଳାଇବା ନୂଆ ବାଚସ୍ପତିଙ୍କ ପାଇଁ ନୂଆ ଚ୍ୟାଲେଞ୍ଜ ହେବ । ତେବେ ▶▶ପୃଷ୍ଠା ୭

# ବାଲିଯାତ୍ରାକୁ ମିଳିଲା ଗ୍ରୀନ୍ ସିଗନାଲ

ଭୁବନେଶ୍ୱର, ୧୩/୦୬ (ନି.ପ୍ର): ଏଥର ବାଲିଯାତ୍ରାର ମଜା ନେବେ ଲୋକେ । କରୋନା ପରେ ପ୍ରଥମ ଥର ପାଇଁ କଟକରେ ହେବ ପ୍ରସିଦ୍ଧ ବାଲିଯାତ୍ରା । ଏନେଇ ଗ୍ରୀନ୍ ସିଗନାଲ ଦେଇଛନ୍ତି କଟକ ଜିଲ୍ଲାପାଳ । କରୋନା ସ୍ଥିତିରେ ସୁଧାର ଆସିଥିବାରୁ ଚଳିତବର୍ଷ ବାଲିଯାତ୍ରା କରିବାକୁ ନିଷ୍ପତ୍ତି ନିଆଯାଇଛି । ଡିଆରଡିଏ ପିଡିଙ୍କୁ ବାଲିଯାତ୍ରାର ନୋଡାଲ ଅଫିସର ଭାବେ ଦାୟିତ୍ୱ ମିଳିବ ବୋଲି କହିଛନ୍ତି ଜିଲ୍ଲାପାଳ ଭବାନୀ ଶଙ୍କର ଚଇନି । କରୋନା କାରଣରୁ ଗତ ୨ ବର୍ଷ ହେବ ବନ୍ଦ ଥିଲା କଟକ ବାଲିଯାତ୍ରା । କିନ୍ତୁ ଏବେ କରୋନା ସଂକ୍ରମଣ କେବଳ ନିୟନ୍ତ୍ରଣକୁ ଆସିନାହିଁ ବରଂ ସ୍ଥିତିରେ ମଧ ଯଥେଷ୍ଟ ଅଧିକ ସୁଧାର ଆସିଛି । ଏହାଛଡା କଟକ ବାରବାଟୀରେ ୪୦ ହଜାରରୁ ଅଧିକ ଲୋକଙ୍କୁ ନେଇ ମ୍ୟାଚ୍ ଆୟୋଜନ ପରେ ବାଲିଯାତ୍ରା ବାବଦରେ ବଡ ନିଷ୍ପତ୍ତି ନେଇଛି କଟକ ପ୍ରଶାସନ । ତେବେ ବାଲିଯାତ୍ରାରେ କଣ କଟକଣା ରଖାଯିବ ସେନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ । ଅନ୍ୟପଟେ ବାଲିଯାତ୍ରା ହେବା ନେଇ ସୂଚନା ମିଳିବା ପରେ ସାଧାରଣ ଲୋକଙ୍କ ମନରେ ଖୁସିର ଲହର ଖେଳିଯାଇଛି ।

# ଶପଥ ନେଲେ ବ୍ରଜରାଜନଗର ବିଧାୟିକା

ଭୁବନେଶ୍ୱର, ୧୩/୦୬ (ନି.ପ୍ର): ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ବିଧାୟିକା ଶ୍ରୀମତୀ ଅଳକା ମହାନ୍ତି ସୋମବାର ଶପଥ ଗ୍ରହଣ କରିଛନ୍ତି। ବାଚସ୍ପତି ବିକ୍ରମ କେଶରୀ ଆରୁଖ ସୋମବାର ପୂର୍ବାହ୍ନରେ ବିଧାନସଭା ସ୍ଥିତ ନିଜ ଚ୍ୟାମ୍ବରରେ ଶ୍ରୀମତୀ ମହାନ୍ତିଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ଏହି ଅବସରରେ ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ , ମନ୍ତ୍ରୀ ରୀତା ସାହୁ , ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଏବଂ ଅଳକାଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ।

# ଆଜି ସ୍ନାନପୂର୍ଣ୍ଣମୀ : ଗଜାନନ ବେଶରେ ଦର୍ଶନ ଦେବେ ମହାପ୍ରଭୁ

ପୁରୀ,୧୩/୦୬ (ନି.ପ୍ର): ମଙ୍ଗଳବାର ପବିତ୍ର ସ୍ନାନପୂର୍ଣ୍ଣମୀ । ସ୍ନାନବେଦିରେ ବିରାଜମାନ କରିବେ ଚତୁର୍ଦ୍ଧାମୂର୍ତି। ୧୦୮ ବଢ଼ୁ ଅଭିମନ୍ତ୍ରିତ ଅଧିବାସ ଜଳରେ ସ୍ନାନ କରିବେ ଚତୁର୍ଦ୍ଧାମୂର୍ତି । ପ୍ରଭୁ ରତ୍ନସିଂହାସନରୁ ପହଣ୍ଡି ହୋଇ ସ୍ନାନମଣ୍ଡପକୁ ବିଜେ କରିବେ । ବଡ଼ଦାଣ୍ଡରୁ ଭକ୍ତ ଦର୍ଶନ କରିବେ ଚତୁର୍ଦ୍ଧାମୂର୍ତିଙ୍କୁ । କରୋନ କଟକଣା ଯୋଗୁ ଦୁଇବର୍ଷ ଧରି ଭକ୍ତମାନେ ଦର୍ଶନରୁ ବଞ୍ଚିତ ହୋଇଥିଲେ । ଚଳତିବର୍ଷ ସିଧାସଳଖ ମହାପ୍ରଭୁଙ୍କୁ ଦର୍ଶନ କରବେ ଭକ୍ତ । ସ୍ନାନବେଦିରେ ମହାପ୍ରଭୁଙ୍କ ଆକର୍ଷଣୀୟ ହାତୀବେଶ ଅନୁଷ୍ଠିତ ହେବ । ସ୍ନାନବେଦି ଚାରିପଟ ଆଲୋକମାଳାରେ ସଜ୍ଜତି କରାଯାଇଛି । ସୁସଜ୍ଜତି ଭାବେ



ଚାନ୍ଦୁଆରେ ଛାମୁଣ୍ଡିଆ କରାଯାଇଛି । ବର୍ଷକରେ ଗୋଟିଏ ଦିନ ମହାପ୍ରଭୁ ରତ୍ନସିଂହାସନ ଛାଡ଼ି ସ୍ନାନବେଦିକୁ ବିଜେ କରିବେ । ଶ୍ରୀବିଗ୍ରହଙ୍କ ମାନବୀୟ ଲୀଳାର ପ୍ରମୁଖ ପର୍ବ ଭାବେ ସ୍ନାନପୂର୍ଣ୍ଣମୀ ପାଳିତ ହେଉଛି । ପୋଲିସ ପ୍ରଶାସନ ପକ୍ଷରୁ ଭକ୍ତ ଗହଳିକୁ ନିୟନ୍ତ୍ରିତ କରିବା ବ୍ୟାରିକେଡଟ କରାଯାଇଛି । ସ୍ନାନମଣ୍ଡପକୁ ଆକର୍ଷଣୀୟ ରଙ୍ଗରେ ରଙ୍ଗାୟିତ କରାଯାଇଛି । ମାର୍କେଟ ଛକ ଠାରୁ ଭକ୍ତ ସେଡ଼ ପର୍ଯ୍ୟନ୍ତ ବ୍ୟାରିକେଟ କରାଯାଇଛି । ବ୍ୟାରିକେଟ ଉପରେ ଧଳ ଓ ନାଲି ରଙ୍ଗର କପଡ଼ା ଆଚ୍ଛାଦିତ ହୋଇଛି । ଭକ୍ତଙ୍କ ଗୁହାରି ଶୁଣି ପ୍ରଭୁ ହାତୀ ବେଶ ହୋଇଥିବା କଥିତ ଅଛି । ଏହିବେଶ ଦର୍ଶନ କଲେ ଅନେକ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ନୀତି ଶୃଙ୍ଖଳା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସ୍ନାନ ଯାତ୍ରାରେ ଭକ୍ତ ଦର୍ଶନକୁ ସମ୍ପୂର୍ଣ୍ଣ ସିସିଟିଭିରେ ରେକର୍ଡ଼ କରାଯିବା ସହ ଭିଡ଼ିଓ ସୁଟିଂଙ୍ଗ କରାଯିବ । ସାଧା ପୋଷାକଧାରୀ ପୋଲିସ ବିଭିନ୍ନ ସ୍ଥାନରେ ପଇଁତରା ମାରୁଛନ୍ତି । ସ୍ନାନବେଦିରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । କୌଣସି ଭକ୍ତ ଶ୍ରୀଜୀଉଙ୍କ ସ୍ପର୍ଶ କରିପାରିବେ ନାହିଁ। ହାତୀବେଶ ସମୟରେ ସେବାୟତମାନେ ଶ୍ରୀଜୀଉଙ୍କ ସମ୍ମୁଖରେ ଠିଆ ହୋଇପାରିବେ ନାହିଁ । ଭକ୍ତମାନେ ସିଂହଦ୍ୱାରରେ ପ୍ରବେଶ କରି ସ୍ନାନ ବେଦିରେ ପ୍ରଭୁଙ୍କୁ ଦର୍ଶନ କରିବା ପରେ ଅନ୍ୟ ତିନି ଦ୍ୱାରରେ ପ୍ରସ୍ଥାନ କରିବ । ସ୍ନାନବେଦି, ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନା ଓ ଭକ୍ତମାନେ ପ୍ରଭୁଙ୍କ ଆଗମନଙ୍କୁ ଚାହିଁ ରହିଛନ୍ତି ।

# ଯାତ୍ରୀବାହୀ ବସ୍ ଓଲଟିଲା, ୫ ଓଡ଼ିଆଙ୍କ ମୃତ୍ୟୁ, ୩୦ ଆହତ

ନୂଆପଡ଼ା, ୧୩/୦୬ (ନି.ପ୍ର): ନୂଆପଡା ଜିଲ୍ଲା ସିନପାଳି ଠାରୁ କେ ଜି ଏନ ନାମକ ଏକ ଯାତ୍ରୀବାହୀ ବସ୍ ଓଲଟି ଦୁର୍ଘଟଣା ଗସ୍ତ, ଘଟଣା ସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଚିକିତ୍ସିତ ଅବସ୍ଥାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ବସ୍ ରେ ୩୦ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ସେଥିମଧ୍ୟରୁ ୬ ଜଣଙ୍କ ଅବସ୍ଥା ସଂକଟାପନ୍ନ। ବସ୍ ଟି ସିନାପାଲି ଠାରୁ ବିଜୟଓ୍ୱାଡା ନେଇ ଯାଉଥିବା ବେଳେ ପଡୁଗୁମୁଡା ଗ୍ରାମଠାରେ ଦୁର୍ଘଟଣା ହୋଇଥିଲା। ଆନ୍ଧ୍ରପ୍ରଦେଶ ୩୦ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ହୋଇଛି।



ସମସ୍ତ ମୃତକ ଓଡ଼ିଶାର ହୋଇଥିବା ସୂଚନା ମିଳେ। ନୂଆପଡା ଜିଲ୍ଲା ସିନାପାଲି ବ୍ଲକ କୋଟାମାଲ ମିତୃ ହରିଜନ,ପୂଜା ହରିଜନଙ୍କ ସହ ତାଙ୍କ ୩ ଝିଅ ବସ୍ ଯାଉଥିବା ବେଳେ ତାଙ୍କ ମଝିଆ ଝିଅ ମାହି ହରିଜନ ମୃତ୍ୟୁ ହୋଇଛି। ଆହତଙ୍କୁ ଭଦ୍ରାଚଳମ ମୁଖ୍ୟ ଡାକ୍ତର ଖାନାରେ ଭର୍ତି କରାଯାଇଛି। ଯାତ୍ରୀ ସମସ୍ତେ ଦାଦନ ଶ୍ରମିକ ବୋଲି ଜଣାପଡିଛି।

# ମାହାଙ୍ଗା ଡବଲ ମର୍ଡର ମାମଲା : ତଦନ୍ତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍

ମାହାଙ୍ଗା, ୧୩/୦୬ (ନି.ପ୍ର): ମାହାଙ୍ଗା ଡବଲ ମର୍ଡର ମାମାଲାରେ ତଦନ୍ତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ସାଲେପୁର ଔଗରଉ କୋର୍ଟ ଏହି କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ତଦନ୍ତରେ କାହିଁକି ବିଳମ୍ବ ହେଉଛି ଜଣାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୦ ତାରିଖରେ ତଦନ୍ତର ଷ୍ଟାଟସ୍ ରିପୋର୍ଟ ଦେବାକୁ କୁହାଯାଇଛି। ଏହି ମାମଲାର ତଦନ୍ତ କାହିଁକି ଶିଥିଳ ପଡ଼ିଛି ଏବଂ କାହିଁକି ବିଳମ୍ବ ହେଉଛି, ସେ ନେଇ ବିଚାର କରିବାକୁ କୋର୍ଟଙ୍କୁ ଗତ ମେ' ମାସ ୪ ତାରିଖ ଦିନ ଅଭିଯୋଗକାରୀ



ରମାକାନ୍ତ ବରାଳ ଲିଖିତ ନିବେଦନ ଦେଇଥିଲେ। ଅନ୍ୟପଟେ ମାହାଙ୍ଗା ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି ଅନ୍ୟତ୍ର ବଦଳି ହୋଇଯାଇଛନ୍ତି। ଯାହା ପରେ ଏହି ନିର୍ଦ୍ଦେଶନାମା ବାହାରିଛି। ଫଳରେ ଏବେ କେଉଁ ଅଫିସର ଏହି ତଦନ୍ତର ଭାର ନେଇଛନ୍ତି ଓ ତଦନ୍ତ କାହିଁକି ବିଳମ୍ବ ହେଉଛି ତାହା ଷ୍ଟାଟସ ରିପୋର୍ଟ ▶▶ପୃଷ୍ଠା ୭

# ୧୬ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୧୩/୦୬ (ନି.ପ୍ର): ଆସନ୍ତା ୪୮ ଘଂଟା ମଧ୍ୟରେ ଦକ୍ଷିଣ- ପଶ୍ଚିମ ମୌସୁମୀ ଓଡିଶା ଛୁଇଁବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇ ଯାଇଛି। ଏପରି ସ୍ଥିତିରେ ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ୧୬ଟି ଜିଲ୍ଲାରେ ବଜ୍ରପାତ ସହ କାଳବୈଶାଖୀ ଜନିତ ଝଡ଼ବର୍ଷାର ସମ୍ଭାବନା ରହିଥିବା ପୂର୍ବାନୁମାନ କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଜପତି, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଂଜ, ବୌଦ୍ଧ, ଅନୁଗୁଳ, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ ଓ ବାଲେଶ୍ୱର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ୧୬ଟି ଜିଲ୍ଲା ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ▶▶ପୃଷ୍ଠା ୭

DADLS-23

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ
ରଜ ଶୁଭେଚ୍ଛା



ଓଡ଼ିଆଙ୍କ ପ୍ରିୟ ପର୍ବ ରଜ ଅବସରରେ ଓଡ଼ିଶାବାସୀ ବିଶେଷକରି ଆମର ମା' ଓ ଝିଅମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ରଜ ଧରଣୀମାତାଙ୍କ ଉପାସନାର ଅନନ୍ୟ ପର୍ବ । ନାରୀତ୍ୱର ମହନୀୟତାର ପର୍ବ । ସମାଜରେ ନାରୀର ଅବଦାନକୁ କୃତଜ୍ଞତା ଜଣାଇବାର ପର୍ବ ।

ଏହି ଅବସରରେ ଆସନ୍ତୁ, ଛୋଟ ଝିଅଙ୍କ ଠାରୁ ଆରମ୍ଭ କରି ଆମର ମା'ମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ପୋଷଣ, ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ଯତ୍ନଶୀଳ ହେବା ଏବଂ ସେମାନଙ୍କ ପାଇଁ ସୁନ୍ଦର ଭବିଷ୍ୟତ ଓ ଏକ ସୁସ୍ଥ ସମାଜ ଗଠନ ପାଇଁ କାମ କରିବା ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

OIPR : 15001/13/0063/2223

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ଫୁଲବାଣି ପକ୍ଷରୁ ବିଶ୍ୱ ଶିଶୁଶ୍ରମିକ ନିରୋଧ ପକ୍ଷ ପାଳିତ

କନ୍ଧମାଳ,୧୩/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଫୁଲବାଣୀ ଦ୍ୱାରା ଆୟୋଜିତ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ପକ୍ଷ ଫୁଲବାଣୀ ନଗରସ୍ଥ ଗୁଦାରି ନିକଟ ସାଧନ ଅନୁଷ୍ଠାନ ଠାରେ ପାଳିତ ହୋଇଯାଇଛି।ଏହି ଉତ୍ସବର ସ୍ୱାଗତ ଭାଷଣରେ ସମାଜସେବୀ ତଥା ପି.ଏଲ.ଭି ମେମ୍ବର ନିରଞ୍ଜନ ପାଣ୍ଡେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ଶିଶୁ ମଙ୍ଗଳ କମିଟିର ସଦସ୍ୟ ଆଡଭୋକେଟ ଶ୍ରୀମତି ଜୟନ୍ତୀ ପାଣିଗ୍ରାହୀ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁମାନଙ୍କୁ କିପରି ଶ୍ରମିକ ଭାବେ ନିୟୋଜିତ ନକରି ସେମାନଙ୍କୁ ସେମାନଙ୍କ ଅଧିକାର ଦିଆଯିବ ତଥା ଏଥିପାଇଁ ଆଇନର ବ୍ୟବସ୍ଥା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସାଧନ ଅନୁଷ୍ଠାନର ସମ୍ପାଦକ ଏସ. ପାଓଲ ରାଜ ନିଜ ବକ୍ତବ୍ୟରେ କହିଥିଲେ ଯେ, ଆଜି ମଧ ସେମାନଙ୍କ ଅଧିକାର ଠାରୁ ବଂଚିତ ଅନେକ ଶିଶୁଙ୍କ ପାଇଁ ଏହିପରି ଅନେକ କାର୍ଯ୍ୟକ୍ରମ ଆବଶ୍ୟକ। ଏହି ଉତ୍ସବରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ରମାଦେବୀ ସୋରେନ ଉପସ୍ଥିତ ସାଧନ ଅନ୍ତେବାସୀ ଶିଶୁ ଭାଇଭଉଣୀ ମାନଙ୍କୁ ଶିଶୁ ସୁଲଭ ଭାଷାରେ ସେମାନଙ୍କ ଅଧିକାର ବିଷୟରେ ସଚେତନ କରାଇବା ସହ ବିସ୍କୁଟ, ଫଳରସ ଆଦି ବଂଟନ କରିଥିଲେ।ଶିଶୁମାନଙ୍କ ସକ୍ରିୟ ଅଂଶ ଗ୍ରହଣ ପାଇଁ ସାଧନ ଅନୁଷ୍ଠାନର ମାଆ। ଏପରି ସଚେତନତା କାର୍ଯ୍ୟକ୍ରମ ପାଇଁ ଖୁସି ବ୍ୟକ୍ତ କରିଥିଲେ । ସାଧନର ମେମ୍ବର ସମ୍ପାଦକ ତଥା କାଉନସେଲର ଶିବା ମାଥ୍ୟୁ ଅତିଥି ପରିଚୟ ତଥା ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ ସୁରକ୍ଷା ସମିତି ମାନଙ୍କ ଆର୍ଥିକ ଉନ୍ନତି ପାଇଁ ଆମ ଜଙ୍ଗଲ ଯୋଜନାରେ ସାହାଯ୍ୟ ପ୍ରଦାନ

ବଲାଙ୍ଗିର,୧୩/୦୬ (ନି.ପ୍ର): ଆମ ଜଙ୍ଗଲ ଯୋଜନାରେ ବଲାଙ୍ଗିର ଜିଲ୍ଲା ବନ ବିଭାଗ ପକ୍ଷରୁ ପ୍ରବେଶ ବିନ୍ଦୁ କାର୍ଯ୍ୟକ୍ରମରେ ବନ ସୁରକ୍ଷା ସମିତି ମାନଙ୍କୁ ସେମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ସକାଶେ ସହଯୋଗ ପ୍ରଦାନ କରାଯାଉଛି। ଏହି ଯୋଜନାରେ ଲାଠର ରେଞ୍ଜ ଅନ୍ତର୍ଗତ ଝଙ୍କାର ପାଲି, କନ୍ଧେର ଛପର, ମହନିଲହ, ଖର୍ଲି, କୁର୍ଲୁମା, କର୍ଲାଖୁଂଟା ଓ ବାହୁବଳ ବାନସୁରକ୍ଷ୍ୟା ସମିତି। ହରିଶଙ୍କର ରେଞ୍ଜ ର ଚାଉଳବଞ୍ଜି, ଭରୁଆମୁଣ୍ଡା, ସିନ୍ଧାବହାଲି, ବେହରପାନି, ଖୁନିପାନି ଓ ଯମୁନା ପାଣି ବନ ସୁରକ୍ଷା ସମିତି ଗୁଡ଼ିକୁ ଆମ ଜଙ୍ଗଲ ଯୋଜନାରେ ସରଞ୍ଜାମ ବଣ୍ଟନ ହୋଇଥିଲା ଯେପରି ବାସନ କୁସନ ୧୩ ସେଟ୍ , ଟେନ୍ତ୍ ସେଟ୍ ୧୨ଟି, ସିଲାଇ ମେସିନ ୭ଟି, ଚଉକି ୧୯ ଟି ଏପରି ଆହୁରି ଅନେକ। ବନସୁରକ୍ଷ୍ୟା ସହିତ ଏହି ସମିତି ସଭ୍ୟା ମାନଙ୍କୁ ଆର୍ଥିକ ଉପାର୍ଜନର ମାଧମ ଯୋଗାଇ ଦେବାକୁ ଏହି ସାହାଯ୍ୟ କରାଯାଉଛି, ଆଗକୁ ଏପରି ଆହୁରି ବନ ସୁରକ୍ଷା ସମିତି ମାନଙ୍କୁ ସହଯୋଗର ହାତ ବଢ଼ାଇବାକୁ ଯୋଜନା ରହିଥିବା ଜିଲ୍ଲା ବନ ଅଧିକାରୀ ନୀତିଶ କୁମାର୍ ସୂଚନା ଦେଇଛନ୍ତି ।

# ଗୁରୁଶ୍ରୀ ଡ. ଘାସିରାମ ମିଶ୍ରଙ୍କୁ ଫକିର ପଟ୍ଟନାୟକ ସ୍ମୃତି ସମ୍ମାନ

ବଲାଙ୍ଗିର,୧୨ ଜୁନ ( ହି.ସ.) ସମ୍ବଲପୁରୀ ଗୀତର ମହାନାୟକ ସ୍ୱର୍ଗତ ଫକିର ପଟ୍ଟନାୟକଙ୍କୁ ବର୍ତ୍ତମାନ ପିଢୀ ସ୍ୱିକାର କରି ତାଙ୍କର ଗାଇଥିବା ଗୀତର ସ୍ତିମ୍ଭତା କୁ ଜାଣିପାରୁ ବୁଝିପାରୁ ଏବଂ ିଜ ସଂଗୀତ ଯାତ୍ରାରେ ସାମିଲ କରି ଆଗକୁ ବଢିବା ସହ ତାଙ୍କୁ ସବୁ ଜାଗାରେ ପୁଣିଥରେ ମନେ ପକେଇବା ପାଇଁ ଏହି ଅଭିନୟ ପ୍ରୟାସ । ପଶ୍ଚିମ ଓଡିଶାର ଦଶଟି ଜିଲ୍ଲାରେ ଆୟୋଜନ ହେବା ସହ ଭୁବନେଶ୍ୱର ରବିନ୍ଦ୍ର ମଣ୍ଡପରେ ଉଦ୍ୟାପନୀର ଏକ ସଂଙ୍କଳ୍ପ ଆମ ସମସ୍ତଙ୍କର । ପୃଥ୍ୱୀରାଜ ହାଇସ୍କୁଲ ସଭାଗୃହରେ ଫକିର ପଟ୍ଟନାୟକ ସ୍ମୃତି କମିଟି ତରଫରୁ ସଂଜ୍ୟେତ କଳାକେନ୍ଦ୍ର ତଥା ଓଡିଶା ଭାଷା ସାହିତ୍ୟ ଓ ସାଂସ୍କୃତ ବିଭାଗ ଓଡିଶା ସରକାର ମିଳିତ ଉଦ୍ୟମରେ ଫକିର ସନ୍ଧ୍ୟା ୨୦୨୨ ଆୟୋଜିତ ହୋଇଥିଲା । ପ୍ରଥମ ମଂଚ ପୂଜା ପରେ ଫକିର ପଟ୍ଟନାୟକଙ୍କ ସ୍ମୃତି ରେ ସଭା ଅନୁଷ୍ଠିତ ହୋଇଥିଲା । ଆବାହକ ଜୟକୃଷ୍ଣ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କମିଟିର ସଂପାଦକ ସଂଗିତାଙ୍କ ଅଧକ୍ଷତାରେ ସ୍ମୃତି ଚାରଣ ସଭାରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର, ସମ୍ମାନିତ ଅତିଥି ଭାବରେ ସାଂସ୍କୃତିକ ଅଧିକାରୀ ରଶ୍ମି ରଂଜନ ମିଶ୍ର, ସାଂସ୍କୃତିକ ଗବେଷଣ ଡ. ଘାସିରାମ ମିଶ୍ର, କୋସଲି ଗବେଷଣ ନିମାଇଁ ଚରଣ ପାଣିଗ୍ରାହୀ, କୋସଲି ବ୍ୟାଙ୍ଗ କବି ରସରାଜ ଅଚ୍ୟୁତ ପୁରୋହିତ, ନାଟ୍ୟ ନିର୍ଦ୍ଦେଶକ ପ୍ରଶାନ୍ତ ଖମାରୀ, ସଭ୍ୟ ଓଡିଶା ସଙ୍ଗିତ ନାଟକ ଏକାଡେମୀ ସ୍ୱାସତ କୁମାର ତ୍ରିପାଠି ମଂଚାସିନ ଥିଲେ । କବି ଅର୍ଜୁନ ସାହୁ ସଭାକୁ ପରିଚାଳନା କରିଥିବା ବେଳେ ଫକିର ପଟ୍ଟନାୟକଙ୍କ ଫକିର ସନ୍ଧ୍ୟାର ଏକ ଆୟୋଜନ ରେ ଗୀତରେ ଆରତ ତାରଣ, ଲବଙ୍ଗଲତା, ଲିଟି ଉଡେ ଫୁରୁଫୁରୁ ରେ ମୋର ରାମ ଟିଙ୍ଗାଲୁ, ରଙ୍ଗ ଫରୁଆ, ରସବତୀ ଜମୁନା, ରାଧା ମାଜିଷ୍ଟେଟ ଓ ବିଭିନ୍ନ ଗୀତରେ ଦର୍ଶକ ଓ ଫକିର ପ୍ରେମୀ ବେଶ୍ ଝୁମିଥିଲେ । ଏହି ଅବସରରେ ଡ. ଘାସିରାମ ମିଶ୍ରଙ୍କୁ ଫକିର ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । କଳାହାର ମୁରଲିଧର ପତି, ବ୍ୟାସଦେବ ପୁରୋହିତ, ପଦ୍ମଲୋଚନ ସାହୁ, ଅଚ୍ୟୁତ ପୁରୋହିତ, ଶିବାନନ୍ଦ ତ୍ରିପାଠି, ପ୍ରିତମ କୁାର ମିଶ୍ର, ଉପେନ୍ଦ୍ର ସୁନା, ଦିପିକା ଦିପ, ପ୍ରିୟଙ୍କା ରଥ ଓ ସାସ୍ୱତଙ୍କୁ ତ୍ରିପାଠିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦେଓଗାଁ ବିଡିଓ ଶ୍ରୀ ଭୋଇ, ପୃଥ୍ୱୀରାଜ ହାଇସ୍କୁଲର ଶ୍ରୀ ସେଠ, ସମାଜସେବ ନିଳାଦ୍ରି ମହାପାତ୍ର, ବାସୁଦେବ ମେହେର, କପିଳେଶ୍ୱର ଖମାରୀ, ପ୍ରଭାକର ମିଶ୍ର, ସୁନିଲ ମିଶ୍ର, ରାମ ଦାଶ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସନ୍ଦିପ କୁଅଁର, ବିଷ୍ଣୁ କଲ୍ୟାଣ ଗଡତ୍ୟା, ଶରତ ପଟ୍ଟନାୟକ, ଅନିତା ମିଶ୍ର, ସୁଚରିତା ଦାଶ, ବିଜୟତା ଦାଶ,ସ୍ୱସ୍ତିକ ସାହୁ, ସୁମି, ସତ୍ୟବ୍ରତ ପଟେଲ, ଗଣେଷ ବେହେରା, ଜବାହାର ନନ୍ଦ, ରାମ ଶତପଥି, ଶ୍ରୀକାନ୍ତ ଦାଶ, ରାମ ନାରାୟଣ ଦାଶ, ବିନୋଦ କାଲସାଏ, ସଂଜୟ ନାୟକ, କାଳିଆ ମହଲା, ସାମସନ ନିସାର ପ୍ରମୁଖ ଉପସ୍ଥିତ ଥିବା ବେଳେ ପ୍ରଶାନ୍ତ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଣଙ୍କ ପଟ୍ଟାଜମି ଅନ୍ୟ ଜଣଙ୍କ କବ୍‌ଜାରେ: ଅଭିଯୋଗ କଲେ ବି ସୁଫଳ ମିଳୁନି, ଅନଶନ ଧମକ

କନ୍ଧମାଳ,୧୩/୦୬ (ନି.ପ୍ର): ଜଣଙ୍କ ପଟ୍ଟା ଜମି ଓ ଘର ଅନ୍ୟ ଜଣଙ୍କ ବେଆଇନ କବଜାରେ। ପ୍ରଶାସନର ନିର୍ଦ୍ଦେଶ ସତ୍ତ୍ୱେ ଜାଗା ଖାଲି କରୁନି ଜବରଦଖଲକାରୀ ଜଣକ। ଖାଲି କରିବାକୁ କହିଲେ ଓଲଟା ଧମକ ଦେଉଛି ଜବରଦଖଲକାରୀ ଜଣକ। ଏଭଳି ଅଭିଯୋଗ ଅସିଛି କନ୍ଧମାଳ ଜିଲ୍ଲା ଚକାପାଦ ଅଂଚଳରୁ।

ଅଭିଯୋଗ ପ୍ରକାରେ, ସୁଶାନ୍ତ କୁମାର ନାୟକ, ପିତା- ସ୍ୱର୍ଗତ-ତ୍ରିନାଥ ନାୟକ, ଗ୍ରାମ- ଗାଲେରୀ, ଜିଲ୍ଲା-ଗଞ୍ଜାମ ନାମକ ଜନୈକ ସରକାରୀ କର୍ମଚାରୀଙ୍କ ନାମରେ କନ୍ଧମାଳ ଜ୍ଲିଲ୍ଲା ଚକାପାଦ ମୌଜାରେ ଖାତା ନମ୍ବର -୨୪୯/୩୩୧ ପ୍ଲଟ ନମ୍ବର ୧୭୧୭/୩୧୨୩, ଏରିଆ ୦.୧୨୦ ଆର, ଘରବାରୀ କିସମରେ ରେକର୍ଡଭୁକ୍ତ ଅଛି। ଉକ୍ତ ଜାଗା ଉପରେ ସୁଶାନ୍ତଙ୍କ ଅନୁପସ୍ଥିତର ସୁଯୋଗ ନେଇ ଚକାପାଦ ଅଂଚଳର ଖଗେଶ୍ୱର ପାତ୍ର ପିତା- ସ୍ୱର୍ଗତ ଆନନ୍ଦ ପାତ୍ର ଏବଂ ତାଙ୍କର ଚାରିପୁଅ, ଚାରି ବୋହୁ ମିଶି ବଳ ପୂର୍ବକ ଉକ୍ତ ଘରବାରିକୁ ଦୀର୍ଘ ବର୍ଷ ଧରି ଜବରଦସ୍ତ ବେଆଇନ ଭାବରେ ମାଡି ବସିଛନ୍ତି। ଏନେଇ ସୁଶାନ୍ତ ନାୟକ ଉପ-ଜିଲ୍ଲାପାଳ, ବାଲିଗୁଡ଼ାଙ୍କୁ ଜଣାଇଥିଲେ ଏବଂ ଉପଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାସହ କାଗଜପତ୍ରକୁ ତନ୍ନ ତନ୍ନ କରି ଯାଂଚ୍ କରିବାପରେ ଏହି ଜାଗା ସୁଶାନ୍ତଙ୍କର ବୋଲି ରାୟ ଦେବା ସହ ତୁରନ୍ତ ଜବରଦଖଲକାରୀଙ୍କୁ ଉକ୍ତ ସ୍ଥାନରୁ ଉଚ୍ଛେଦ କରି ଜାଗା ହସ୍ତାନ୍ତର କରିବା ଲାଗି (ଓଏଲଆର, ଧାରା ୨୩ଏ କେସ ନମ୍ବର ୦୧/୨୦୧୯ ଅନୁଯାୟୀ ପତ୍ର ସଂଖ୍ୟା - ୩୬୧୩ ତାରିଖ-୦୨-୧୨-୨୦୨୦) ଅନୁଯାୟୀ ଚକାପାଦ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ, ଚକାପାଦ ତହସିଲଦାରଏ ନେଇ ସେଭଳି କିଛି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଅଭିଯୋଗ ହୋଇଛି। ତତ୍ପେ ବାରମ୍ବାର ଅଭିଯୋଗ ପରେ ଜବରଦଖଲକାରୀଙ୍କୁ ସୁହାଇଲା ପରି ତହସିଲଦାର ପତ୍ର ସଂଖ୍ୟା. ୭୦୫ ତା-୦୨-୦୩-୨୦୨୧ ରେ ତା.୧୫-୦୩-୨୦୨୧ ରିଖ ଧାର୍ଯ୍ୟ କରି ଉପର ଠାଉରିଆ ଭାବେ ଉଚ୍ଛେଦ କଲେ। କିନ୍ତୁ, କୋଭିଡ କଟକଣା ଯୋଗୁ ଜାଗା ମାଲିକ ସୁଶାନ୍ତ ନାୟକ ଘରକୁ ତାଲା ପକାଇ ଚାଲିଯାଇଥିଲେ। ତାଲା ପଡିଥିବାର ସୁଯୋଗ ଉଣ୍ଡି ଜବରଦଖଲକାରୀ ମାନେ ପୁଣି ସୁଶାନ୍ତଙ୍କ ଘରର ତାଲା ଭାଙ୍ଗି ଅକ୍ତିଆର କରିଆସୁଛନ୍ତି। ଏ ନେଇ ଜାଗା ମାଲିକ ଶ୍ରୀ ନାୟକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାରୁ ଜବରଦଖଲକାରୀ ଫୁଲବାଣୀ ସ୍ଥିତ ଅତିରିକ୍ତ ଜିଲ୍ଲାପାଳଙ୍କ କୋର୍ଟରେ, ବାଲିଗୁଡା ଉପ-ଜିଲ୍ଲାପାଳ କରିଥିବା ଆଦେଶ ବିରୋଧରେ ଆବେଦନ କରିଥିଲା। ଏଡ଼ିଏମ ସମସ୍ତ ବିଷୟ ଯାଂଚ୍ ପରେ ଶ୍ରୀ ନାୟକଙ୍କ ସପକ୍ଷରେ (ଆରଏଏମ ନଂ ୦୨/୨୦୨୧-ଓଏଲ ଆର-୨୩) ରେ ରାୟ ଶୁଣାଇଥିଲେ। କିନ୍ତୁ, ସୁଶାନ୍ତ ନାୟକ ଅତିରିକ୍ତ ଜିଲ୍ଲାପାଳ କନ୍ଧମାଳଙ୍କ ନିର୍ଦ୍ଦେଶନାମାର ନକଲ ନେଇ ଜାଗାକୁ ଯିବାରୁ ଜବରଦଖଲକାରୀ ମାନେ ତାଙ୍କୁ ବିଭିନ୍ନ ମାରଣାସ୍ତ୍ର ଧରି ଜାଗା ଛାଡି ଚାଲି ଯିବାକୁ ଧମକ ଦେଇଥିଲେ। ଏହି ଭୟରେ ସେ ଯାଇ ଚକାପାଦ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରି ନ୍ୟାୟ ମାଗିଥିଲେ। ଅଭିଯୋଗ ନଂ. ୨୮ ତା-୦୭-୦୫-୨୦୨୨ ରୁ ଜଣାପଡିଛି। ଅଭିଯୋଗ କରିବାର ଏକ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ବି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗକାରୀ ସୁଶାନ୍ତ କହିଛନ୍ତି। ଏ ନେଇ ସୁଶାନ୍ତ କନ୍ଧମାଳ ଜିଲ୍ଲାପାଳ ଏବଂ ଏସପି, କନ୍ଧମାଳଙ୍କୁ ଗୁହାରି ଜଣାଇଛନ୍ତି, କିନ୍ତୁ ସୁଫଳ ମିଳୁନି । ଯଦି ଜଣେ ସରକାରୀ କର୍ମଚାରୀଙ୍କୁ ନ୍ୟାୟ ମିଳୁନି ଗରିବ ଗୁରୁବାଙ୍କ କଥା ପଚାରେ କିଏ ? ଏହି ଆଇନର ଲମ୍ବା ଲଢେଇରେ ସୁଶାନ୍ତଙ୍କୁ ନ୍ୟାୟ ମିଳିବ ତ ? ଏହାକୁ ନେଇ ଏବେ ଚର୍ଚ୍ଚା ହେଉଛି। ସୁଶାନ୍ତଙ୍କୁ ନ୍ୟାୟ ନ ମିଳିଲେ ପରିବାର ଲୋକେ ବାଧ ହୋଇ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବାକୁ ବାଧ ହେବେ ବୋଲି କହିଛନ୍ତି। ତତ୍ପେ ସୁଶାନ୍ତଙ୍କୁ କେବେ ନ୍ୟାୟ ମିଳୁଛି ତାହା ଦେଖିବାର କଥା ? କେବଳ ସୁଶାନ୍ତ ଏକା ନୁହଁନ୍ତି, ସୁଶାନ୍ତଙ୍କ ଭଳି ଅନେକ ଲୋକଙ୍କ ପଟ୍ଟା ଜମି ଜବରଦଖଲକାରୀଙ୍କ କବଜାରେ ରହିଛି, ଆଉ ସେମାନେ ନ୍ୟାୟ ପାଇଁ ଆଇନ ଅଦାଲତର ବୁଢିଆଣୀ ଜାଲରେ ଛନ୍ଦି ହୋଇପଡିଛନ୍ତି।

# ତୁମୁଡିବନ୍ଧ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

କନ୍ଧମାଳ ,୧୩/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ରେ ସବୁ ବର୍ଷ ବହୁ ଆଡ଼ମ୍ବର ପୂର୍ଣ୍ଣ ଭାବେ ରଥଯାତ୍ରା ପାଳିତ ହୋଇଆସୁଛି। କରୋନା ସଂକ୍ରମଣ ଯୋଗୁଁ ଦୁଇ ବର୍ଷ ରଥଯାତ୍ରା ଆଡ଼ମ୍ବର ପୂର୍ଣ୍ଣ ଭାବେ ପାଳିତ ହୋଇ ପାରୁନଥିଲା । ବର୍ତ୍ତମାନ କରୋନା କଟକଣା ନଥିବା ହେତୁ କିପରି ଶୃଙ୍ଖଳା ଭାବରେ ରଥଯାତ୍ରା ପାଳନ କରାଯିବ ସେଥି ନିମନ୍ତେ ଆଜି ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ର ସଭାପତି ଲକ୍ଷ୍ମୀଧର ସାହୁଙ୍କ ଅଧ୍ୟକ୍ଷତା ରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ । ଏହି ବୈଠକ ରେ କିପରି ଜଗନ୍ନାଥ ଙ୍କର ମହା ପର୍ବ ରଥଯାତ୍ରା ପାଳିତ ହେବ ସେ ନେଇ ଆଲୋଚନା ହୋଇଥିଲା ଏହି ବୈଠକ ରେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ରାମକୃଷ୍ଣ ପାଢ଼ୀ,ସମିତି ସଭ୍ୟ ପ୍ରତିନିଧି ସିମାଂଚଳ ବେହେରଦଳାଇ, ସରପଂଚ ପ୍ରତିନିଧି ଧ୍ରୁବେନ୍ଦ୍ର ନାୟକ, ବରିଷ୍ଠ କର୍ମୀ ଖଗେଶ୍ୱର ମାନସେଠ, ଉମେଶ ଦଣ୍ଡସେନା,ନୀଳାଂଚଳ ପାଢ଼ୀ, ସମସ୍ତ ବ୍ରାହ୍ମଣ ସମୂହ, ସମସ୍ତ ଜଗନ୍ନାଥ ମନ୍ଦିର ପରିଚାଳନା ସଦସ୍ୟ, ତୁମୁଡିବନ୍ଧ ବଜାର ବଣିକ ସଂଘ ମାନଙ୍କୁ ଦ୍ୱାରା ଅନୁଷ୍ଠିତ ହୋଇଥିଲା

# ଭିତ୍ତିଭୂମିର ଅଭାବ: ଗଛ ମୂଳରେ ଚାଲିଛି ପାଠପଢ଼ା

ଜୟପୁର, ୧୨ ଜୁନ୍ (ହି.ସ.)- ପ୍ରତ୍ୟୋକ ବର୍ଷ ଶିକ୍ଷା ଏବଂ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ଉପାନ୍ତ ଓ ଦୁର୍ଗମ ଅଞ୍ଚଳ ପାଇଁ ରାଜ୍ୟ ସରକାର ଅନେକ ଯୋଜନା ଆଣୁଛନ୍ତି, କିନ୍ତୁ ଆଜିବି କୋରାପୁଟ ଭଳି ଆଦିବାସୀ ବହୁଳ ଜିଲ୍ଲାରେ ସରକାରଙ୍କ ସମସ୍ତ ଯୋଜନା ଫେଲ ମାରିଛି। ଯାହା ଫଳରେ କୋରାପୁଟ ଜିଲ୍ଲାରେ ଅନେକ ଦୁର୍ଗମ ଗାଁର ପିଲାଙ୍କ ଭବିଷ୍ୟତ ଅନ୍ଧାରରେ ରହିଛି। ଖୋଲା ଆକାଶ ତଳେ ଚାଲିଛି କୁନି କୁନି ଶିଶୁଙ୍କର ଭବିଷ୍ୟତ ଗଢ଼ା। ଏ ହେଉଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କୁମୁଲି ପଚାଂୟତର ପରଜାପାତ୍ରପୁଟ ଗ୍ରାମ। ଯୋଉଠି ଆଦିବାସୀ ଗରିବ ନିରୀହ କୁନି କୁନି ଶିଶୁ ମାନଙ୍କ ଉପରେ ଦୃଷ୍ଟି ପଡୁନି ପ୍ରଶାସନର। ଗଛ ମୂଳରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର। ଏହି ଗ୍ରାମରେ ଶିକ୍ଷାଦାନ କରିବା ନିମନ୍ତେ ଅଙ୍ଗନବାଡ଼ି କର୍ମୀ ଅଛନ୍ତି। ଶିକ୍ଷା ଗ୍ରହଣ କରିବା ନିମନ୍ତେ ଛାତ୍ର ବି ରହିଛନ୍ତି, ହେଲେ ଅଙ୍ଗନବାଡି ଗୃହଟେ ନାହିଁ। ଏହି ଅଙ୍ଗନବାଡି କେନ୍ଦ୍ରରେ ୫୧ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ୧୧ରୁ ଉର୍ଦ୍ଧ ପ୍ରସୂତି ମହିଳା ଏବଂ ୧୧ ଜଣ ଗର୍ବବତୀ ମହିଳା ରହଛନ୍ତି। ଏପରି ଭାବରେ ୧୦୦ ରୁ ଉର୍ଦ୍ଧ ହିତାଧିକାରୀ ଏହି କେନ୍ଦ୍ରରୁ ଅଣ୍ଡା, ଛତୁଆ ଏବଂ ଅନ୍ୟାନ୍ୟ ପୃଷ୍ଟିକର ଖାଦ୍ୟ ପାଉଛନ୍ତି। ଅଙ୍ଗନବାଡି କେନ୍ଦ୍ରଟି ୪ ବର୍ଷରୁ ଉର୍ଦ୍ଧ ସମୟ ହେବ ଭଙ୍ଗାଦଦରା ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି ଯୋଉଥି ପାଇଁ ଅଙ୍ଗନଓ୍ୱାଡି କର୍ମୀ କୁନି କୁନି ଶିଶୁଙ୍କୁ ବର୍ଷା କାଳ। ଅଙ୍ଗନବାଡି ହେଲ୍ପର ଘର ବାରଣ୍ଡାରେ ଶିକ୍ଷା ଦାନ କରୁଥିଲେ। ପରବର୍ତ୍ତୀ ସମୟରେ ଏଥିପାଇଁ ଆପତି କରିବାରୁ ବର୍ତ୍ତମାନ ନିକଟସ୍ଥ ବିଦ୍ୟାଳୟର ବାହାରେ ଗଛ ମୂଳରେ ଚାଲଛି ଶିକ୍ଷାଦାନ।

ହେଲେ ଦୁଃଖ ଏବଂ ପରିତାପର ବିଷୟ ଯେ, ରାଜ୍ୟ ସରକାର ଆଦିବାସୀ ଅଂଚଳରେ ବିକାଶ ନିମନ୍ତେ ମାଳ ମାଳ ଯୋଜନା ଆଣୁଥିବା ବେଳେ ଯୋଜନା ଲୋକଙ୍କ ପାଖକୁ ପହଁଚିଲା ବେଳକୁ ଉଭାନ ହେଇଯାଉଛି। ସ୍ୱାଧୀନତାର ୭୫ ବର୍ଷ ବିତିଗଲାଣି ହେଲେ ଆଜିବି ଶିକ୍ଷା ପାଇଁ ଭିତିଭୂମିର ଅଭାବ ଯୋଗୁ ଖୋଲା ଆକାଶ ତଳେ ଚାଲିଛି ଶିକ୍ଷାଦାନ। ଦୀର୍ଘ ୫ ବର୍ଷ ଧରି ବ୍ଲକ ପ୍ରଶାସନକୁ ଏବଂ ଆଇସିଡିଏସ ଅଧିକାରୀଙ୍କୁ ଏହି ପର୍ଜା ପାତ୍ରପୁଟ ଅଙ୍ଗନବାଡି କେନ୍ଦ୍ରର ସମସ୍ୟା ବିଷୟରେ ବାରମ୍ବାର ଜଣାଉଥିଲେ ମଧ ପ୍ରଶାସନ ଏଥିପ୍ରତି ଧାନ ଦଉନାହାନ୍ତି। କେଉଁଥି ପାଇଁ କୁନି କୁନି ଶିଶୁଙ୍କ ଭବିଷ୍ୟତ ସହ ଖେଳା ଯାଉଛି କେଉଁଠି ଅପପୃଷ୍ଟିର ଶିକାର ହେଉଛନ୍ତି ତ କେଉଁଠି ଭିତିଭୂମିର ଅଭାବ ଯୋଗୁ ଶିକ୍ଷା ଏବଂ ବିଭିନ୍ନ ପ୍ରକାର ଖେଳକୁଦରୁ ବଂଚିତ ହେଉଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଜିଲ୍ଲା ପ୍ରଶାସନ ହେଉ କିମ୍ବା ସରକାର ଏଥିପ୍ରତି ଦୃଷ୍ଟି ଦେଇ, ଆଗାମୀ ଦିନର ଭବିଷ୍ୟତ ଏହି କୁନି କୁନି ଶିଶୁମାନଙ୍କ ପଠପଢା ନିମନ୍ତେ ଉତମ ଭିତିଭୂମି ପ୍ରଦାନ କରିବା ନିହାତି ଜରୁରୀ ହୋଇପଡିଛି।

# ମାସିକ ରଚନା ସଂଧ୍ୟା କାର୍ଯ୍ୟକ୍ରମରେ ଆମ ବଲାଙ୍ଗିର, ଆମ ଦାୟିତ୍ୱ ଶୀର୍ଷକ ଆଲୋଚନାଚକ୍ର

ବଲାଙ୍ଗିର,୧୩/୦୬ (ନି.ପ୍ର): ସ୍ଥାନୀୟ ଗାନ୍ଧୀ ଭବନରେ ଗତକାଲି ସଂଧାରେ ମାସିକ ରଚନା ସଂଧା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । 'କୋଶଳ ପ୍ରବାହ'ର ସଂପାଦକ ତଥା କବି ଆନନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'ଆମ ବଲାଙ୍ଗିର, ଆମ ଦାୟିତ୍ୱ' ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିବା ବେଳେ ଏଥିରେ ଅତିଥି ବକ୍ତା ଭାବରେ ଯୁବ ସାମ୍ବାଦିକ ବିରେନ୍ଦ୍ର କୁମାର ଝାଙ୍କର, ଆଦର୍ଶ ଶିକ୍ଷୟିତ୍ରୀ ତଥା ସାହିତ୍ୟ ସାଧିକା କସ୍ତୁରୀ ରଥ, ନେତାଜୀ ସଂଗ୍ରାମୀ ପରିଷଦର ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଓ ବଲାଙ୍ଗିର ନାଗରିକ କମିଟିର ସଭାପତି ବେଲାର ସିଂ ଭୋଇ ଯୋଗଦେଇ ନିଜ ନିଜର ସୁଚିନ୍ତିତ ମତାମତ ରଖିଥିଲେ । ବଲାଙ୍ଗିର ସହରରେ ଲାଗି ରହିଥିବା ନାନା ପ୍ରକାର ସମସ୍ୟା ଓ ଏହାର ସମାଧାନ ସଂପର୍କରେ ଅତିଥି ବକ୍ତାମାନେ ବକ୍ତବ୍ୟ ରଖିଥିବା ବେଳେ ସହର ପ୍ରତି ସମସ୍ତଙ୍କ ଆତ୍ମୀୟତା ଭାବ ରଖିଲେ ସମସ୍ୟା ସମାଧାନର ବାଟ ଫିଟିବ ବୋଲି ମତଦେଇ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ଶ୍ରୋତାଙ୍କ ମଧରୁ ଦତାନନ୍ଦ ପଣ୍ଡା ଏବଂ ମନୋରଞ୍ଜନ ସାହୁ ମତାମତ ପ୍ରଦାନ କରି ସାମାଜିକ ନେତୃତ୍ୱ ଓ ପ୍ରତ୍ୟେକ ସଂଗଠନ ଅନୁଷ୍ଠାନ ନିଜ ନିଜ କ୍ଷେତ୍ରରେ ଆନ୍ତରିକତାର ସହ କର୍ଯ୍ୟକରିଲେ ସମସ୍ୟା ସମାଧାନର ବାଟ ଖୋଲିବ ବୋଲି ମତ ଦେଇଥିଲେ । ସଭାପତି ଶ୍ରୀ ସାହୁ ନିଜର ସଭାପତିତ୍ୱ ଅଭିଭାଷଣ ପ୍ରଦାନ ପରେ ଧନ୍ୟବାଦ ଅର୍ପଣ କରିଥିଲେ କବି ରତ୍ନମୟ ତ୍ରିପାଠୀ । ସୁସାହିତ୍ୟିକ ଡ. ଲକ୍ଷ୍ମଣ କୁମାର ମେହେର ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୁଷ୍ପାଞ୍ଜଳି ମିଶ୍ର, ଅନୁପ୍ରୀୟ ମିଶ୍ର, ନାଟ୍ୟ ଭୁଷଣ ଜଗଦାନନ୍ଦ ଛୁରିଆ, ସନାତନ ଠାକୁର, ପ୍ରଦୀପ ପଣ୍ଡା, ସରଦିନ୍ଦୁ ହୋତା, ଚିତରଂଜନ ଦାଶ, ରାମ ଭକ୍ତ ଫରିକାର ସମେତ ବହୁ ବୁଦ୍ଧିଜୀବୀ ଏଥିରେ ଯୋଗଦେଇଥିଲେ।

# ଦେଓଗାଁ କୁଶଳେଶ୍ୱର ଶିବ ମନ୍ଦିରରୁ ଚୋରି ଘଟଣା

## ୧୩ ଦିନ ବିତିଲା: ଚୋରଙ୍କ ଟେର୍ ପାଉନି ପୋଲିସ

ଘସିପୁରା,୧୩/୦୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ଦେଓଗାଁ ସ୍ଥିତ ସର୍ବପୁରାତନ ଶୈବ ପୀଠ କୁଶଳେଶ୍ୱର ମନ୍ଦିରରୁ ଚୋରି ଘଟଣାର ୧୩ ଦିନ ପରେ ବି ଚୋରଙ୍କ ଟେର୍ ପାଉନି ପୋଲିସ। ଫଳରେ ମନ୍ଦିରରୁ ଚୋରି ହୋଇଥିବା ଶ୍ରୀ ଚନ୍ଦ୍ରଶେଖରଙ୍କ ୧୦ କେଜିରୁ ଉର୍ଦ୍ଧ୍ୱ ଓଜନର ଚାନ୍ଦି ରୂପାର ଚଳନ୍ତି ପ୍ରତିମାକୁ ଅଦ୍ୟାବଧି ଉଦ୍ଧାର କରାଯାଇପାରିନାହିଁ । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ପୋଲିସର କାର୍ଯ୍ୟଦକ୍ଷତା ଉପରକୁ ଅଙ୍ଗୁଳି ଉଠାଇଛନ୍ତି ଅଂଚଳବାସୀ । ଏନେଇ ଘସିପୁରା ଥାନା ଅଧିକାରୀ ଶ୍ୟାମଘନ ବେହେରାଙ୍କ ପ୍ରତିକ୍ରିୟା ନେବାରେ ସେ କହିଛନ୍ତି ଯେ, ପୋଲିସ ଘଟଣାରେ ୪ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିଲା, ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ସର୍ତ୍ତମୂଳକ ଭାବେ ଛାଡିଛି। ତେବେ ସମ୍ପୃକ୍ତ ଦୁଇ ଜଣଙ୍କ ଗତିବିଧି ଉପରେ ନଜର ରଖାଯାଇଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି। ଅନ୍ୟପକ୍ଷରେ ମନ୍ଦିରର ନିର୍ବାହୀ ଅଧିକାରୀ ଉମାକାନ୍ତ ବେହେରାଙ୍କୁ ଏ ବାବଦରେ ପଚାରିବାରୁ ମୂର୍ତ୍ତି ଚୋରି ସମ୍ପର୍କରେ ପୋଲିସକୁ କିଛି ତଥ୍ୟ ମିଳିଥିବା ସେ କହିଛନ୍ତି । ସେହିପରି ଚୋରି ହୋଇଥିବା ଶ୍ରୀ ଚନ୍ଦ୍ରଶେଖରଙ୍କ ଚଳନ୍ତି ପ୍ରତିମା ସ୍ଥାନରେ ବରଣି କରି ଆଣିଥିବା ଏକ ଗୁଆ ରଖାଯାଇ ପୂଜକ ନୀତିକାନ୍ତି ଚାଲୁ ରଖିଥିବା ଶ୍ରୀ ବେହେରା କହିଛନ୍ତି । ସ୍ଥାନୀୟ ଲୋକ ନିଜ ପ୍ରତିକ୍ରିୟାରେ ଏଭଳି ଚୋରି ଘଟଣା ଭକ୍ତଙ୍କ ଭାବାବେଗକୁ ଆଘାତ ଦେଇଛି । ପୋଲିସର ତଦନ୍ତ ପ୍ରକ୍ରିୟାରେ ଶିଥିଳତା ଯୋଗୁଁ ଚୋରମାନଙ୍କୁ ଧରିବା ଓ ଚୋରି ମୂର୍ତ୍ତି ଉଦ୍ଧାରରେ ବିଳମ୍ବ ହେଉଥିବା ସେମାନେ କହିଛନ୍ତି ।

ପ୍ରକାଶ ଥାଉକି, ଗତ ୩୧ ତାରିଖ ବିଳମ୍ବିତ ରାତିରେ ଏହି ସର୍ବପୁରାତନ କୁଶଳେଶ୍ୱର ମନ୍ଦିରରୁ ଚୋରି ହୋଇଥିଲା । ଚୋରମାନେ ମନ୍ଦିରର ମୁଖ୍ୟ ଫାଟକ ତାଲା ଭାଙ୍ଗି ଭିତରେ ପଶିବା ସହ ଶ୍ରୀ ଚନ୍ଦ୍ରଶେଖରଙ୍କ ଚାନ୍ଦି ରୂପାର ଚଳନ୍ତି ପ୍ରତିମା ଚୋରି କରିନେଇଥିଲେ । ଏହି ପୁରାତନ ମୂର୍ତ୍ତିର ଓଜନ ୧୦ କେଜିରୁ ଉର୍ଦ୍ଧ୍ୱ ହେବ । ଯାହାର ଆନୁମାନିକ ମୂଲ୍ୟ ଆନ୍ତର୍ଜାତିକ ବଜାରରେ ପ୍ରାୟ ୨୦ ଲକ୍ଷ ହେବ । ଘଟଣା ପରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏନେଇ ଘସିପୁରା ଥାନାରେ ଏତଲା ହୋଇଥିଲା । ଏତଲାକୁ ଭିତି କରି ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜ୍ଜୁ କରିବା ସହ ଘଟଣାର ତଦନ୍ତ ଜାରୀ ରଖିଛି । ତେବେ ଅଦ୍ୟାବଧି ଚୋରୀ ମୂର୍ତ୍ତିକୁ ଉଦ୍ଧାର କିମ୍ବା ଚୋର ମାନଙ୍କୁ ଧରିବାରେ ପୋଲିସ ସଫଳ ହୋଇପାରିନି ।

# ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗିର,୧୩/୦୬ (ନି.ପ୍ର): ପଶ୍ଚିମ ଓଡିଶା ପ୍ରଥମ ଆଦିବାସୀ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କୁ ବଲାଙ୍ଗିର ବ୍ଲକ ଆଦିବାସୀ କଲ୍ୟାଣ ସଂଘ ତରଫରୁ ଡୁଡୁକାଶିରା ଗ୍ରାମରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ଏହି ସମ୍ବର୍ଦ୍ଧନା ସଭାରେ କାର୍ଯ୍ୟକାରୀ ସଭାପତି ମୁରଲିଧର ମଲ୍ଲିକ, ପାକଲା କୁମୁରା, ସୀତାରାମ ଧରୁଆ, ବନଲତା ମାଝି, ଝାଙ୍କରପାଲି ସରପଂଚ ବୃନ୍ଦାବତୀ ବେହେରା, ବଳବନ୍ତ ଧରୁଆ, ଦିଲିପ ଭୋଇ, ହରିବନ୍ଧୁ ଧରୁଆ ଉପସ୍ଥିତ ରହି ସାଂସଦ ଶ୍ରୀ ବିଶିଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଗ୍ରାମର ଆବାଳ ବୃଦ୍ଧ ବନିତା ଉପସ୍ଥିତ ରହି ଖୁସିବ୍ୟକ୍ତ କରିଥିଲେ ।

# ନୂଆପଡା ଜିଲ୍ଲା ଶ୍ରମିକ ମହାସଙ୍ଘର ବୈଠକ

ନୂଆପଡ଼ା,୧୩/୦୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ଶ୍ରମିକ ମହାସଙ୍ଘ ର ଆବାହକ ଶ୍ରୀ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ମହାସଙ୍ଘ ର କୋର୍ ଟିମ ର ଏକ ଜରୁରୀ ବୈଠକ ଦୋହେଲ ପଡ଼ା ସ୍ଥିତ ନିଖିଳ ଓଡ଼ିଶା ଚାଷୀ ମୂଲିଆ ସଙ୍ଘ ର କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି ।ଜିଲ୍ଲା ସ୍ତରରେ ଶ୍ରମ ବିଭାଗ ଠାରୁ ନେଇ ଜିଲ୍ଲାପାଳ ପର୍ଯ୍ୟନ୍ତ ଜିଲ୍ଲାର ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା କୁ ନେଇ ଦୀର୍ଘ ଦିନ ଧରି ଅନେକ ଆନ୍ଦୋଳନ, ଆଲୋଚନା, ଦାବିପତ୍ର ପ୍ରଦାନ କରିଥିଲେ ମଧ କୌଣସି ସୁଫଳ ମିଳିପାରିଲା ନାହିଁ କିମ୍ବା କୌଣସି ସମସ୍ୟାର ସମାଧାନ ହୋଇପାରିଲା ନାହିଁ ।ଏହା ଉପରେ ବୈଠକରେ ବିଚାର ବିମର୍ଷ ହେଲାପରେ ମହାସଙ୍ଘ ତରଫରୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆଗାମୀ ଏକ ସପ୍ତାହ ଭିତରେ ଭୁବନେଶ୍ୱର ଯାଇ ସରକାର ସ୍ତର ରେ ତୁରନ୍ତ ହସ୍ତକ୍ଷେପ ପାଇଁ ନିବେଦନ କରାଯିବ ।ଦାଦନମୁକ୍ତ ନୂଆପଡା ଜିଲ୍ଲା,ମନରେଗା ପାଉଣା, ମାନରେଗାରେ ଶ୍ରମ ଭିତିକ କାମ ଯୋଗାଣ,ବକେୟା ପଡିରହିଥିବା ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ସହୟତା ପ୍ରଦାନ,ଜିଲ୍ଲା ଶ୍ରମ କାର୍ଯ୍ୟାଳୟ କୁ ଜିଲ୍ଲା ହେଡକ୍ୱାର୍ଟର କୁ ସ୍ଥାନାନ୍ତରଣ ଇତ୍ୟାଦି ଦାବି କୁ ରାଜ୍ୟ ସରକାରଙ୍କ ଯଥଯାଥ ଅଧିକାରୀ ଙ୍କ ସମ୍ମୁଖରେ ଦାବିପତ୍ର ଉପସ୍ଥାପନ ସହିତ ଆଲୋଚନା କରି ତୁରନ୍ତ ସମାଧାନ ପାଇଁ ଦାବୀ କରାଯିବ। ନଚେତ ଜିଲ୍ଲା ସ୍ତରରେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ମାଧମରେ ହାସଲ କରିବାପାଇଁ ପରବର୍ତ୍ତୀ କାର୍ଯ୍ୟପନ୍ଥା ପ୍ରସ୍ତୁତ କରାଯିବା ପାଇଁ ନିଷ୍ପତି ନିଆହୋଇଛି । ଦାଦନ ପ୍ରବଣ ଶ୍ରମିକ ସମସ୍ୟା ବହୁଳ ଜିଲ୍ଲାର ଶ୍ରମିକ ମାନଙ୍କ ସମସ୍ୟା ସମାଧାନରେ ପ୍ରଶାସନିକ ଓ ସରକାରୀ ଅବହେଳା ବିରୁଦ୍ଧରେ ଜିଲ୍ଲାର ଶ୍ରମିକ ନେତା ମାନେ ଘୋର ଉଦବେଗ ପ୍ରକାଶକରିବା ସହିତ ଅସନ୍ତୋଷ ଜାହିର କରିଥିଲେ ।ଏହି ବୈଠକରେ ଶ୍ରମିକ ନେତା ସର୍ବଶ୍ରୀ କେଶବ ବେହେରା, ଶୁକ୍ଳାମ୍ବର ନିଆଲ, ପ୍ରଦୀପ ଦଣ୍ଡସେନା,ଅନିରୁଦ୍ଧ ନାଗ, ସୁଖଦେବ ସାହୁ, ଜ୍ଞାନରଞ୍ଜନ ସାହୁ, ଭକ୍ତବନ୍ଧୁ ଧରୁଆ, ଅଜୟ ଧରୁଆ, ପରମା ହଂସ, ଶ୍ରୀନିବାସ ବେହେରା, ଚୈତନ୍ୟ ତାଣ୍ଡି , ଟିକେଚନ୍ଦ୍ର ବାଗ, ଅନିରୁଦ୍ଧ ହଂସ ପ୍ରମୁଖ ସାମିଲ ହୋଇଥିଲେ।

# ୟୁନାଇଟେଡ଼ ବିଲଟ୍ ସେବା ୱାରକରସ୍ ୟୁନିୟନର ବାର୍ଷିକ ଅଧିବେଶନ ଅନୁଷ୍ଠିତ

ଜୟପୁର ,୧୩/୦୬ (ନି.ପ୍ର): ଜୟପୁର ସ୍ଥିତ ଟାଉନ ହୋଲ୍ ଠାରେ ଭାରତୀୟ ମଜଦୁର ସଂଘ ସମ୍ବନ୍ଧିତ ୟୁନାଇଟେଡ଼ ବିଲଟ୍ ସେବା ୱାରକରସ୍ ୟୁନିୟନର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବ ଦିନରେ ୟୁନିୟନର ଯେଉଁ କାର୍ଯ୍ୟକ୍ରମ ହୋଇଥିଲା ସେହି ବିଷୟରେ ହିଁ ଆଲୋଚନା କରାଯାଇଛି ।ଏହି କାର୍ଯ୍ୟକ୍ରମରେ କେ. ତ୍ରିପତି ପାତ୍ର ସଭାପତିତ୍ୱ କରିଥିଲେ। ଏହି ଅଧିବେଶନରେ ମୂଖ୍ୟ ଅତିଥି ରୂପେ ସୁଧାଂଶୁ କୁମାର ପାଢ଼ୀ ଯୋଗ ଦେଇଥିଲେ। ମୂଖ୍ୟ ବକ୍ତା ବିରଂଚି ନାରାୟଣ ଷଡ଼ଙ୍ଗୀ ଜିଲ୍ଲା ବି. ଏମ୍. ସି. ସମ୍ପାଦକ ଏ. ଭିମା ରାଓ, ଜିଲ୍ଲା ବି. ଏମ୍. ସି. ଅଧକ୍ଷ ସମ୍ମାନୀୟ ଅତିଥି ରୂପେ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ବିରଂଚି ନାରାୟଣ ଷଡ଼ଙ୍ଗୀ ଭାରତୀୟ ମଜଦୁର ସଂଘର ଆଦର୍ଶ ବିଷୟରେ ମାର୍ଗଦର୍ଶନ କରିଥିଲେ। ଏବଂ ଜୟପୁର ପେପର୍ ମିଲ୍ ପୁଣିଥରେ କାର୍ଯ୍ୟକ୍ଷମ ହେବା ନେଇ କହିଥିଲେ ।ମୁଖ୍ୟ ଅତିଥି ସୁଧାଂଶୁ ପାଢ଼ୀ ଭାରତୀୟ ମଜଦୁର ସଂଘର ସ୍ଥାପନା ଏବଂ କାର୍ଯ୍ୟକ୍ଷମ ବିଷୟରେ କର୍ମୀ ମାନଙ୍କୁ ଅବଗତ କରାଇଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ମଙ୍ଗଳବାର, ଜୁନ୍ ୧୪, ୨୦୨୦

# ବନସ୍ତେ ଡାକିଲା ଗଜ..

## ଆମରି ରଜ ପର୍ବ





ରମେଶ ଚନ୍ଦ୍ର ନାୟକ
କେଶରପୁର , ବକ୍ସି ବଜାର , କଟକ
ମୋ :- ୭୯୭୮୧୫୧୭୧୦

ବର୍ଷର ଛ' ଋତୁରେ ପ୍ରକୃତିର ବିବିଧ ପରିବର୍ତ୍ତନକୁ ମାନବ ଜାତି ବିଭିନ୍ନ ପର୍ଯ୍ୟାୟରେ ସ୍ୱାଗତ କରିଥାଏ । ଋତୁଚକ୍ରକୁ ନେଇ ଜୀବନ ଚକ୍ର ପରିଚାଳନା କରିବା ହିଁ ଭାରତୀୟ ସଂସ୍କୃତିର ଆଧାର । ଏହି କ୍ରମରେ ଭାବ , ପ୍ରେମ ଓ ସୃଷ୍ଟି ଆମନ୍ତ୍ରଣକାରୀ ବର୍ଷା ଋତୁକୁ ମଧ ସ୍ୱାଗତ କରାଯାଏ ।ରୁକ୍ଷ ନିଦାଘରେ ଅତିଷ୍ଠ , ସନ୍ତାପିତ ଜୀବନକୁ ଟୋପାଏ ବର୍ଷା ଯେପରି ସଞ୍ଜୀବନୀର ସ୍ୱର୍ଶ ଦିଏ । ଖରାତାତିରେ ଫାଟି ଆଁ କରିଥିବା ମାଟିର ଛାତିରେ ବର୍ଷାର ଟୋପା ଭରିଦିଏ ସର୍ଜନାର ଅଫୁରନ୍ତ ସମ୍ଭାବନା । ଆକାଶ ଓ ପୃଥିବୀର ଏହି ଅନନ୍ୟ ମିଳନ ପର୍ବରେ ପାଳିତ ହୁଏ ରଜ ଉତ୍ସବ ।

ରଜ ହେଉଛି ଓଡ଼ିଶାର ଏକ ପାରମ୍ପାରିକ ଗଣପର୍ବ । ଗ୍ରୀଷ୍ମର ବିଦାୟ ଓ ଆଷାଢ଼ର ଆଗମନ କାଳରେ ଯେତେବେଳେ ବର୍ଷା ଟୋପା ମାଟିକୁ ଛୁଏଁ , ସେତେବେଳେ ମେଘ ଓ ମାଟିର ମିଳନ ଘଟେ । ମାଟି ମା' ହୁଏ ରଜସ୍ୱଳା । ଜଣେ ନାରୀ ପ୍ରଜନନ ପୂର୍ବରୁ ବିଶ୍ରାମ ଆବଶ୍ୟକ କରୁଥିବା ଭଳି ପ୍ରଜନନକ୍ଷମ ହେବାକୁ ଯାଉଥିବା ମାଟି ମା'କୁ ରଜ ତିନିଦିନ ବିଶ୍ରାମ ଦିଆଯାଏ ବୋଲି ବିଶ୍ୱାସ ରହିଛି । କୃଷି ପ୍ରଧାନ ରାଜ୍ୟ ଓଡ଼ିଶାରେ ମାଟି ମା'ର ବିଶ୍ରାମ ପାଇଁ ସ୍ୱତନ୍ତ୍ର ଭାବେ ପାଳିତ ହୁଏ ରଜ ଉତ୍ସବ । ଏହା ସାଧାରଣତଃ ଚାରି ଦିନ ଧରି ପାଳନ କରାଯାଇଥାଏ । ପ୍ରଥମ ଦିନଟି ପହିଲି ରଜ । ଦ୍ୱିତୀୟରେ ରଜ ସଂକ୍ରାନ୍ତି ଏବଂ ତୃତୀୟ ଦିନ ଭୂମି ଦହନ ଭାବେ ପାଳିତ ହେବା ପରେ ଚତୁର୍ଥ ତଥା ଶେଷ ଦିନରେ ବସୁମତୀ ସ୍ନାନ ସହ ଏହି ପର୍ବ ଶେଷ ହୁଏ । ରଜ ଉତ୍ସବ ପାଇଁ ବେଶ୍ ଆଗରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥାଏ । ପହିଲ୍ଲି ରଜର ପୂର୍ବ ଦିନ କେବଳ ପ୍ରସ୍ତୁତିରେ ବିତୁଥିବାରୁ ଏହାର ନାମ ରହିଛି ସଜବାଜ । ତିନି ଦିନ ରୋଷେଇବାସ ବନ୍ଦ ହୋଇ ମହିଳାମାନେ ପୂର୍ଣ୍ଣ ବିଶ୍ରାମ ନେବାର ପରମ୍ପରା ଥିବାରୁ ସଜବାଜ ଦିନ ପିଠାପଣା ପ୍ରସ୍ତୁତି ସହ ଘରଦ୍ୱାର ସାଜସଜ୍ଜା କାର୍ଯ୍ୟ କରାଯାଇଥାଏ । ରଜ ପାଇଁ ବିବାହିତା ଝିଅର ଶାଶୁଘର ଓ ବନ୍ଧୁମାନଙ୍କ ଘରକୁ ଭାର ବେଭାର ପଠାଇବା ଓଡ଼ିଆ ପରମ୍ପରାର ଏକ ବିଶେଷତ୍ୱ । ଚାଷୀମାନେ ଅକ୍ଷୟ ତୃତୀୟାରୁ ବିହନ ବୁଣିବା କାର୍ଯ୍ୟ ଶେଷ କରିଦେଇଥାନ୍ତି ।ଏହି ରଜ ତିନିଦିନ ବସୁମତୀ ସ୍ନାନ ତଥା ହଳ ଲଙ୍ଗଳ ପୂଜନ କରିବା ସହ ଚାଷ କାମରୁ ବିରତି ନେଇଥାନ୍ତି । ଏହି ଦିନରେ ବସୁଧାକୁ ରଜସ୍ୱଳା ନାରୀ ପରି ଯତ୍ନ ନିଆଯାଏ । କୁମାରୀ କନ୍ୟା ଓ ମହିଳାମାନେ ମଧ ଖାଲି ପାଦରେ ଚାଲନ୍ତି ନାହିଁ । ଦେଶରେ ବିଭିନ୍ନ ଅଞ୍ଚଳରେ ସଂକ୍ରାନ୍ତି ଭିନ୍ନ ଭିନ୍ନ ନାମରେ ପାଳିତ ହେଉଥିବା ବେଳେ ଓଡ଼ିଶାରେ ରଜ ସଂକ୍ରାନ୍ତି ଭାବେ ରଜପର୍ବର ମୂଖ୍ୟ ହୋଇ ପାଳନ କରାଯାଏ ।

ରଜପର୍ବର ବିଭିନ୍ନ ପ୍ରକାରର ପିଠାପଣା ମଧରେ ପୋଡପିଠାର ସ୍ଥାନ ସ୍ୱତନ୍ତ୍ର । ପୋଡପିଠା ଏବଂ ରଜ ପରସ୍ପରର ପରିପୂରକ । ଏହା ସହିତ ରଜପାନ ଓ ଦୋଳି ରଜ ମଉଜକୁ ବହୁ ଗୁଣିତ କରିଥାଏ । ବାଉଁଶ ଦୋଳି ଠାରୁ ପଟା ଦୋଳି , ଚକ୍ରି ଦୋଳି ଆଦି ବିଭିନ୍ନ କିସମର ଦୋଳିରେ କୁମାରୀ ମାନେ ଏକପ୍ରକାର ଆକାଶକୁ ଛୁଇଁବାର ପ୍ରତିଯୋଗିତାରେ ଲାଗି ପଡ଼ନ୍ତି । ଅତ୍ୟାଧୁନିକତା ଭିତରେ ବି ଗାଁ ଗହଳିରେ ତୋଟା ବଗିଚାରେ କୁମାରୀ କନ୍ୟାଙ୍କ ଦୋଳି ଗୀତର ସ୍ୱର ଶୁଣାଯିବା ବନ୍ଦ ହୋଇନାହିଁ ।

ଆଜିର ଆଧୁନିକ ସମାଜରେ ପର୍ବ ପର୍ବାଣୀ ଆଗଭଳି ଆଉ ସରସ ସୁନ୍ଦର ଭାବେ ପାଳନ କରାଯାଉଥିବା ପ୍ରାୟ ପରିଲକ୍ଷିତ ହେଉନାହିଁ । ଗାଁ ଗହଳିରେ ଆମ୍ବ ତୋଟା ଲୁପ୍ତ ହୋଇ ଗଲାଣି । ରଜଗୀତ ଓ ରଜ ଦୋଳିର କଟ ମଟ ଶବ୍ଦ ଆଉ ବିଶେଷ ଭାବେ ଶୁଣିବାକୁ ମିଳୁନାହିଁ । ସହରଠାରୁ ଆରମ୍ଭ କରି ଗାଁ ଗହଳିରେ ଗଛ କଟା ସହ ଖେଳ ପଡ଼ିଆରୁ ମାଟି ଉଠାଣ କାରଣରୁ କବାଡି, ବାଗୁଡ଼ି ଆଦି ଖେଳ ମଧ ଧିରେଧିରେ ଲୋପ ପାଇବାକୁ ବସିଲାଣି । ଏତଦ୍ ସହ ଗତ ଦୁଇ ବର୍ଷ ?ହେଲା ବିଭିନ୍ନ ପ୍ରକାରର ପର୍ବ ପର୍ବାଣୀ ପାଳନ କରିବାରେ ବାଧକ ସାଜିଥିଲା କରୋନା । ବିଭିନ୍ନ ସମୟରେ ଲକ୍ ଡାଉନ୍ ଓ ସଟ୍ ଡାଉନ୍ କାରଣରୁ ଲୋକେ ବାହାରକୁ ଯିବା ପାଇଁ ଉପଯୁକ୍ତ ମଣୁ ନଥିଲେ । ଘରେ ରହି ରହି ଏକ ପ୍ରକାର ବିରକ୍ତ ଭାବ ସେମାନଙ୍କ ମଧରେ ସୃଷ୍ଟି ହୋଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏବେ କିନ୍ତୁ କରୋନାର ପ୍ରାଦୁର୍ଭାବ ହ୍ରାସ ପାଇଥିବାରୁ ସମସ୍ତ ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ ତଥା ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନମାନ ଖୋଲିଯାଇଛି । କୋହଳ ହୋଇଛି କରୋନା କଟକଣା । ତେଣୁ ଏବର୍ଷ ରଜ ଉତ୍ସବ ପାଳନ କରିବାରେ ବାଧା ସୃଷ୍ଟି ହେବନାହିଁ । ହେଲେ କରୋନାର ସଂକ୍ରମଣ ହାର ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଦୂରୀଭୂତ ହୋଇ ନାହିଁ । ତେଣୁ ସରକାରଙ୍କ କୋଭିଡ୍ ଗାଇଡ୍ ଲାଇନକୁ ପାଳନ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି । ସମସ୍ତ ଓଡିଶାବାସୀ ଏକମନ, ଏକପ୍ରାଣ ହୋଇ ହିନ୍ଦୁ ପରମ୍ପରା ଅନୁଯାୟୀ ତଥା କରୋନା କଟକଣା ମଧରେ ରଜ ଉତ୍ସବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବାକୁ ନିବେଦନ ।

## ରଜପର୍ବର ଶେଷ ପର୍ବ ବସୁମତୀ ସ୍ନାନ



ଅମୂଲ୍ୟ କୁମାର ପଣ୍ଡା

ଅକ୍ଷୟତୃତୀୟଠାରୁ ଧାନ ଅନୁକୂଳ କରି ବର୍ଷା ହେବାର ପ୍ରତୀକ୍ଷାରେ ବସିଥିବା ଚାଷୀ ରଜ ତିନି ଦିନ ଭୂମି କର୍ଷଣ ଓ ଚାଷକାମ କରନ୍ତି ନାହିଁ । ମୌସୁମୀ ସ୍ୱର୍ଶର ବାରିଧାରାରେ ଭିଜିଯାଏ ଧରିତ୍ରୀ । ପହିଲି ବର୍ଷାର ଛୁଆଁରେ ରୋମାଞ୍ଚିତ ହୋଇଉଠେ ବସୁଧା । ସତେ ଯେମିତି ବହୁଦିନୁ ପ୍ରତିକ୍ଷୀତ ଏହି ମାଟି ମେଘ ସହ ରଚିଛି ଶୃଙ୍ଗାରର ପର୍ବ, ମହାମିଳନ । ଚାରିଆଡ଼େ ଭରିଯାଏ ଶୀତଳତା ।

ପର୍ଶ୍ଚିମ ଓଡିଶାରେ ପାଳିତ ଶୀତଳ ଷଷ୍ଠୀ ବା ଶିବ ବିବାହର ପାଳନରେ ରଜ ସହିତ କୌଣସି ସାମଞ୍ଜସ୍ୟ ନଥିଲେ ମଧ୍ୟ ମୂଳ ଉଦ୍ଦେଶ୍ୟ ପ୍ରକୃତି ପୁରୁଷର ମିଳନ ପର୍ବ ସେହି ଆଦ୍ୟ ଆଷାଢକୁ ଭିତ୍ତି କରି ଆଷାଢ ଶୁକ୍ଳ ଷଷ୍ଠୀ ତିଥିରେ ପାଳନ ହୁଏ, ଶିବପାର୍ବତୀଙ୍କୁ ପ୍ରକୃତି ପୁରୁଷ ରୂପରେ ପରିକଳ୍ପନା କରି । ଜ୍ୟୋତିଷଶାସ୍ତ୍ର ଅନୁସାରେ ଆଦ୍ୟ ଆଷାଢ଼ରେ ସୂର୍ଯ୍ୟ ବୃଷ ରାଶିକୁ ତ୍ୟାଗ କରି ମିଥୁନ ରାଶିରେ ପ୍ରବେଶ କରନ୍ତି । ମୃଗଶିରା ନକ୍ଷତ୍ରରେ ସୂର୍ଯ୍ୟ ରହିବାର ତିନିଦିନକୁ ଆମେ ରଜପର୍ବ ଭାବେ ପାଳିଥାଉ । ଓଡ଼ିଶାରେ ବାର ମାସରେ ତେର ପର୍ବ ଭିତରେ ଏହା ଏମିତି ଏକ ପର୍ବ ଯେଉଁଥିରେ ଆମେ ପାଞ୍ଚ ଦିନ ଧରି ଏହି ପର୍ବ ପାଳନ କରିଥାଉ ଯଥା 'ସଜବାଜ', 'ପହିଲି ରଜ', 'ରଜ ସଂକ୍ରାନ୍ତି', 'ଭୂମି ଦହନ' ଓ 'ବସୁମତୀ ସ୍ନାନ' । ରଜର ଶେଷ ଦିନରେ ବସୁମତୀ ସ୍ନାନ ପାଳନ କରାଯାଏ ଥାଏ । ଏହାହେଛି ଶୁଦ୍ଧ ଓ ପବିତ୍ର ହେବାର ପ୍ରତୀକ । ପ୍ରାତରୁ ଶିଳ ଶିଳପୁଆରେ ଲୁଗା ପିନ୍ଧାଇ ନାରୀ ପରି ସିନ୍ଦୁର କଜଳ ଲଗାଇ ହଳଦୀ ଲଗାଇ ପୂଜା ସହ ପୀଢା ଉପରେ ରଖି ହଳଦୀ ପାଣିରେ ସ୍ନାନ କରାଯାଇଥାଏ ଆଉ କାଠର ପିଢା ଉପରେ ଶିଳପୁଆକୁ ଭୂମି ସହ ସଂଲଗ୍ନ କରି ଆଉଜାଇ ରଖାଯାଏ । ପିଢା ଉପରେ ସୋରିଷ, ଲୁଣ ଫୁଲ ଥୋଇ ଦୀପ ଧୂପ ନୈବେଦ୍ୟ ଦେଇ ପୂଜା କରାଯାଏ ଯାହାକୁ ବସୁମତୀ ସ୍ନାନ କୁହଯାଏ । ଏହିଦିନ ମାଣବସା ଗୁରୁବାର ମହାଲକ୍ଷ୍ମୀଙ୍କ ପେଡି ମଧ ଖୋଲାଯାଇଥାଏ । ପୂଜାରେ ମାଟି ମା' ପବିତ୍ର ଓ ଶସ୍ୟସମ୍ଭବା ହୋଇଥାନ୍ତି । ଏହା ହେଉଛି ପ୍ରଜନନ ଓ ନୂତନ ସୃଷ୍ଟିର ଆବାହନୀ ପର୍ବ । ପ୍ରକୃତରେ ଆମକୁ ଭେଟି ଦେଇଥିବା ଆମ ପୂର୍ବଜ ମାନେ ଏହି ମହାନ ପର୍ବ ପାଇଁ ମହାନ । ଏହାକୁ ପିଢି ପରେ ପିଢି ଉଜ୍ଜିବିତ କରି ରଖିବା ହେଉଛି ଆମର ପ୍ରଧାନ କର୍ତ୍ତବ୍ୟ ।



ପ୍ରକୃତରେ ରଜ ଏକ ଆନନ୍ଦ, ଉଲ୍ଲାସ ଓ ଭାଇଚାରାର ପର୍ବ ଯାହାକୁ ସୁନ୍ଦର ଭାବରେ ସଜେଇ ଆମକୁ ପରସି ଦେଇଛନ୍ତି ଆମର ପୂଜ୍ୟ ମହାନ ପୂର୍ବଜ ମାନେ । ସେମାନେ ଆମକୁ ବୁଝାଉ ଦେଇ ଯାଇଛନ୍ତି ଏକ ମହାନ ଉଚ୍ଚ ପରମ୍ପରା ଓ ଆମର ଉଜ୍ଜୀବିତ ସଂସ୍କୃତିକୁ , ଯାହାକୁ ବୁଝି ନପାରି ଆମେ ବିଦେଶୀ ସଭ୍ୟତାର ମାୟାରେ ଏବେ ବାୟା । ପ୍ରକୃତି ପୁରୁଷର ମିଳନ ପର୍ବ ଓଡ଼ିଶାର ଗଣପର୍ବ ରଜ ଏକ ସମୁନ୍ନତ ଉଦାହରଣ । ଋତୁମତୀ ଧରାର ସଙ୍କେତ ବହନ କରି ହଳଦୀ ମଖା ନିରିମାଖୀ ଦେହରେ ପଲ୍ଲୀବାଳା ସଜେଇ ହୁଏ କୁଙ୍କୁମ-ଚନ୍ଦନ, ମାଟି ମା ହୁଏ ରୋଜବତୀ । ମାଟି ଆଉ ମେଘର ମିଳନରେ ଏହି ପର୍ବକୁ ଓଡ଼ିଶାରେ ଘରେ ଘରେ ପାଳନ କରନ୍ତି ରଜପର୍ବ ଭାବେ ।

କିମ୍ବଦନ୍ତୀ କୁହେ ମୟଦାନବ ଜଣେ ପ୍ରଭାବଶାଳୀ ଦୈତ୍ୟରାଜା । ରାବଣ, ମୟଦାନବଙ୍କ ଦରବାରକୁ ସର୍ବଦା ଯିବା ଆସିବା କରିବା ମଧ୍ୟରେ ତାଙ୍କ ସୁନ୍ଦରୀ କନ୍ୟା ମନ୍ଦୋଦରୀଙ୍କ ପ୍ରେମରେ ପଡିଲେ । ବିବାହ ପୂର୍ବରୁ ମନ୍ଦୋଦରୀଙ୍କର ଏକ କନ୍ୟା ସନ୍ତାନ ଜନ୍ମହେଲା । ଲୋକଲଜ୍ୟା ଭୟରେ ମୟଦୈତ୍ୟ ସେହି କନ୍ୟାକୁ ବିଳମ୍ବିତ ରାତ୍ରିରେ ଦୂର ରାଇଜକୁ ନେଇ (ମିଥିଳା ନଗର)ରେ ଗୁପ୍ତ ଭାବରେ ମାଟିତଳେ ପୋତି ଦେଇଥିଲେ । ଏକ ଶିଶୁକନ୍ୟା ପୋତି ହୋଇଥିବାରୁ ମିଥିଳାରେ ଅକାଳ ପଡ଼ିଲା, ବର୍ଷା ହେଲାନାହିଁ, ମିଥିଳାବାସୀ ତ୍ରାହି ତ୍ରାହି ଡାକିଲେ । ଏଣୁ ମିଥିଳାର ପ୍ରଜାବତ୍ସଳ ରାଜା ଜ୍ୟୋତିଷଙ୍କ ପରାମର୍ଶ କ୍ରମେ ନିଜେ ହଳ ଯୋଚିଲେ । ସଂସାରର ହିତ ପାଇଁ ରାଜା ଜନକ ସ୍ୱୟଂ ହଳ ଯୋଚିବାର ଦେଖି ଇନ୍ଦ୍ର ସନ୍ତୁଷ୍ଟ ହେଲେ ଏବଂ ମୂଷଳ ଧାରାରେ ବର୍ଷା ହେଲା । ମିଥିଳାବାସୀ ଆନନ୍ଦରେ ନାଚିବାକୁ ଲାଗିଲେ । ମୌସୁମୀର ଆଗମନରେ ବର୍ଷା ମାଟିକୁ ମାତୃତ୍ୱ ଦେବାରେ ଏହି ଶୁଭ ଲଗ୍ନକୁ ସେଦିଦିନଠୁ ରଜ ପର୍ବ ଭାବେ ପାଳନ କରାଯାଉଛି ।

♥ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ :- ୯୯୩୮୯୦୬୦୭୦

## ରଜପର୍ବ

ବାପିନି ସିଂ

ଓଡ଼ିଶା ମାଟିରେ ଅଛି ବାର ମାସେ
ତେର ପରବ ପୁନେଇଁ ,
ରଜ ପର୍ବ ପାଇଁ ଏଇ ଭୂଇଁ ହସେ
ଆନନ୍ଦର ସୀମା ନାହିଁ ।

ଉତ୍କଳ ପଲ୍ଲୀର କୃଷି କୃଷକର
ପ୍ରତୀକ ରଜ ପରବ ,
କୁମାରୀ କଣ୍ଠର ଦୋଳି ଗୀତ ସୁର
ସଭ୍ୟତାର କଳରବ ।

ଓଡ଼ିଆ ଘରର ବଡ଼ ପରବ
ଯାହା ପାଇଁ ଆମ ମନେ ଗରବ
ନାମଟି ତା'ର ରଜ ପରବ
ଆଷାଢ଼ ମାସରେ ତା' ଆବିର୍ଭାବ ।

ଧରିତ୍ରୀ ଆକାଶ ମଧୁର ମିଳନ
ଏଇ ରଜପର୍ବ ପରା ,
ଓଡ଼ିଆ ସଂସ୍କୃତି ମହିମା ମଣ୍ଡିତ
ଉଚ୍ଚ ତା'ର ପରମ୍ପରା ।
ରଜରାଣୀ ତୁମେ ଆସ ହସି ହସି
ମେଲଣ ପାଟ ପିନ୍ଧେଇ ,
ସ୍ୱାଗତ କରିବେ ଆମ ଓଡ଼ିଶା ବାସୀ
ମୁହଁରେ ହସ ଫୁଟେଇ ।
ତିନି ଦିନ ପାଇଁ ଆସଇ ରଜ
ଖିଆପିଆ ସାଥେ ହୁଏ ମଉଜ
ଆମ୍ବ ତୋଟା ମାଳେ ଝୁଲଇ ଦୋଳି
ଗାଆଁ ଝିଅ ଯେତେ ହୁଅନ୍ତି ମେଳି ।
ପରବ ଭିତରେ ଶ୍ରେଷ୍ଠ ପରବ
ରଜ ପରବ ଯାହା ନାଆଁ ,
ଭୁଲି ହୁଏ ନାହିଁ ଏଇ ଜୀବନରେ
ତାହାର ଆଦର ମାୟା ।

ମାତା ବସୁମତୀ ହୋଇ ଋତୁମୟୀ
ହୁଏ ଉତ୍ପାଦନକ୍ଷମ
ହୋଇ ରଜମୟୀ
ପୂଣ୍ୟ ବିଭାମୟୀ
ଦିଏ କାମଧେନୁ ସମ ।

ଓଡ଼ିଆଣୀଟିଏ ଭକତି ଚିତ୍ତରେ
ପୂଜେ ବସି ବସୁମତୀ ,
ସୁନାର ଫସଲ ଦେବୁ ମାଟି ମାଆ
ତୁ ପରା ଜଗତଧାତ୍ରୀ ।

♥ଫକୀରମୋହନ ବିଶ୍ୱବିଦ୍ୟାଳୟ ,
ବାଲେଶ୍ୱର
ଦୂରଭାଷ :-୯୯୩୭୮୨୦୮୩୧

## ଆମ ଗାଆଁକୁ ରଜଟା ଆସିଛି

ପ୍ରଦୀପ୍ତ ଆଚାର୍ଯ୍ୟ

ଆମ ଗାଆଁକୁ ରଜଟା ଆସିଛି,
ଆମ ଗାଆଁକୁ ରଜଟା ଆସିଛି,
ସହରୀ ସଭ୍ୟତା, ଗାଆଁଟାରେ ପଶି,
ପୁରୁଣା ରଜକୁ ନାଶିଛି, ଆମ ଗାଆଁକୁ ।

ଆଗରୁ ରଜରେ, ଝିଅ ବୋହୁ ମାନେ,
ପାନ ଖାଇ ଓଠ, ନାଲି କରୁଥିଲେ,
ସେ ଯୁଗଟା ଚାଲି ଯାଇଛି,
ପାନର ସ୍ଥାନଟି ଲିପଷ୍ଟିକ୍ ନେଇ,
ଓଠ ନାଲି ରଙ୍ଗ ହେଉଛି, ଆମ ଗାଆଁକୁ ।

ପୋଡ ପିଠା ଆଉ ମିଳୁନି,
ତା ଯାଗା ନେଇଛି, ମାଗି ଚାଓମିନ,
ପୁରୁଣା ଜମାନା ଯାଇଛି, ଆମ ଗାଆଁକୁ ।

ମାଟି ଉମେଇ କି, ଆଉ ମିଳୁଛି,
ଆଧୁନିକ ବୋହୁ,ପୋଡ ପିଠାଟାକୁ,
ଓଭାନରେ ପୋଡି ଦେଉଛି, ଆମ ଗାଆଁକୁ ।

ହଳଦି ଚନ୍ଦନ ଅଳତା ସିନ୍ଦୁର,
ଓଲଡ୍ ଫେସନ ହୋଇଛି,
ସଜବାଜ ଆଉ,ଘରେ ଚଳିବନି,
ବିଉଟି ପାର୍ଲର ଖୋଲିଛି, ଆମ ଗାଆଁକୁ ।

ଦୋଳି ଖେଳ ପରା ହଜି ଯାଇଛି,
ଗାଁ ତୋଟାମାଳ, ପଦା ହେବାପରେ,
ଛାତରେ ଦୋଳିଟା ଝୁଲୁଛି,ଆମ ଗାଆଁକୁ ।

କବାଡି ବାଗୁଡି,ତାସ ପଶା ଖେଳ,
କଦବା କେଉଁଠି ଦିଶୁଛି,
ଯୁବ ବନ୍ଧୁ ଆଜି, କ୍ଲବ ଘରେ ବସି,
ମୋବାଇଲ ଖୋଲି ଦେଇଛି,ଆମ ଗାଆଁକୁ ।

ରଜ ତିନି ଦିନ,ଝିଅ ବୋହୁ ମାନେ,
ଗୁଆ ଖୋଳ ପିନ୍ଧି,ବାଟ ଚାଲୁଥିଲେ,
ପୃଥିବୀ ମାତାକୁ ସମ୍ମାନ ଜଣାଇ,
ହାଇହିଲ୍ ପିନ୍ଧା ହେଉଛି,ଆମ ଗାଆଁକୁ ।

ଲୁଡୁ ଖେଳଟା ସପନ ହୋଇଛି,
ଫେସବୁକ ଆଉ ହ୍ୱାଟସଆପ୍ ପରା,
ତା ଯାଗା ଦଖଲ କରିଛି,ଆମ ଗାଆଁକୁ ।

ଭାଇ କଥାତ ବହୁତ ପଡିଛି,
ପୁରୁଣା ଜମାନା , ଆଉ ନୂତନ ମଧ୍ୟରେ,
ତଫାତ୍ ବହୁତ ବଢ଼ିଛି,
କଥା ଧରିବନି ରାଗିବନି ଯମା,
ପୁଣି କହିଲେ କହିବ କହୁଛି,ଆମ ଗାଆଁକୁ ।

♥ସମ୍ପାଦକ,ସମ୍ବାଦ ସାହିତ୍ୟ ଘର,
କିଶନନଗର,କଟକ ।
ମୋ-୬୩୭୧୫୯୩୨୨୦

## ଆସିଛି ରଜ

ନିରଞ୍ଜନ ସାହୁ

ଜ୍ୟେଷ୍ଠ ମାସ ଶେଷ ଲଗ୍ନରେ
ଯେବେ ସଂକ୍ରାନ୍ତି ଆସେ
ରଜ ପର୍ବ ଗୋଟି ଆସଇ
ଆମ୍ବ , ପଣସ ବାସେ ।
ସଜବାଜ ଠାରୁ ଆରମ୍ଭ
ଭୂମି ନଅଁଣେ ଶେଷ
ପାଞ୍ଚ ଦିନ ଏହି ପରବ
ପାଳନୀୟ ବିଶେଷ ।
ମୁଖ୍ୟତଃ ତିନି ଦିବସ
ହୁଏ ପାଳନ ପରା
ରଜସ୍ୱଳା ହୁଏ ଏକାଳେ
ମାଟି ମା' ବସୁନ୍ଧରା ।
କୃଷିଭିତ୍ତିକ ଏ ପରବ
ସାରା ଓଡ଼ିଶା ଜାଣେ
ଚାଷୀକୁଳ ନିଏ ବିଶ୍ରାମ
କଥା ମନକୁ ଆଣେ ।
କୁମାରୀଙ୍କ ମନ ଉଛନ୍ନ
ଏହି ରଜ ପର୍ବରେ
ସଜ ହୋଇ ଦାଣ୍ଡେ ବୁଲନ୍ତି
ସତେ କେଡେ ଗର୍ବରେ ।
ତୋଟାମାଳେ ଦୋଳି ଲାଗଇ
ଝିଅବୋହୂ ଝୁଲନ୍ତି
ରଜ ପାନ ଖାଇ ସଜେଇ
ହୋଇ ଗାଆଁ ବୁଲନ୍ତି ।
ପୋଡପିଠା ହୁଏ ନିହାତି
ପ୍ରତିଟି ଘରେ ଘରେ
ଲୁଡୁ , ତାସ, ପଶା ,କବାଡି
ଗୁଡି ଉଡେ ନଭରେ ।
' ରାମରାଜା' ପୂଜା ପାଆନ୍ତି
ପୂଜା ମଣ୍ଡପ ସାଜେ
ରାମାୟଣ ପାଠ ହୁଅଇ
ମଙ୍ଗଳ ବାଦ୍ୟ ବାଜେ ।
ବନସ୍ତେ ଡାକିଲା ଗଜରେ
ପରା ଆସିଛି ରଜ
ଓଡ଼ିଶାର ଗଣ ପରବ
ହୁଅ ବଢିଆ ସଜ ।
ଆସ ରଜ ପର୍ବ ପାଳିବା
ଖେଳିବା ଦୋଳି ଖେଳ
ପିଠାପଣା ଖାଇ ବୁଲିବା
ସର୍ବେ ହୋଇକି ମେଳ ।
ମଉଜ କରିବା ବୁଲିକି
ବନ୍ଧୁବାନ୍ଧବ ଘର
ମାଟି ଓ ମେଘର ମିଳନ
ପର୍ବ ପ୍ରଥମ ଥର ।

+ନିହଲ ପ୍ରସାଦ , ଗଁଦିଆ
ପାଟଣା
ଢେଙ୍କାନାଳ -୭୫୯୦୧୬

## ସ୍ମୃତି ଓ ରଜ

ସୁନନ୍ଦା ମହାନ୍ତି

ନଇଧାରେ ବସି ଚହଲା ପାଣିରେ
ଅତୀତ ଦୃଶ୍ୟ ରାଜି
ଗୋଟେ ପରେ ଗୋଟେ ଚଳଚିତ୍ର ପରି
ମାନସ ପଟରେ ଭିଜି
ଗୋଡ଼ିଟିଏ ଫିଙ୍ଗି ପାଣି ଭିତରକୁ
ତରଙ୍ଗ ରେ ତାର ମଜ୍ଜି
ଦେଖିଲି ମୋ ପିଲାଦିନ ରଜ ପର୍ବ
ପଟୁଆର ରୋଷଣୀ ରାଜି
ଅତୀତ ଗଲାଣି ଇତି ହୋଇ
ବର୍ତ୍ତମାନ ହୁଏ ହେଜି
କେତେ ଯେ ତଫାତ ଭାଇଚାରା ପ୍ରୀତି
ଗ୍ରାମ୍ୟ ଜୀବନ ଭୋଜି
ଶିଉଳିରେ ପାଦ ଖାସାଇଲି ଜାଣି ଶୁଣି
ବୋଧହୁଏ ଏଇ ଜୀବନର ରାଜି
ନୂଆ ଓ ପୁରୁଣା ଭିତରେ ସାମ୍ୟ ବୈଷମ୍ୟ
ଭିତରେ ମୁଁ ଯାଏ ହଜି
ଆଜି କଥା କେବେ କାଲିକୁ ନଥିବ
ମୋଡ ବଦଳିବା ସାର କାଜି
ସବୁଥିରେ ଅଛି ଭଲ କିଛି ଭେଲ
ଦୀପ ଦିଏ ମୁଁ ତେଜି
ପୁରୁଣାକାଳିଆ ଭାବନା ଦୂର୍ଭାବନା ଭିତରେ
ନିଜେ ହୋଇଯିବା ମାଜି ।

♥ସାକ୍ଷୀଗୋପାଳ, ପୁରୀ
ମୋ : ୭୦୦୮୯୪୨୨୧୫

## ରଜ

ପ୍ରଫୁଲ୍ଲ ବାରିକ

ରଜ ଆମ ମାଟିର ପର୍ବ,
ମାଟିରେ ଗରଜ ଯେଣୁ
ପାଳୁ ଆମେ ରଜ ।
ଅଛୁଆଁ ମାଟିର ଦେହ
ଅଛୁଆଁ ଚୁଲି ଓ ନିଆଁ,
ଅଛୁଆଁ ଗଛବୃଛ
ହଳଫାଳ କତା ଓ କୁରାଢ଼ି
ଅରନ୍ଧାରେ ଜମେ କିନ୍ତୁ ଖିଆ ।
ପିଠାପଣା ଆମ୍ବ ପଖାଳକୁ
ବାସିଭଜା ଶୁଖୁଆ ବେସର,
କଷାମାଂସ ଦହିକାଞ୍ଜି
ଗୋଟାପାଟି ଲାଳ ଜରଜର ।
ଲମ୍ଵାବେଣି ହଳଦୀ ମଖାକୁ
ଅଳତା ପାଦରେ ଝିଅ ଓଡ଼ିଆଣୀ,
କଲିଚୁନ ଖଇର ପାନରେ
ଦୁଇକଲୁ ପିକଧାର
ବହୁଥିବ ପ୍ରୀତିର ଉଜାଣି ।
କେଁ'କଟର ଦୋଳି ଶବ୍ଦେ
ମିଶୁଥିବ କୁମାରୀଙ୍କ କଣ୍ଠ-
ବନସ୍ତରେ ଡାକିଲାଣି ଗଜ..,
ଟୋକାଙ୍କ କବାଡି
ବୁଢ଼ାଙ୍କ ତାଆସ,
ବିଶ୍ରାମରେ ଭୁଆସୁଣୀ
ଘରେ ବସି ମାରନ୍ତି ମଉଜ ।
ରଜ ନୁହେଁ ଆଜି ମାଟିର ପର୍ବ
ବିସ୍ମୃତିରେ ସଂସ୍କୃତି ଅସ୍ତିତ୍ୱ,
ସମୟର ପାପଗର୍ଭୁ ଜନମିଛି ଯିଏ
ସଭିଙ୍କୁ ତଡି
ଦାବିକରେ ଆପଣାର ସତ୍ୱ ।ଔ

ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ. ୯୨୩୮୯୨୦୪୦୫.

## ରଜପର୍ବ

ରମାକାନ୍ତ ଦାସ

ପହିଲି ଆଷାଢ଼ର କୋମଳ ପରଶେ
ଆସିଅଛି ଆଜି ରଜ
ତା ସବୁଜ ସ୍ୱର୍ଶରେ ଧରଣୀ ରାଣୀ
ହୋଇଅଛି ସଜବାଜ ।
ମୌସୁମୀର ମତୁଆଲା ପରଶେ
କେତକୀ , ହେନା , ମଲ୍ଲୀର ସୁବାସେ
ସରସର ଭିଜେ ଧରଣୀ ରାଣୀ
ଲାଜେ ଲାଜେ ପୁଣି ହସେ ।
ରଜପର୍ବ ପାଇଁ ଗାଁ ଭୂଇଁ ଆଜି
ଉତ୍ସବରେ ମୁଖରିତ
ନାନା ସ୍ୱାଦିଷ୍ଟ ବ୍ୟଞ୍ଜନେ ମହକେ ପୁରପଲ୍ଲୀ
ସର୍ବ ହୃଦୟେ ଆଜି ଆନନ୍ଦ ବିରାଜିତ ।
ରଙ୍ଗବୋଳି ହୋଇଯାଏ କୁଆଁରି ତନୁରେ
ବୁକୁତଳୁ ଉଠେ ଉଷ୍ଣ ଉଚ୍ଛ୍ୱାସ
ସ୍ୱପ୍ନ ଭରିଯାଏ ତାର ନହୁଲି ଆଖିରେ
ପ୍ରଣେ ପ୍ରଣେ ଭରିଯାଏ ଆବେଗ ଉଲ୍ଲାସ ।
ହଳଦୀ ,ଚନ୍ଦନ ,କୁଙ୍କୁମ ଆଦିରେ
ହୋଇଥାଏ ସେ ସୁସଜ୍ଜିତ
ନାଚି-ଗାଇ ଉଠେ କଦମ୍ବ ବାସ୍ନାରେ
ରାଜଦୋଳିରେ ବସି ଗାଏ ଗୀତ ।
ସାଙ୍ଗସାଥି ମେଳୁ ଭାସି ଆସେ
ମଧୁର ମୂର୍ଚ୍ଛନା
ଉଚ୍ଚରୁ ଅତ୍ୟୁଚ୍ଚକୁ ଉଡୁଥାଏ ଦୋଳି
ବିମୋହିତ କରେ ପୋଡ଼ପିଠା ବାସ୍ନା ।
ବାଗୁଡି, କବାଡ଼ି, ଲୁଡୁ, ପଶାପାଲି
ତାଆସ ଖେଳର ମଜା
ନାନା ଜାତି ଖେଳ ଗାଁ ଲୋକ ମେଳ
ଚଉଦିଗେ ସାଜ ସଜା ।
ଘରେଘରେ ନାଚିଉଠେ
ଖୁସି ଓ ଆନନ୍ଦର ଲହରୀ
ସଭିଙ୍କ ଅଧରରୁ ଝରେ ହସ
ଏକ ଅଜଣା ପୁଲକରେ ସ୍ପନ୍ଦିତ ହୁଏ ହୃଦୟ
ନିଦାଘର ହୁଏ ଶେଷ ।
ଏହି ତିନିଦିନ ଚାଷୀ ଭାଇ
ନିଅଇ ବିଶ୍ରାମ
ବରଷା ରାଣୀର ଆଗମନେ
ଚାଷ କାମ କରଇ ଆରମ୍ଭ ।

♥ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ-୯୬୬୮୮୧୫୩୬୯

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପୁଣି ବଢ଼ିପାରେ...

ଦେଶରେ କରୋନା ସଂକ୍ରମଣ ପୁଣି ଥରେ ଉପରମୁହାଁ ହୋଇଛି । ଦେଶରୁ ୮୫୮୨ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଗତ ପ୍ରାୟ ଏକମାସରୁ ଅଧିକ ସମୟ ଧରି କରୋନା ପ୍ରଭାବ ଦେଶରେ କ୍ରମାଗତ ଭାବେ ହ୍ରାସ ପାଇଆସୁଥିଲା । କିନ୍ତୁ ପ୍ରବଳ ଗ୍ରୀଷ୍ମରେ ତାହା କାହିଁକି ବୃଦ୍ଧି ପାଇଲା ଏହାର କୌଣସି ନିର୍ଦ୍ଦିଷ୍ଟ କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ । ବାସ୍ତବତା କହୁଛି, କରୋନା ସଂକ୍ରମଣ ବୃଦ୍ଧି ଯୋଗୁ ଏବେ ପୁଣି ଥରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ଓ କୋଭିଡ୍ ନିୟମକୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ଜରୁରି ହୋଇପଡ଼ିଛି । କରୋନା ପ୍ରଭାବ ଥମିଆସିବା ପରେ ସମଗ୍ର ବିଶ୍ୱରେ ସ୍ୱାଭାବିକତା ଫେରିଆସିବ ବୋଲି ସଭିଏଁ ଆଶା କରୁଥିଲେ ଏବଂ ଭାରତ ସେଥିରୁ ବ୍ୟତିକ୍ରମ ନଥିଲା । ତେଣୁ ବିମାନସେବା ଓ ଟ୍ରେନ୍ ଚଳାଚଳ ସାଙ୍ଗକୁ ସାର୍ବଜନୀନ ପରିବହନ ସେବାରେ କିଛି ଦିନ ଧରି ସ୍ୱାଭାବିକତା ଦେଖାଦେଇଥିଲା । ସେହିଭଳି ଭାରତରେ ପ୍ରାୟ ଦୀର୍ଘ ଦୁଇବର୍ଷ ଧରି ଶିକ୍ଷାନୁଷ୍ଠାନ ବନ୍ଦ ରହିବା ପରେ ଏବେ ସେସବୁ ପୁଣିଥରେ ଖୋଲିଛି ଏବଂ ଶ୍ରେଣୀକକ୍ଷରେ ପାଠପଢ଼ା ଆରମ୍ଭ ହୋଇଛି । ସାଧାରଣ ଉତ୍ସବାନୁଷ୍ଠାନ, ଗଣପର୍ବ ଆଦି ପାଳନ କରାଯିବା ଠାରୁ ନେଇ ବିବାହ ବ୍ରତ ଭଳି ପାରିବାରିକ ଉତ୍ସବ ପାଇଁ ମଧ୍ୟ ପୂର୍ବରୁ ଲାଗିଥିବା କୋଭିଡ୍ କଟକଣାକୁ ହଟାଇ ଦିଆଯାଇଛି । ସରକାରଙ୍କ ଠାରୁ ଜନସାଧାରଣଙ୍କ ପର୍ଯ୍ୟନ୍ତ ସଭିଏଁ ପୁଣି ଥରେ ସ୍ୱାଭାବିକ ଅବସ୍ଥାକୁ ଫେରିବା ଲାଗି ତତ୍ପର ଥିବାବେଳେ କରୋନା ସଂକ୍ରମଣ ବୃଦ୍ଧି ସମସ୍ତଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ଏହି ପରିପ୍ରେକ୍ଷୀରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ସତର୍କ କରି ଦିଆଯାଇଛି ଯେ ବିଶ୍ୱର ବିଭିନ୍ନ କ୍ଷେତ୍ରରେ କେତେଗୋଟି ମିନି କରୋନା ଲହର ସମୟାନ୍ତରେ ସୃଷ୍ଟି ହେବା ଆଶଙ୍କାକୁ ଏଡ଼େଇ ଦିଆଯାଇ ନପାରେ । ଏହାର କାରଣ, କରୋନା ଭୂତାଣୁ ଯେଉଁଭଳି ଭାବେ ତା'ର କାୟା ପରିବର୍ତ୍ତନ କରି ବିଭିନ୍ନ ରାଷ୍ଟ୍ରରେ ତାଣ୍ଡବଲୀଳା ସୃଷ୍ଟି କରିଥିଲା ଏପର୍ଯ୍ୟନ୍ତ ତାହା ମୂଳୋତ୍ପାଟନ ହୋଇନାହିଁ । ଅନେକ ଭୂତାଣୁ ବିଜ୍ଞାନୀ ତ ଏଭଳି ଚେତାବନୀ ଶୁଣାଇଛନ୍ତି ଯେ କରୋନ ସହିତ ମାନବସମାଜକୁ ଚିରଦିନ ପାଇଁ ବଞ୍ଚିରହିବାକୁ ପଡ଼ିବ ଏବଂ ନିଜକୁ ସୁସ୍ଥ ରଖୁବାକୁ ହେଲେ ସଦାବେଳେ ସତର୍କତା ଅବଲମ୍ବନ କରିବାକୁ ହେବ । ଏହି ଉକ୍ତିର ସତ୍ୟତା ବେଳେବେଳେ କରୋନାର ନୂଆ ନୂଆ ଲହର ଆମକୁ ଚେତାଇ ଦେଉଛି । ଭାରତରେ ମହାରାଷ୍ଟ୍ର ଓ କେରଳ ଭଳି ରାଜ୍ୟରେ ଏବେ ଯେଉଁ ମାତ୍ରାରେ କରୋନା ସଂକ୍ରମଣ ବୃଦ୍ଧି ପାଉଛି ତାହା ଗତ ଦୁଇବର୍ଷ ପୂର୍ବର କଥା ସ୍ମରଣ କରାଇଦିଏ । ଏହି ଦୁଇ ରାଜ୍ୟରେ ହିଁ ସର୍ବାଧିକ ସଂକ୍ରମଣ ଦେଖୁବାକୁ ମିଳିଥିଲା । ଏବେ ମହାରାଷ୍ଟ୍ରରେ ଦୈନିକ ସଂକ୍ରମଣ ପ୍ରାୟ ଦୁଇ ହଜାର ଉପରେ ରହିଛି । ମୁମ୍ବାଇ ଓ ଥାନେ ଭଳି ସହରରେ ଏହାର ମାତ୍ରା ସର୍ବାଧିକ । ସେହିଭଳି ଦିଲ୍ଲୀ, ବେଙ୍ଗାଲୁରୁ, ଚେନ୍ନାଇ ଏବଂ କୋଲକାତା ଆଦି ନଗରୀରେ ଧୀରେ ଧୀରେ କରୋନା ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହା କେବଳ ଭାରତର ଚିତ୍ର । ଚୀନ ରାଜଧାନୀ ବେଜଂ ଏବଂ ସାଂଘାଇ ମହାନଗରୀରେ କରୋନା ସଂକ୍ରମଣ ଏବେ ଏଭଳି ସାଂଘାତିକ ରୂପ ଧାରଣ କରିଛି ଯେ ସେଠାରେ ତାଟିକବାଟ ପଡ଼ିବା ଭଳି ଅବସ୍ଥା ଦେଖାଦେଇଛି ଏବଂ ସେ ଦେଶ ସରକାର ସହରବାସୀଙ୍କ ପାଇଁ କଠୋର ନିୟମ ପାଳନର ବ୍ୟବସ୍ଥା କରିଛନ୍ତି । ଏସବୁ କେବଳ ଦୃଷ୍ଟାନ୍ତ ମାତ୍ର । ବାସ୍ତବତା ହେଉଛି, କରୋନା ବୃଦ୍ଧି ପାଇବା ମାତ୍ରେ ସତର୍କତା ଅବଲମ୍ବନ ସହିତ ମାସ୍କ ପରିଧାନ, ଉପଯୁକ୍ତ ଦୂରତା ରକ୍ଷା ଏବଂ ହସ୍ତ ପ୍ରକ୍ଷାଳନ ଭଳି ନିୟମକୁ କଡ଼ାକଡ଼ି । ଭାବେ ଅନୁପାଳନ କରିବା ସବୁଠାରୁ ନିରାପଦ । ସେହିଭଳି ଯଥାଶୀଘ୍ର ସମ୍ଭବ ଟିକା ନେବା ଅନ୍ୟତମ କର୍ତ୍ତବ୍ୟ । ସୌଭାଗ୍ୟର କଥା ଯେ ସରକାର ଦେଶର ସମସ୍ତଙ୍କ ପାଇଁ ମାଗଣାରେ ଏହି ଟିକାକରଣର କେବଳ ବ୍ୟବସ୍ଥା କରିନାହାନ୍ତି, ଦେଶର ସମସ୍ତ ନାଗରିକଙ୍କୁ ଏହା ଦେବା ସକାଶେ ସୁନିଶ୍ଚିତ ପଦକ୍ଷେପ ଆପଣାଇଛନ୍ତି । ଆଶା କରିବା କଥା, ଏହି ସଂକ୍ରମଣ ଅଧିକ ଭୟଙ୍କର ହେବା ପୂର୍ବରୁ ସତର୍କତା ଅବଲମ୍ବନ ମାଧ୍ୟମରେ ଏହାକୁ ନିୟନ୍ତ୍ରଣ କରାଯାଇପାରିବ । ଏଥିରେ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଜରୁରି । ଇତି ପୂର୍ବରୁ କରୋନାର ବିଭିନ୍ନ ଲହର ସମୟରେ ଦେଶବାସୀ କେବଳ ଅସୀମ ଧୈର୍ଯ୍ୟ ପ୍ରଦର୍ଶନ କରିନାହାନ୍ତି, ଅପରନ୍ତୁ ସରକାର ଓ ବିଶେଷଜ୍ଞମାନଙ୍କ ପରାମର୍ଶମତେ ସବୁପ୍ରକାର କୋଭିଡ ମାର୍ଗଦର୍ଶିକାକୁ ଅନୁପାଳନ କରିଛନ୍ତି । ତାହା ମହାମାରୀ କରୋନା ସଂକ୍ରମଣକୁ ରୋକିବା ଦିଗରେ ବେଶ୍ ସହାୟକ ହୋଇପାରିଥିଲା । ଉତ୍ପନ୍ନ ସ୍ଥିତିରେ ମଧ୍ୟ ଦେଶବାସୀ ସେହିଭଳି ନିଷ୍ଠା ଓ ଶୃଙ୍ଖଳା ପ୍ରଦର୍ଶନ କରିବେ ବୋଲି ଆଶା କରାଯାଇପାରେ ।

# ଓଡ଼ିଶା ହିନ୍ଦୁ ପର୍ବ ରଜ



## ବିପିନ ବିହାରୀ ମହାନ୍ତି

ରଜ ହିନ୍ଦୁ ଓଡ଼ିଆମାନଙ୍କର ଜାତୀୟ ପର୍ବ। ଏହି ପର୍ବ ଭାରତରେ ଅନ୍ୟତ୍ର ପ୍ରାୟ ଦେଖାଯାଏ ନାହିଁ। କିନ୍ତୁ ସମସ୍ତ ଓଡ଼ିଆ ହିନ୍ଦୁମାନେ ଯେଉଁଠି ବସ କରୁଥାଆନ୍ତୁ ନା' କାହିଁକି, ସେମାନେ ଏହାକୁ ପାଳନ କରନ୍ତି। ଏହା ଓଡ଼ିଆ ହିନ୍ଦୁଘରେ ସାଧାରଣ ଅଖ୍ୟାତ ପୁରପଲ୍ଲୀରୁ ପ୍ରଖ୍ୟାତ ନଗରୀଯାଏଁ ପାଳିତ ହୁଏ।

ଏହି ପର୍ବ ଜ୍ୟୋତିଷ ବିଦ୍ୟାର ପାଞ୍ଜି ଗଣନା ଅନୁସାରେ ଜ୍ୟେଷ୍ଠ କିମ୍ବା ଆଷାଢ଼ ମାସରେ ପଡ଼େ ଅଥବା ଏହି ଦୁଇମାସର ସନ୍ଧିକ୍ଷଣରେ ପଡ଼ିଥାଏ। ଏହା ସୂର୍ଯ୍ୟ ସିଦ୍ଧାନ୍ତ ଅନୁଯାୟୀ ସଂକ୍ରାନ୍ତି ଘରକୁ ଧରି ପାଳିତ ହୁଏ। ରଜ ମୁଖ୍ୟତଃ ତିନି ଦିନ ପାଳିତ ହେଲେ ହେଁ, ଏହା ଚାରିଦିନ ଧରି ପାଳିତ ହୋଇଥାଏ। ପ୍ରଥମ ରଜ, ବୃଷ ରାଶିରେ ଶେଷ ଦିନ, ମଧ୍ୟ ରଜ, ମିଥୁନ ସଂକ୍ରାନ୍ତି ବା ମିଥୁନ ପ୍ରଥମ ଦିନ ଏବଂ ଶେଷ ରଜ ବା ଭୂମି ଦହନ, ମିଥୁନ ଦ୍ୱିତୀୟ ଦିନ ପଡ଼େ। ମଝି ରଜକୁ ସଂକ୍ରାନ୍ତି ମଧ୍ୟ କୁହନ୍ତି। ମିଥୁନ ତୃତୀୟ ଦିନକୁ ଠାକୁରାଣୀ ବୁଢ଼ ବା ବସୁମତୀ ସ୍ନାନ କୁହାଯାଏ।

ଏହି ପର୍ବଟି କୃଷି ସଂପର୍କିତ ଅଟେ। ଶାସ୍ତ୍ରମତେ ମା' ଧରିତ୍ରୀ ଏହି ତିନିଦିନ ଧରି ରତୁମତୀ ବା ରଜସ୍ୱଳା ହୁଅନ୍ତି। ତେଣୁ ଉକ୍ତ ତିନିଦିନ ଧରି ପୃଥିବୀ ମା'କୁ ଧର୍ଷଣ ବା କର୍ଷଣ କରାଯାଏ ନାହିଁ। ଅପରନ୍ତୁ ପୂର୍ଣ୍ଣ ବିଶ୍ରାମ ଦିଆଯାଏ ଏବଂ ପୂଜା କରାଯାଏ। ଏଇଥିପାଇଁ ହଳ ଇତ୍ୟାଦି କର୍ମ ନିଷେଧ କରାଯାଇଛି। ଏମିତି କି କିଛି କରାଯିବ ନାହିଁ ଯେଉଁଥିରେ ମୃତ୍ତିକା ସ୍ଖଳନ ବା ଦହନ ହେବ। ଚାଲିବାରେ ବି ସତର୍କତା କରାଯାଇଛି ଯେ ଧୂଳି ନଉଠୁ ବା ନ ଉଡ଼ୁ। ଅର୍ଥାତ୍ ଭୂମିର ଖନନ ନହେଉ।

ଏ ମାଟି ମା'। ନାରୀ ଜାତି ବି ଆମର ମା'। ଏଣୁ ରଜ ପର୍ବଟି ମା' ବା ସ୍ତ୍ରୀ ଜାତିମାନଙ୍କର ମହାନ ପର୍ବ। ଏଥିପାଇଁ ବିଧିକ୍ରମେ ସ୍ତ୍ରୀ ଜାତିକୁ ନାନା କର୍ମକର୍ମାଣୀରୁ ଏହି ପର୍ବରେ ବାରଣ କରାଯାଇଛି।

ରଜ ପର୍ବ ସଂକ୍ରାନ୍ତି ଘରକୁ ବିଚାର କରି ସୂର୍ଯ୍ୟସିଦ୍ଧାନ୍ତ ଅନୁଯାୟୀ ପାଳନ ହେଉଥିବାରୁ ଶ୍ରୀ ମନ୍ଦିରରେ 'ଦ୍ୱି-ଅୟନ' ପର୍ବ ପାଳନ ହୁଏ। ଯଥା ମକର ସଂକ୍ରାନ୍ତିକୁ ଉତ୍ତରାୟନ ଏବଂ କର୍କଟ ସଂକ୍ରାନ୍ତିରୁ ଦକ୍ଷିଣାନ ପର୍ବ ପାଳିତ ହୁଏ। ସେହିପରି ଅନ୍ୟାନ୍ୟ ସଂକ୍ରାନ୍ତିମାନେ ମଧ୍ୟ ଏହି ଗତିଦ୍ୱାରା ପ୍ରଭାବିତ।

କୁହାଯାଇଛି ଯେ, 'ଯଥା ଦେହେ, ତଥା ଦେବା।' ଜଗନ୍ନାଥ ଓଡ଼ିଆ ଜାତିର ଆରାଧ୍ୟ ଲୌକିକ ଦେବତା। ଓଡ଼ିଆ ହିନ୍ଦୁ ପରିବାରର ସମସ୍ତ ନୀତି ନିୟମ, ପରମ୍ପରା ଓ ଚଳଣି ଜଗନ୍ନାଥ ସଂସ୍କୃତି ସହିତ ନିହିତ। ଏଣୁ ଜଗନ୍ନାଥଙ୍କ ପାଇଁ ଯାହା ସତ୍ୟ, ଏ ମଣିଷ ପାଇଁ ତାହାହିଁ ସତ୍ୟ। ଜଗନ୍ନାଥ ମଧ୍ୟ ଏ ସଂକ୍ରାନ୍ତି ଚଳନ ଓ ଗ୍ରହକୁଟର ଶିକାର ହୁଅନ୍ତି ଠିକ୍ ଆମ ପରି। ମିଥୁନ ସଂକ୍ରାନ୍ତି ଚଳଣରେ ମଧ୍ୟ ସେହି ପ୍ରଭାବ ଥାଏ। ଗ୍ରହମାନଙ୍କର କୁପ୍ରଭାବ ପାଇଁ ମନ୍ଦିରରେ ମଧ୍ୟ ପୂଜାପାଠର ବ୍ୟବସ୍ଥା ଅଛି।

ଆମ୍ଭମାନଙ୍କର ପରି ପ୍ରଭୁମାନଙ୍କର ରାଶି ନକ୍ଷତ୍ର, ଘାତ ଚନ୍ଦ୍ର ଏବଂ ଶୁଭ ବେଳା ଇତ୍ୟାଦି ଅଛ। ବଳଭଦ୍ର, ଜଗନ୍ନାଥ ଓ ମା' ସୁଭଦ୍ରାଙ୍କର ଯଥାକ୍ରମେ ଶ୍ରବଣା-ମକର ରୋହିଣୀ - ବୃଷ ଏବଂ ଜ୍ୟେଷ୍ଠା - ବିଛା ଅଟ। ଏମାନେ ମଧ୍ୟ ଏହି ରାଶି ନକ୍ଷତ୍ର ନେଇ ରଜ ସଂକ୍ରାନ୍ତି ଧରି ସଂକ୍ରମିତ। ଏଣୁ ଜଗନ୍ନାଥଙ୍କ ଜ୍ୟୋତିଷ ସେବକମାନେ ପ୍ରତ୍ୟେକ ଦିନ ପ୍ରତ୍ୟୁଷ ଅବକାଶ ସମୟରେ ଏହି ଦୈନନ୍ଦିନ ରାଶିଫଳ ଓ ଗ୍ରହମାନଙ୍କର ପ୍ରଭାବ ଓ ତା'ର ପ୍ରତିକାର ପ୍ରଭୁମାନଙ୍କୁ ଶୁଣାଇ ଦିଅନ୍ତି।

ବୃଷ ଶେଷ ଦିନକୁ ପହିଲି ରଜ କୁହାଯାଏ। ଏହି ରଜରେ ହଳ ପ୍ରବାହ, ଭୂମି ଖନନ, ସମସ୍ତ କୃଷି କାର୍ଯ୍ୟ ଏବଂ ଶୁଭ ହୋମ କର୍ମାଦି ଇତ୍ୟାଦି ତିନିଦିନ ପାଇଁ ନିଷେଧ ହୋଇଥାଏ। ଏହି ଦିନ ଠାରୁ ଖୋର୍ଦ୍ଧା ବରୁଣାଇ ଠାକୁରାଣୀ, ଭୂଷଣ୍ଡପୁର ଉଗ୍ରତାରା, ସାଲେପୁର ଶ୍ୟାମ ସୁନ୍ଦର ମହାପ୍ରଭୁ ଏବଂ ଓଳାଭର ବ୍ରହ୍ମଚର୍ଯ୍ୟ ପୀଠରେ ତିନି ଦିନ ଧରି ରଜପର୍ବ ମହାସମାରୋହରେ ପାଳିତ ହୁଏ। ଏଥିରେ ଲକ୍ଷ ଲକ୍ଷ ଲୋକଙ୍କର ସମାଗମ ହୁଏ। ଏହି ଦିନ ଠାରୁ ପୃଥିବୀ ମା'ଙ୍କର ରଜସ୍ୱଳା ଆରମ୍ଭ ହୁଏ।

ମିଥୁନ ଲଗ୍ନରେ ଧରିତ୍ରୀ ମାତା ରଜସ୍ୱଳା ହେଲେ, ଚାଷ ପାଇଁ ଅନୁକୂଳ। ଆଗକୁ ବର୍ଷାଫସଲ ଋତୁ। ଏହାକୁ ସ୍ତ୍ରୀ କୁସୁମ ଋତୁ ମଧ୍ୟ କହନ୍ତି। ଏହି ସମୟରେ ସ୍ତ୍ରୀମାନେ ରଜସ୍ୱଳା ହେଲେ ଶୁଭ ଲକ୍ଷଣଯୁକ୍ତ ହୁଅନ୍ତି।

ମିଥୁନ ଲଗ୍ନରେ ସୁଖବଳୀ ହୁଏ
କର୍କଟରେ ଦୁଇକୁଳ
ଆନନ୍ଦ କରାଏ ସିଂହ ଲଗ୍ନ ହେଲେ
ଏକ ପୁତ୍ର ରସେ ସ୍ଥୂଳ।
ଅଥଚ ରଜ ସମୟରେ
ପ୍ରଥମ ରଜସ୍ୱଳା ହେଲେ ନାରୀଟି
କୁଳଟା, ହୀନମତି ଏବଂ ଅତୀବ ରତିପ୍ରିୟ ପୁତ୍ରବତୀ ହୁଏ।

ରଜର ଦ୍ୱିତୀୟ ଦିନହିଁ ମିଥୁନ ସଂକ୍ରାନ୍ତି। ଉକ୍ତଦିନ ଭୋରୁ ଭୋରୁ ଗୃହିଣୀମାନେ ନିଜ ଘରର ବାହାର କାନ୍ଥରେ ତିନି ବା ଚାରି ଆଙ୍ଗୁଳିର ଚୁନ କିମ୍ବା ଗୋବରରେ ଗାର ଲେପନ କରନ୍ତି। ଏହା ସାପ ଇତ୍ୟାଦି ଲମ୍ବା ଜନ୍ତୁଙ୍କୁ ଘରେ ପ୍ରବେ କରିବାରେ ବାରଣ କରେ ବୋଲି କଥିତ ଅଛି। ଏହା ମଧ୍ୟ ବୈଜ୍ଞାନିକ ସତ୍ୟ। ଲକ୍ଷ୍ମଣ ରେଖାପରି ଚକ୍ ଖଡ଼ି ବା ଚୂନର ରେଖାରେ କାମକରେ ଏବଂ ଗୋବର ଦେଲେ ସାପ ପ୍ରବେଶ କରେ ନାହିଁ। ଏହା ପରୀକ୍ଷିତ ସତ୍ୟ ଯେ ସାପ ଗାତ ପାଖରେ କଞ୍ଚା ଗୋବର ଅଥବା ଗୋବର ମୂତ ବା ଗୋବର ପାଣି ପକାଇଲେ ସାପ ରୁହେ ନାହିଁ। ଏହିଦିନ ସମସ୍ତ ପ୍ରକାର ହୋମ ଯଜ୍ଞାଦି ନିଷେଧ। ଏହି ଦିନ ଖୋର୍ଦ୍ଧା ପାଇକ ସମାଜର ସମର କୌଶଳ ପାଇକ ଖେଳ ଏବଂ ଢେଙ୍କାନାଳ ସୁର ପ୍ରସାଦ ସ୍ମୃତି ପରିଷଦ ଆନୁକୂଲ୍ୟରେ ପାଇକ ଆଖଡ଼ାର ଯାବତୀୟ କୌଶଳ ପ୍ରଦର୍ଶନ କରାଯାଏ। ରଜ ସଂକ୍ରାନ୍ତିରେ ପ୍ରଭୁଙ୍କର ଜନ୍ମଦିବସ ପଡ଼ିଲେ ଅର୍ଥାତ୍ ଦେବସ୍ନାନ ପୂର୍ଣ୍ଣିମା ପଡ଼ିଲେ, ଏହି ଦିନ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଏବଂ କଣ୍ଟିଲୋ। ନୀଳ ମାଧବଙ୍କର ସ୍ନାନଯାତ୍ରା ହୁଏ। ଦ୍ୱାଦଶୀ ପଡ଼ିଲେ ଚମ୍ପକ ଦ୍ୱାଦଶୀ ପାଳନ ହୁଏ।

ମିଥୁନ ୨ୟ ଦିନକୁ ତୃତୀୟ ରଜ ବା ଭୂମି ଦହନ ବା ଶେଷ ରଜ କୁହନ୍ତି। ଅଦ୍ୟ ଶ୍ରୀ ମନ୍ଦିରରେ ବିଶ୍ୱାବସୁ ଦଇତାପତିମାନଙ୍କର ସେବା ପ୍ରବେଶ। ଏହିଦିନ ମଧ୍ୟ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୁଏ। ଅବଶ୍ୟ ଏହା ତିଥିବାର ନକ୍ଷତ୍ରର ଗଣନା ଅନୁଯାୟୀ ତୃତୀୟ ରଜ ଏବଂ ଶିବ ବିବାହ ଗୋଟିଏ ଦିନରେ ପଡ଼ିଲେ ଶ୍ରୀକ୍ଷେତ୍ରର ନୀତିରେ ମଧ୍ୟ ପରିବର୍ତ୍ତନ ହୁଏ।

ମିଥୁନ ୪ର୍ଥ ଦିନକୁ ବସୁମତୀ ସ୍ନାନ ବା ଠାକୁରାଣୀ ବୁଢ଼ କୁହାଯାଏ। ଏହିଦିନ ମାଟି ମା' ପାଇଁ ବିଭିନ୍ନ ଫଳ ପୂଜାର ବ୍ୟବସ୍ଥା ଥାଏ। ପ୍ରଥମେ କୃଷିର ସିନ୍ଦୁର ଲିପା ପୂଜା ଏବଂ ତା' ପରେ ଲଙ୍ଗଳ ପୂଜା ହୁଏ। ବସୁମତୀଙ୍କୁ ଚନ୍ଦନ ଚର୍ଚ୍ଚିତ ସୁଗନ୍ଧ ପାଣିରେ ସିଞ୍ଚନ କରାଯାଏ।

ଠାକୁରଙ୍କୁ ନେଇ ଆମେ ରଜରେ ଶ୍ରୀ ମନ୍ଦିରରେ ଠାକୁରଙ୍କର ନୀତିରେ ଯେପରି ପରିବର୍ତ୍ତନଶୀଳ ଯଥା - ଖାଦ୍ୟ ନିଷେଧ ବା ଗ୍ରହଣୀୟ ଏବଂ ପିଠାପଣା ଇତ୍ୟାଦିର ବ୍ୟବସ୍ଥା ଅଛି, ମନୁଷ୍ୟମାନଙ୍କର ଠିକ୍ ସେହିଭଳି ପାଳନୀୟ। ପୋଷାକ, ପରିଚ୍ଛଦ ଏବଂ ମେଳା ମହୋତ୍ସବ ଇତ୍ୟାଦି ମଧ୍ୟ ଅନୁରୂପ। ରଜ ଏକ ଆନନ୍ଦ ଦାୟକ ପ୍ରମୋଦର ପର୍ବ। କର୍ମକ୍ଲାନ୍ତ ଜୀବନ ଭିତରେ ସ୍ତ୍ରୀ-ପୁରୁଷଙ୍କୁ ସାମୟିକ ଅବସର ଦେଇ ଆନନ୍ଦ ଉଲ୍ଲାସରେ ମଜେଇ ରଖିବାରେ ଏହା ଏକ ସାମାଜିକ ବ୍ୟବସ୍ଥା।

ରଜରେ ସମସ୍ତ ଚିରାଚରିତ ଦୈନନ୍ଦିନ କାର୍ଯ୍ୟକ୍ରମ ଏକ ପ୍ରକାର ପରିବର୍ତ୍ତନ। ନାରୀ ଜାତି ପାଇଁ ବହୁ କଟକଣା। ଯେମିତି କଦଳୀ ବାସୁଙ୍ଗା ବା ଗୁଆ ଖୋଳପା ଲଗାଇ ଚାଲିବା, ସଂଧ୍ୟା ପୂର୍ବରୁ ଖାଇବା, ଅନୂଢ଼ା କୁମାରୀମାନେ ରଜସ୍ୱଳା ହେଲେ ପିଠା ଓ ଫଳ ଖାଇ ଆଗାମୀ ନାରୀତ୍ୱର ତାଲିମ ନେବା ଇତ୍ୟାଦି ଇତ୍ୟାଦି।

ଏହି ପର୍ବରେ କଟାକଟି ଓ ବଟାବଟିର ବିଶେଷ କଟକଣା ଥିବାରୁ ନାରୀମାନେ ରଜ ପୂର୍ବଦିନଠୁ ପ୍ରାୟତଃ ଗୁଡ଼ାଏ ବଟାବଟି ଓ କଟାକଟି କାମ ସାରିଦେଇଥାଆନ୍ତି। ଅନେକ ମଧ୍ୟ ରଜ ତିନିଦିନ ରହିଲାପରି ଛଣାଛଣି ପିଠାପଣା କରି ସାଇତି ରଖିଥାଆନ୍ତି। ଏମିତିକି ବଟାବଟି ଉପରେ ବିଶେଷ ନିର୍ଭର ନକରି ମସଲା ସବୁକୁ ଗୁଣ୍ଡକରି ସାଇତି ରଖିଥାଆନ୍ତି। ଅର୍ଥାତ୍ ରଜରେ ଶୁଖିଲା ଖାଦ୍ୟ ଉପରେ ବିଶେଷ ନିର୍ଭର କରାଯାଏ।

ରଜର ସବୁକିଛି ସ୍ୱତନ୍ତ୍ର। ରଜ ସଜରେ ନୂଆପୋଷାକ, ନାରୀମାନଙ୍କ ପାଇଁ ଅଳତା, ସିନ୍ଦୁର ଓ ଚନ୍ଦନର ସମ୍ଭାର, ଅଳଙ୍କାର ଓ ଫୁଲର ପସରାକୁ ବିଭୁଷଣ ଦେଖାଇ ଦେଖାଇ ଏଘର ସେଘର ବୁଲିବା, ଚନ୍ଦନ ଓ ଅତରର ଟିପାରେ କପାଳକୁ ସୁନ୍ଦର ଭାବରେ ସଜାଇବା; ଗୋଡ଼ରେ ଅଳତା ଓ ନଖରେ ନେଲପଲିସ୍ ଦେବା, ଓଷ୍ଠରେ ଲିପ୍‌ଷ୍ଟିକ୍ ଓ ସୁନ୍ଦର କେଶବିନ୍ୟାସର ପରିପାଟି ତଥା ଅନ୍ୟାନ୍ୟ ଭୂଷଣର ସଜ୍ଜିକରଣର ଚମତ୍କାରିତାରେ ନାରୀଜାତି ଯେମିତି ବିଭୋର।

ରଜ ପିଠା। ଘରେ ଘରେ ନାନା ପିଠା : ରଜ ମଣ୍ଡା, ରଜ କାକରା, ରଜ ଏଣ୍ଡୁରି, ରଜର ଛେନା ଓ ଲାଉ ପୋଡ଼, ରଜ ଆରିଶା ଏମିତିକି ପାଣିପଣା ବି ରଜର। ଯଥା ରଜ ପଣା, ରଜ ଘାଣ୍ଟ, ସେହିପରି ରଜ ଭାର ଯାହାକି ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ। ଅଦା, ଯୁଆଣି, ଗୁଜରାତି ଏବଂ ଲବଙ୍ଗ ଇତ୍ୟାଦି ଦେଇ ମୁଆଁ ଭୂଜାଠୁ ଆରମ୍ଭକରି ରଜ ପିଠା ସବୁ ସ୍ୱତନ୍ତ୍ର।

ଏସବୁ ଖାଲି ନିଜ ପାଇଁ ନୁହେଁ - ଦିଆ ନିଆକୁ; ଚଖାଚଖିକୁ। ଏଘର ପିଠା ସେ ଘର ଏବଂ ସେଘର ପିଠା ଏଘର। କାହାର ପିଠା କେମିତି ? ଖାଲି ପିଠା ନୁହେଁ ରଜର ଭୁଜା; ମୁଢ଼ି ଭୁଜା, ଚୂଡ଼ା ଭୁଜା ଇତ୍ୟାଦି ଇତ୍ୟାଦି। ତହିଁକି ବଳାଏ ରଜ ପାନ। ପାନତ ପାନ ରଜପାନ, ମିଠା ପାନ, ଖିଲିପାନ। ମହକୁଥିବ ପାଟି ତା' ବାସ୍ନାରେ।

ତହିଁକି ବଳାଇଯାଏ ରଜ ଯାତ୍ରା। ବେଶ ଉପଭୋଗ୍ୟ - ଯା' ବୁଲି ବରୁଣାଇ, ଯା' ଉଗ୍ରତାରା, ଯା' ରାମଚଣ୍ଡୀ ନୋହିଲେ ପାଖ ଗାଁ ଯାତ୍ରା ଦେଖି। ଗାଁରେ ଗାଁରେ ରଜ ପାଲା, ଦାଶକାଠିଆ, ନାଟକ, ସୁଆଙ୍ଗ, ଭାଷଣବାଜି, ଆଲୋଚନା, କବିତା ପାଠୋତ୍ସବ ଏବଂ ଏଣିକି ଚାଲିଲାଣି ଭିଡ଼ିଓ ସୋ।

ମଉଜ ମଜ୍ଲିସ୍ ବି ବାଳଏ। ଗାଁ ଚଉତରା କି ଆଖଡ଼ା ଘରେ ତାସ୍ କି ପଶା। କାହା ବାରଣ୍ଡା କି ଢ଼ିଙ୍କିଶାଳରେ ଲୁଡୁ କିୟା ଗୋଡ଼ିଖେଳ। ସମୟ ନେଇ ଗାଁ ଯୁବକମାନଙ୍କର ଗାଁ ମୁଣ୍ଡ କି ସ୍କୁଲ ପଡ଼ିଆରେ କବାଡ଼ି, ବାଗୁଡ଼ି କି ଏବେକୁ କ୍ରିକେଟ ଖେଳ। ଖାଲି ଏମିତି ସେମିତି ଖେଳ ନୁହେଁ। ଇଏ ରଜ ଖେଳ। ବାଜା ବାଜେ। ବାଜାବାଲା ବାଜାରେ ମସ୍‌ଗୁଲ, ଖେଳୁଆଡ଼ ମଧ୍ୟ ଖେଳରେ ମଉୁଆଲ। ପାଇକ ଆଖଡ଼ାରେ ଚମକାଏ ଗାଁ ଦାଣ୍ଡ। ଦୁନ୍ଦୁଭି ତା' ବାଜରା ନାଁ। କୋଉଠି କୋଉଠି ଚାଲିଥାଏ ବାଜି। ଜୁଆଖେଳ। କାହାର କଚେ ପୁଅ ବାର ତ' କାହାର ସର୍ବନାଶ। ଇଏବି ରଜ।

ସବୁଠୁ ଉପଭୋଗ୍ୟ କୁମାରୀମାନଙ୍କର ପୁଚି ଖେଳ : ପୁଚି ଯା' ଘୁଞ୍ଚି... ତହିଁକି ବଳାଏ ରଜଦୋଳି। ଏ ଦୋଳି ଯେମିତି ଉପଭୋଗ୍ୟ ତାଠୁ ଶ୍ରୁତି ମଧୁର ତା' ଗୀତ।

କେହି କେହି ବି ରଜ ଭ୍ରମଣରେ ଯାଆନ୍ତି। ରଜ ସାମାଜିକ ଓଡ଼ିଆ ହିନ୍ଦୁ ଚଳଣିରେ ସଂପୂର୍ଣ୍ଣ ଭାବରେ ଉପଭୋଗ୍ୟର ପର୍ବ। ଏହା କୃଷି ସମ୍ବନ୍ଧୀୟ ଏକ ହିନ୍ଦୁ ଓଡ଼ିଆ ଜାତୀୟ ପର୍ବ। କଥାରେ କୁହନ୍ତି ଆଉ ସେ କାଳ ପଖାଳ ନାହିଁ। ଏବେ ଜାତୀୟକରଣ ଭିତରେ ଓଡ଼ିଆ ଓ ଓଡ଼ିଶାର ପାଣିପାଗ ବଦୁଳିଛି। ଆମେ ରଜଗୀତ ଭୁଲି ଗଲୁଣି ରଜ ସହ। ଏହା ଏବେ ବିଧିସର୍ବସ୍ୱ, ଜୀବନସର୍ବସ୍ୱ ନୁହେଁ। ଆମେ କ'ଣ ସତରେ ଏ ପରମ୍ପରା ଓ ଚଳଣୀର ଇତି ଟାଣିଦେବା ଆଉ ଜାବୁଡ଼ି ଧରିବା କନାକୁ। ଆଉ କ'ଣ ପୂର୍ବପରି ସରାଗର-ସହ ରଜକୁ ଅପେକ୍ଷା କରିବା ନାହିଁ।


♥ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ଜଟଣୀ
ମୋ: ୯୯୩୮୩୪୪୧୩୮


# ଓଡ଼ିଶାର ଏକ ପାରମ୍ପାରିକ ପର୍ବ ଓ ରାଜ୍ୟର ଗଣପର୍ବ ହେଉଛି ରଜପର୍ବ



## ଡଃ ମାଙ୍ଗଳିକା ମହାପାତ୍ର

ରଜ ଓଡ଼ିଶାର ଏକ ପାରମ୍ପାରିକ ପର୍ବ ଓ ରାଜ୍ୟର ଗଣପର୍ବ । ଏହା ତିନିଦିନ ଧରି ପାଳନ କରାଯାଇଥାଏ । ଏହାର ଦ୍ୱିତୀୟ ଦିନରେ ମିଥୁନ ମାସର ଆରମ୍ଭ ହୁଏ । ରଜ ସଂକ୍ରାନ୍ତିର ପୂର୍ବ ଦିନ ପହିଲି ରଜ । ଦ୍ୱିତୀୟ ଦିବସଟି ରଜ ସଂକ୍ରାନ୍ତି । ତୃତୀୟ ଦିବସ ହେଉଛି ଭୂମିଦାହ ବା ଭୂମି ଦହନ, ଚତୁର୍ଥ ତଥା ଅନ୍ତିମ ଦିବସ ହେଉଛି ବସୁମତୀ ସ୍ନାନ । ଏହା ଚାଷର ଆରମ୍ଭକୁ ସୂଚାଇଥାଏ । ରଜ ଶବ୍ଦର ଆକ୍ଷରିକ ଅର୍ଥ ହେଉଛି ରଜବତୀ ହେବା । ଏହା ପୃଥିବୀକୁ ମାତା ଭାବରେ ବିବେଚନା କରେ। ବର୍ଷାର ଆଗମନରେ ମାତା ପୃଥିବୀ ରଜସ୍ୱଳା ହୁଏ ଓ ନୂଆ ଶସ୍ୟ ଜନ୍ମ ହେବାର ସାଂକେତିକ ଭାବ ବହନ କରିଥାଏ। ଏହି ଦିନ କୃଷକମାନେ ବସୁମତୀଙ୍କୁ ପୂଜା କରନ୍ତି । ହଳ ଲଙ୍ଗଳ କୁ ପୂଜା କରିବା ସହିତ ଚାଷ କାର୍ଯ୍ୟରୁ ତିନିଦିନ ପାଇଁ ବିରତି ନେଇଥାନ୍ତି ।

ମେଘ ପୂର୍ଣ୍ଣ ଯୌବନର ଦୀପ୍ତି ନେଇ ଧରିତ୍ରୀକୁ ଆସିଥାଏ। ମାଟି ଓ ମୌସୁମୀର ମିଳନର ପର୍ବ ରଜ । ଆଦ୍ୟ ଆଷାଢ଼ର ପ୍ରଥମ ବାରିପାତରେ ପୃଥିବୀ ରତୁମତୀ ହୋଇଥିବାରୁ ଖୁସିରେ ଉତ୍ସବ ମୁଖର ହୋଇଉଠେ। ଶରୀର ପାଇଁ ବିଶ୍ରାମ ଓ ମନ ପାଇଁ ଆନନ୍ଦର ଅବସର ଏହି ରଜ ପର୍ବ ।

ପ୍ରଥମ ବର୍ଷାର ପହିଲି ପସରା ମାଟି ଛୁଇଁଲେ ଆର୍ଦ୍ର ହୋଇଉଠେ ପୃଥିବୀ । ସବୁଆଡେ ଶୀତଳତା ଭରିଯାଏ। ଯେମିତିକି ବହୁଦିନୁ ପ୍ରତିକ୍ଷିତ ଏଇ ମାଟି-ମେଘ ସହ ରଚି ବସିଛି ଶୃଙ୍ଗାରର ପର୍ବ । ଆଉ ଏହି ଶୁଭ ଅବସରରେ ମିଳନର ଗୀତ ଗାଉଛନ୍ତି ସମସ୍ତେ । ଦୋଳିରେ ଦୋଳିରେ ଛୁଟୁଛି କୁଆଁରୀଙ୍କ ରଜ ଗୀତର ଲହରୀ ସ୍ୱର। ପୋଡ଼ ପିଠା ଖିଆ, ପୁଅ ମାନଙ୍କ ତାସ୍ ଖେଳ, ବାଗୁଡ଼ି ଖେଳ, ଆଉ ଝିଅ ମାନଙ୍କ ଗାଁ ବୁଲା, ଅଳତା ଲଗା ସହ ରଜ ପାନ ଖାଇ ଓଠ ରଙ୍ଗେଇବା ଏକ ଭିନ୍ନ ମଉକା ।

ମୌସୁମୀର ସ୍ୱର୍ଶରେ ଆର୍ଦ୍ର ମାଟିର ଭୁରୁଭୁରୁ ଗନ୍ଧରେ ମହକି ଯାଉଛି - ଗାଁ ଭୂଇଁ। ହଳଦୀ ମଖା ନିରିମାଖି ଦେହରେ ସରଳା ପଲ୍ଲୀବାଳା ସଜେଇ ହୋଇଛି କୁଙ୍କୁମ ଚନ୍ଦନ । ରତୁମତୀ ଧାରାର ସଂକେତ ବହନ କରି ସେ ଆଜି ସମସ୍ତଙ୍କ ପାଇଁ ମହନୀୟା , ବନ୍ଦନୀୟା ହୋଇଉଠିଛି ।

ଅକ୍ଷୟ ତୃତୀୟାରେ ଧାନ ଅନୁକୂଳ କରି ବସିଥିବା ଚାଷୀ କ୍ଷେତକୁ ଯିବାକୁ ପ୍ରସ୍ତୁତ ହୋଇଥିଲେ ବି ଏହି ପାଞ୍ଚଦିନ ତା ପାଇଁ ବିଶ୍ରାମର ବେଳ। ଏବେ ଭୂଇଁରେ ଖାଲି ପାଦରେ ଚାଲିବା ମନା, କର୍ଷଣ ବି ମନା । ଫସଲ ଉତ୍ପାଦନ ଭଳି ଗୁରୁତ୍ୱପୂର୍ଣ୍ଣ କୃଷିପର୍ବର ଆରମ୍ଭରୁ ମାଟିକୁ ସମ୍ପୂର୍ଣ୍ଣ ବିଶ୍ରାମ ଦେବା ପାଇଁ ଏହି ପର୍ବର ପରି କଳ୍ପନା । ଖରାର ଦର୍ପ କମିଲା ପରେ ମୌସୁମୀର କଅଁଳ ଛୁଆଁ ଶିହରିତ କରେ ମତୀକୁ । କ୍ଲାନ୍ତ ଧୂସର ଆକାଶରେ ପଇଁତରା ମାରୁଛି ବାଦଲ। ଗଛର ସବୁଜିମା ଉପରେ ଆସ୍ତରଣ ଜମାଇଥିବା ବହଳ ଧୂଳି ଟୋପା ଟୋପା ମେଘରେ ଧୋଇ ହେଇଯାଉଛି । ପ୍ରକୃତିର ସ୍ୱପ୍ନ ଓ ସୃଜନ ରଚିଛନ୍ତି ମାଳମାଳ କଙ୍କି ଓ ପ୍ରଜାପତି ।

ଅତଏବ ପ୍ରକୃତିକୁ ସୃଷ୍ଟି କରିଛି ବର୍ଷା ଆଉ ବର୍ଷାକୁ ସ୍ୱାଗତ କରି ସୃଷ୍ଟି ହେଇଛି ରଜ ପର୍ବ । ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ସୂର୍ଯ୍ୟ ବୃଷ ରାଶିକୁ ତ୍ୟାଗ କରି ଯେଉଁ ଦିନ ମିଥୁନ ରାଶିରେ ପ୍ରବେଶ କରନ୍ତି, ତା ପର ଦିନକୁ ମିଶାଇ ମୋଟ ତିନିଦିନ ରଜ ପର୍ବ ପାଳନ କରାଯାଏ। ରଜର ଶେଷ ଦିନରେ ଠାକୁରାଣୀ ଗାଧୁଆରେ କାଠ ପିଢା ଉପରେ ଶିଳପୁଆ , ଲଙ୍ଗଳ, ଲୁହା ଓ ବିଭିନ୍ନ ଉପକରଣ ରଖି ତା ଉପରେ ହଳଦୀ ପାଣି ଢାଳି ଭୋଗ ରାଗ ସହ ବସୁମତୀ ସ୍ନାନ କରାନ୍ତି। ଏହା ପରେ ହିଁ ପବିତ୍ର ଓ ଉତ୍ପାଦନ କ୍ଷମ ହୁଏ ମାଟି।

ଆଷାଢ଼ମାସ ଚତୁର୍ମାସ୍ୟା ବ୍ରତର ପ୍ରଥମମାସ। ଏହି ଚାରିମାସ ମୁନି, ଋଷି ଓ ସାଧବମାନେ ସେମାନଙ୍କ ପରିଭ୍ରମଣ ତ୍ୟାଗ କରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ନିବିଷ୍ଟ ହୋଇ ସାଧନା କରିଥାନ୍ତି। ବିରହ ବିଧୂର ଯକ୍ଷର ପ୍ରିୟା ଉଦ୍ଦେଶ୍ୟରେ ମେଘ ମାଧ୍ୟମରେ ପ୍ରେରିତ ବାର୍ତ୍ତାକୁ ନେଇ ମହାକବି କାଳିଦାସଙ୍କରଚିତ 'ମେଘଦୂତ' ମହାକାବ୍ୟ ଏକ ଅନବଦ୍ୟ ସାଂସ୍କୃତିକ ବୌଦ୍ଧିକ ପ୍ରତିଲିପି ଓ ଇତିକଥା ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)





## ରଜ

### ଆଦ୍ୟାଶା ମହାପାତ୍ର



ରତୁଚକ୍ର ପରି ଘୁରି ବୁଲୁଥାଏ
ବାରମାସେ ତେର ପର୍ବ
କୃଷିଭିତ୍ତିକ ଏ ରଜ ପରବଟି
ଆମ ରାଜ୍ୟର ଗୌରବ ।

ଜ୍ୟେଷ୍ଠ ମାସ ଶେଷ ଦିନ ଉତ୍ସର୍ଗିତ
ପ୍ରଥମ ରଜଟି ପାଇଁ
ପହିଲି ଆଷାଢ଼ ଛୁଇଁଲେ ଧରଣୀ
ରଜ ସଂକ୍ରାନ୍ତି ବୋଲାଇ ।

ତିନି ଦିନ ଧରି ଆନନ୍ଦ ମଉଜ
କରନ୍ତି ଉତ୍କଳବାସୀ
ରଜ ଶେଷଦିନ ବସୁମତୀ ସ୍ନାନ
ଚାଷୀଭାଇ ମନ ଖୁସି ।

ଏ ତିନି ଦିନରେ ଆନନ୍ଦେ ବିଭୋର
ଜଗତ ଭୁଲଇ କଷ୍ଟ
କୁଆଁରୀ ପାଦରେ କଦଳୀ ପାଟୁଆ
ମାଟି ମାଆ ହୁଏ ତୁଷ୍ଟ ।

ଖିଲିପାନ ସାଥେ ରଜ ଦୋଳି ଗୀତ
କବାଡି ବାଗୁଡ଼ି ଖେଳ
ପୋଡପିଠାର ସେ ନିଆରା ସୁଆଦ
କରେ ସଭିଙ୍କୁ ପାଗଳ ।

ସାହି ବୁଲି ବୁଲି ତାସ ଲୁଡୁ ଖେଳି
ଦିନ ଯାଇ ହୁଏ ରାତି
ବନ୍ଧୁ ବାନ୍ଧବଙ୍କ ସହିତ ଆଳାପେ
ହୃଦେ ଭରିଥାଏ ପ୍ରୀତି ।

ରାଗ ରୁଷା ଆଉ ମାନ ଅଭିମାନ
ଭୁଲିବାକୁ ଏଇ ପର୍ବ
ଭାଇଚାରା ବାର୍ତ୍ତା ବାଣ୍ଟେ ଏ ପରବ
ଆମରି ରାଇଜ ଗର୍ବ ।

ରଜ ପର୍ବ ପରା ସବୁଠୁ ନିଆରା
ଖୁସିରେ ଭରଇ ମନ
ଉତ୍କଳୀୟ ରୀତି ନୀତି ପରମ୍ପରା
ସବୁଠାରୁ ଗରୀୟାନ ।


♥ନୂଆପଡା, କଟକ
ମୋ: ୯୪୩୮୧୭୫୫୪୨


## ରଜ ପରବ

### ସୁନୀଲ କୁମାର ପ୍ରଧାନ

ବରଷ କୁ ଥରେ ଆସିଅଛି ରଜ
ହୋଇବାରେ ସଜ ବାଜ
ସଭିଁଙ୍କ ମନରେ ଖୁସିର ଲହରୀ
ନାଚି ଗାଇବାରେ ଆଜ ।

ଓଡ଼ିଆ ମାନଙ୍କ ଏହା ଏକ ପର୍ବ
ମନ ଖୁସିରେ ସବୁରି
ଆସ ଟୁନା ଟୁନି ଖେଳିବାରେ ଦୋଳି
ନ ଯିବା କାହାକୁ ଡରି ।

ଘରେ ପିଠା ପଣା ଆରିସା କାକରା
ହୋଇଛି ରେ ଆଜି ଭାଇ
ରଜ ପର୍ବ କୁ ଆସିଛି ଭଉଣୀ
ଭାର ଧରି ଯିବା ପାଇଁ ।

ତିନି ଦିନ ରଜ ଆସିଛି ଅବଶ୍ୟ
ଦାଣ୍ଡେ ବାଜଇ ବାଜେଣୀ
ସମସ୍ତଙ୍କ ମନେ ଭାଇଚାରା ଆଣେ
ଆସ ରେ ଭାଇ ଭଉଣୀ ।

ରଜ ଶେଷ ଦିନ ଭୂମିରେ କର୍ଷଣ
ଚାଷୀ କରେ ଅନୁକୂଳ
ଲକ୍ଷ୍ମୀ ମାଆକୁ ସେ ସୁମରଣା କରେ
ଧରିଣ କଳ ଲଙ୍ଗଳ ।

ରଜକୁ ତ ଭାଇ ଭୁଲିବାରେ ନାହିଁ
ଏହା ହେଲା ଆମ ପର୍ବ
ସଭିଏଁଙ୍କ ହୃଦୟ ନାଚି ଉଠି ଖେଳେ
ମନରେ ହୁଅଇ ଗର୍ବ ।

ଆସରେ ଟୁନା ଆସରେ ଟୁନି
ସରିଲା ରଜ ମଉଜ
ପାଠ ପଢା ରେ ଦେବାରେ ମନ
ହୃଦୟେ ଏହାକୁ ହେଜ ।


♥ଝାଟିପଦର, ପାଲୁର,ଗଞ୍ଜାମ
ମୋ - ୭୬୦୯୯୩୪୩୬୬




## ରଜପର୍ବ

### ରତ୍ନକାନ୍ତି ମିଶ୍ର



ଆଦ୍ୟ ଆଷାଢ଼ରେ ରଜ ମହୋତ୍ସବ
ଉଲ୍ଲାସେ ହୁଏ ପାଳନ
କୃଷିଭିତ୍ତିକ ଏ ଗଣପର୍ବେ ଲାଗେ
ଦଶଦିଶ ସୁଶୋଭନ ।

ବସୁମତୀ ମାତା ହୁଏ ରଜସ୍ୱଳା
କୁଆଁରୀ କନିଆଁ ପରି
ଗାଆଁ ଠୁ ସହର ପ୍ରତିଟି ମନରେ
ଖେଳେ ଆନନ୍ଦ ଲହରୀ ।

ଝିଅ ବୋହୂ ସତେ ପରଜାପତିର
ରଙ୍ଗକୁ ଆଣି ସରାଗେ
ଏଇ ପରବରେ ବୋଳି ହୋଇଥାନ୍ତି
ହର୍ଷୋଲ୍ଲାସ ଅନୁରାଗେ ।

କେତେ ସଜବାଜ ଆନନ୍ଦ ମଉଜ
ପ୍ରତି ଘରେ ପିଠାପଣା
ଖିଲିପାନ ଖାଇ ଦୋଳିରେ ଝୁଲନ୍ତି
ମନ ନୁହେଁ କା'ର ଊଣା ।

ଆମ୍ବ ପଣସ ଓ ସପୁରୀ ସାଥିରେ
କଦଳୀ ଆରିସା ପିଠା
ରଜ ଭାର ଆସେ ନୂଆବୋହୂ ଘରୁ
ସାଥେ ପୁଣି ପାଟ ମଠା ।

ଏ ଉତ୍ସବ ସାଥେ ମୌସୁମୀ ଆସଇ
ଆକାଶେ ବାଦଲ ଭାସେ
ସବୁଜ ସୁନ୍ଦର ଦିଶଇ ପ୍ରକୃତି
ମାଟି ମାଆ ସତେ ହସେ ।

ଉତ୍କଳୀୟ ରୀତି ନୀତି ପରମ୍ପରା
ସବୁଠାରୁ ଗରୀୟାନ
ରଜପର୍ବ ପରା ସବୁଠୁ ନିଆରା
ଉଲ୍ଲସିତ ପ୍ରତି ପ୍ରାଣ ।


♥ଆଳି, କେନ୍ଦ୍ରାପଡା


## ଆସ ପାଳିବା ରଜ

### କ୍ଷିତୀଶ ଜେନା



ଆକାଶେ ଦେଖ ଉଡ଼ଇ ଗୁଡ଼ି
ଗଛରେ ଝୁଲେ ଦୋଳି
ରଜ ଆସିଛି ଖୁସି ମନରେ
ଆସ ପାଳିବା ମିଳି ।
ପୋଡ଼ପିଠାର ସୁବାସେ ପରା
ମହକେ ସବୁ ଘର
ସବୁରି ଓଠେ ଫୁଟଇ ହସ
ଦୁଃଖକୁ କରି ଦୂର ।
ବାଜାର ତାଳେ ଗାଁ ଗଣ୍ଡାରେ
ହୁଏ କବାଡ଼ି ଖେଳ
ଲୁଡୁ ତାଆସ ଖେଳରେ ଜମା
ଜଣା ପଡ଼େନି ବେଳ ।
ପିଲାଠୁ ବୁଢ଼ା ନୂଆ ପୋଷାକ
ରଜେ ପିନ୍ଧନ୍ତି ପରା
ରଜରେ ଆମ ପରି ଖୁସିରେ
ଫୁଲି ଉଠଇ ଧରା ।
ଲୁଗା ଦୋକାନ ଫଳ ଦୋକାନ
ରଜରେ ଭିଡ଼ ହୁଏ
ରଜପରବେ ଝିଅ ଘରକୁ
ରଜଭାର ଯେ ଯାଏ ।
ରଜରେ ଚାଲ ନୂଆଯାଗାକୁ
ଯିବାରେ ସାଙ୍ଗ ବୁଲି
ତିନିଦିନର ରଜପରବ
ହୁଏନି ପାରି ଭୁଲି ।


♥କଣ୍ଟିଗଡ଼ିଆ,ଧର୍ମଶାଳା, ଯାଜପୁର
ମୋ-୭୦୦୮୬୩୪୮୦୦

## ସଂସ୍କୃତିର ପ୍ରତୀକ ରଜ



**ମୀରା ବେଉରା**

ଭାରତ ବର୍ଷର ପରମ୍ପରା ଅତି ପ୍ରାଚୀନ। ସେଥିମଧ୍ୟରୁ ଓଡ଼ିଶାର କଳା, ସଂସ୍କୃତି, କାରୁକାର୍ଯ୍ୟ, ପର୍ବପର୍ବାଣୀ ବିଶ୍ୱ ଦରବାରରେ ଚିରବନ୍ଦନୀୟ। ବାରମାସରେ ଏଠାରେ ତେର ପର୍ବ ପାଳିତ ହୁଏ। ଏହି ରଜପର୍ବ ହେଉଛି ଏକ କୃଷି ଭିତ୍ତିକ ପର୍ବ। ଜାତି, ଧର୍ମ, ବର୍ଣ୍ଣ ଓ ନିର୍ବିଶେଷରେ ଏହି ପର୍ବ ସମସ୍ତ ପୁରପଲ୍ଲୀରେ ମହା ଆଡ଼ମ୍ବରରେ ପାଳିତ ହୋଇଥାଏ। କର୍ମକ୍ଲାନ୍ତ ମଣିଷଟିଏ ଯେତେବେଳେ କାମ କରି କ୍ଲାନ୍ତି ଅନୁଭବ କରେ ଏହି ପର୍ବପର୍ବାଣୀ ତାକୁ ଖୁବ୍ ଆନନ୍ଦ ଦିଏ। ଆଜି କିନ୍ତୁ ମହାମାରୀ କରୋନା ପାଇଁ ସମସ୍ତେ ପ୍ରାୟ ଗୃହବନ୍ଦୀ। କିନ୍ତୁ ଗୃହବନ୍ଦୀ ହେଲେ ବି ଏହି ପର୍ବକୁ ଆମେ ଘରେ ରହି ଆନନ୍ଦରେ ପାଳିପାରିବୁ। କେଉଁ ଆଦିମ କାଳରୁ ମଣିଷ ଯେତେବେଳେ ଗ୍ରାମୀଣ ଗୋଷ୍ଠୀଜୀବନ ପାଳୁଥିଲା ସେବେଠାରୁ ଏହି ପର୍ବ ପାଳନ କରିଆସୁଛି। କେଉଁ ବୈଦିକ ଯୁଗରୁ ପୃଥିବୀକୁ ଆମେ ମାତାରୂପେ ପୂଜାଅର୍ଚ୍ଚନା କରି ଧରାକୁ ଶସ୍ୟଶ୍ୟାମଳା କରିବା ପାଇଁ ଆରାଧନା କରିଥାଉ। ଏହି ବିଧି ଇତିହାସରେ ମଧ୍ୟ ଦେଖାଯାଏ, ଏହା ମଧ୍ୟ ସମସ୍ତେ ବିଶ୍ୱାସ କରନ୍ତି ଯେ ଏହି ରଜପର୍ବରେ ୩ ଦିନ ଧରି ପ୍ରକୃତିରାଣୀ ରଜସ୍ୱଳା ହୁଏ। ଏହାପରେ ସେହି ପ୍ରକୃତିରାଣୀ ହୁଏ ସୃଜନଶୀଳା। ତେଣୁ କରି ଏହି ତିନିଦିନ ପୃଥିବୀ ମା'କୁ ଆମେ ବିଶ୍ରାମ ଦେଇଥାଉ। ପ୍ରଥମ ଦିନଟିକୁ ପହିଲି ରଜ ଦ୍ୱିତୀୟ ଦିନକୁ ରଜ ସଂକ୍ରାନ୍ତି ଏବଂ ତୃତୀୟ ଦିନକୁ ଭୂମିଦାହ ବୋଲି କୁହାଯାଏ।

ଆଜିର ମଣିଷ ଯେତେ ମଙ୍ଗଳ ଗ୍ରହକୁ ଯାନ ପଠାଇଲେ ମଧ୍ୟ ଏବଂ ଚନ୍ଦ୍ରପୃଷ୍ଠରେ ଘର କରିବାର ସ୍ୱପ୍ନ ଦେଖିଲେ ମଧ୍ୟ ପୃଥିବୀ ମା' ମାଟିକୁ ପୂଜା କରୁଛି। ମାଟିକୁ ଆଉ ପ୍ରକୃତିକୁ ଛାଡ଼ିଦେଲେ ତା'ର ସ୍ଥିତି ଅସମ୍ଭବ। ମୃତ୍ତିକା ଏବଂ ମୌସୁମୀ ଉପରେ ସେ ନିର୍ଭର ନକରି ରହିପାରୁନି। ପ୍ରଥମ ଦିନଟିକୁ ଆମେ ସଜବାଜ ରୂପେ ପାଳନ କରିଥାଉ। ନିଜର ଦୈନନ୍ଦୀନ କର୍ମଜଞ୍ଜାଳରୁ ଟିକିଏ ଅବସର ନେଇ ଗାଁଠୁ ସହର ଯାଏ ସମସ୍ତେ କି ବୁଢ଼ା କି କୈଶୋର କି କୁଆଁରୀ ଝିଅ ବାହୁଆ ବୋହୂ ସମସ୍ତେ କ୍ରୀଡ଼ା କୌତୁକ, ଆମୋଦ ପ୍ରମୋଦ ଆଳାପ ଆଲୋଚନା ମଧ୍ୟରେ ଏହି ଦିନ ତିନୋଟିକୁ ମୁହାଁଖୁସି ଆନନ୍ଦରେ ପାଳିଥାନ୍ତି। ନାଚ, ଗୀତ, ପଶା, ବାଜୁଡ଼ି, ତାସ ଇତ୍ୟାଦି ଖେଳି ଖୁସି ହୁଅନ୍ତି। ପ୍ରତ୍ୟୁଷରୁ କୁଆଁରୀ ଝିଅ ବୋହୂ ଉଠି ସଜବାଜ ହୋଇ ପୋଡ଼ପିଠା ପ୍ରସ୍ତୁତ କରି ଖାଆନ୍ତି ଏବଂ ସାହି ପଡ଼ିଶା ସବୁଆଡ଼େ ବାଣ୍ଟି ଆନନ୍ଦ ପାଆନ୍ତି। କେବଳ ପୋଡ଼ପିଠା ନୁହେଁ ଆହୁରି ଅନେକ ପ୍ରକାର ପିଠାପଣା ଯେମିତିକି, କାକରା, ଏଣ୍ଡୁରୀ ଚକୁଳି, ଆରିସା, ମଣ୍ଡା, ଚିଉଡ଼ ପିଠା ଇତ୍ୟାଦି ଘରେ ଘରେ ତିଆରି କରି ସମସ୍ତେ ଏକାଠି ହୋଇ ଖାଇ ଖୁସି ହୁଅନ୍ତି। କୁଆଁରୀ ଝିଅମାନଙ୍କ ପାଇଁ ସବୁଠୁ ବଡ଼ ଆକର୍ଷଣ ହେଉଛି ରଜଦୋଳି। ଏହି ରଜଦୋଳିର ଗୀତ ତୋଟାବଣରୁ ଭାସି ଆସୁଥାଏ।

"ବନସ୍ତେ ଡାକିଲା ରଜ
ବରସକେ ଥରେ ଆସିଛି ରଜ
ଆସିଛି ରଜଲୋ;
ଘେନି ନୂଆ ସଜବାଜ
ଦୋଳି ହେଲା କଟମଟ
ମୋ' ଭାଇ ମୁଣ୍ଡରେ ସୁନା ମୁକୁଟ,
ସୁନା ମୁକୁଟ ଲୋ ଦିଶୁଥାଇ
ଝରମଟ।"

ଏହିଭଳି ପଲ୍ଲୀଗୀତ ସବୁ ଆମ୍ବତୋଟାରୁ ଭାସିଆସି ପୁରପଲ୍ଲୀକୁ ଆହୁରି ଉତ୍ସବମୁଖର କରିଦିଏ। ସତରେ ପର୍ବ ନ ଥିଲେ ଆମ ପାରିବାରିକ ତଥା ଗୋଷ୍ଠୀଜୀବନ ଏତେ ଆନନ୍ଦ ଉଲ୍ଲାସମୟ ହୋଇନଥାନ୍ତା। କୁଆଁରୀକନ୍ୟାଙ୍କ କଣ୍ଠରୁ ସୁଲଳିତ ସଙ୍ଗୀତର ମୂର୍ଚ୍ଛନା ସତରେ ଆମ ଗ୍ରାମୀଣ ଜୀବନକୁ ଆହୁରି ମଧୁମୟ କରିଦିଏ।

ଖାଲି ସେତିକି ନୁହେଁ, ଏହି ରଜପର୍ବରେ ପ୍ରତ୍ୟୁଷରୁ ସ୍ତ୍ରୀ ଓ କୁଆଁରୀ ଝିଅମାନେ ପୋଖରୀ ତୁଠରେ ସ୍ନାନାଦି ନିତ୍ୟକର୍ମ ସାରି ବିଭିନ୍ନ ପ୍ରକାର ବେଶଭୂଷାରେ ନିଜକୁ ମଣ୍ଡିତ କରି ନୂତନ ବସ୍ତ୍ର ପରିଧାନ କରି ମୁଣ୍ଡରେ ଟିପିଟିପି ଚନ୍ଦନ ଟୋପା, ପାଦରେ ଅଳତା, ମଥାରେ କୁଙ୍କୁମ କେଶରେ ନାଲି ରିବନ ଫିତା, ଗଜରା ଫୁଲ ମାଳ, ଶରୀରରେ ଅତର, ଆଖିରେ କଜ୍ଜଳ ଆଦିରେ ସୁସଜ୍ଜିତ ହୋଇ ଖୁସିରେ ପାଳିଥାନ୍ତି। ରଜପାନ ମଧ୍ୟ ରଜପର୍ବର ଆଉ ଏକ ବୈଶିଷ୍ଟ। ସୁସ୍ୱାଦୁ ପୋଠପିଠା ସହ ମିଠାମସଲା ଦିଆ ପାନ ଖାଇ ବହୁତ ଖୁସି ହୋଇଥାନ୍ତି। ଅବାଳ ବୃଦ୍ଧବନିତା ଖାଲି ପାନ କି ପୋଡ଼ ପିଠା ନୁହେଁ। ଏହା ସହ ବିଭିନ୍ନ ପ୍ରକାରର ପାଚିଲା ଫଳ ଯେମିତିକି ପାଚିଲା ଆମ୍ବ, ପଣସ, ସପୁରୀ, ସେପଟା, ଜାମୁରୋଳ, ପିଜୁଳି, କେନ୍ଦୁ, ତାଳ, ଲିଚୁ, ଜାମୁ ଆଦି ଫଳ ଖାଇ ସମସ୍ତେ ଆନନ୍ଦ ମୁଖର ହୋଇଥାନ୍ତି। ତୃତୀୟ ରଜଦିନ କୁଆଁରୀ ଝିଅମାନେ ଆଉ ଭୂମିରେ ଚାଲନ୍ତି ନାହିଁ ତେଣୁ ସେମାନେ ଗୁଆଗଛର ବଲ୍‌କଲକୁ ପାଦୁକା ସଦୃଶ ଏବଂ କଦଳୀ ଗଛର ବାହୁଙ୍ଗାରୁ ପ୍ରସ୍ତୁତ ପାଦୁକାକୁ ବ୍ୟବହାର କରିଥାନ୍ତି। ତୃତୀୟ ଦିବସକୁ 'ଭୂମିଦାହ' ନାମରେ କଥିତ ହେଉଥିବାରୁ ସେଦିନ ଭୂମିକୁ ଆଘାତ ନ ଦେଇ ବିଶ୍ରାମ ଦିଆଯାଏ। ରଜର ଶେଷଦିନ ଅର୍ଥାତ୍ ଚତୁର୍ଥଦିନ ପ୍ରତ୍ୟୁଷରେ ପ୍ରତ୍ୟେକ ବୋହୂ ତାଙ୍କ ଅଗଣାରେ କାଠ ଉପରେ କୃଷି ଉପକରଣ ଯେମିତିକି ଦାଆ, ଲଙ୍ଗଳ, ଲୁହା, ଶିଳପୁଆ, କଳସ ଆଦି ସ୍ଥାପନ କରି ଭୂମିକୁ ହଳଦୀ ପାଣିରେ ସ୍ନାନ କରାଇ ସିନ୍ଦୂର ଚନ୍ଦନ ଫୁଲ ଦେଇ ପୂଜା କରନ୍ତି। ଏହାକୁ ବସୁମତୀ ସ୍ନାନ କୁହାଯାଏ। ଏହାପରେ ସମସ୍ତ ଆଳସ୍ୟ, ଉପଭୋଗ, ଆମୋଦ ପ୍ରମୋଦକୁ ପରିତ୍ୟାଗ କରି ଚଷାଭାଇ କ୍ଷେତକୁ ଯାଏ ସାଙ୍ଗରେ ଧରି ନୂତନ କର୍ମପ୍ରେରଣା। ଏହାପରେ ମାଟି ମା'କୁ ଓଦା କରି ଆକାଶରୁ ଝରିପଡ଼େ ପହିଲି ବର୍ଷା। ପହିଲି ବର୍ଷାରେ ମାଟି ମା'ର ସୁଗନ୍ଧିତ ବାସ୍ନାରେ ପୁରପଲ୍ଲୀ ମହକି ଯାଏ। କିଆ ବୁଦାମୂଳେ ବେଙ୍ଗ ବେଙ୍ଗୁଲି ରାବ ଦିଅନ୍ତି। ପୋଖରୀ, ନାଳ, କୂଅ, ଗଡ଼ିଆ ସବୁଠି ଭରିଯାଏ ପହିଲି ଆଷାଢ଼ର ବର୍ଷା।

ଏହି ପର୍ବ ସବୁ ପୁରପଲ୍ଲୀର ଲୋକମାନଙ୍କ ଭିତରେ ଶାନ୍ତି, ମୈତ୍ରୀ, ବନ୍ଧୁତ୍ୱ, ସୌହାର୍ଦ୍ଦ୍ୟ ଭରି ଦେଇ ଏକତାର ବନ୍ଧନରେ ବାନ୍ଧିଦିଏ। ଆଧୁନିକତା ପାଶ୍ଚାତ୍ୟକରଣ ଏବଂ ଜଗତକରଣ ଆଳରେ ଆଜି ଆମମାନଙ୍କ ଜୀବନଶୈଳୀରେ ଘୋର ପରିବର୍ତ୍ତନ ଦେଖାଯାଇଛି। ସତକଥା ହେଉଛି ଆଜିର ମଣିଷ ଆଉ ମାଟି ମା'କୁ କି ପ୍ରକୃତିକୁ ପୂଜା କରୁନି ତେଣୁ ଅନେକ ଭୟଙ୍କର ବ୍ୟାଧିର ଶିକାର ହେଉଛି। ପ୍ରକୃତି ଏବଂ ମଣିଷ ପରସ୍ପର ଅଙ୍ଗାଙ୍ଗୀଭାବେ ଜଡ଼ିତ। ମଣିଷ ଯଦି ପ୍ରକୃତିଠାରୁ ନିଜକୁ ଦୂରେଇ ନେବ ତେବେ ସେ ନଷ୍ଟ ହୋଇଯିବ ଏହା ସତ୍ୟ। ଆଜିର ଆଧୁନିକ ମଣିଷ ଆଜି ପ୍ରକୃତିକୁ ନଷ୍ଟ କରି ସୃଷ୍ଟି କରି ଚାଲିଛି କଂକ୍ରିଟ୍ ଜଙ୍ଗଲ। ଫଳରେ ଆପଣା ହସ୍ତେ ଜିହ୍ୱାଛେଦି ତା'ର କେ ଅଛି ପ୍ରତିବାଦୀ ଭଳି ପରିସ୍ଥିତି ଆଜି ସୃଷ୍ଟି ହୋଇଛି। ଆଧୁନିକ ସ୍ୱେଚ୍ଛାଚାରୀ ମଣିଷ ଏବେ ଚନ୍ଦ୍ରରେ ଘର କରିବାର ସ୍ୱପ୍ନ ଦେଖିଲାଣି ଆଉ ମାଟି ମା'କୁ ପୂଜା କରିବାକୁ ସେ ଅନ୍ଧବିଶ୍ୱାସ ଏବଂ କୁସଂସ୍କାର ବୋଲି କହିବାକୁ ମଧ୍ୟ ପଛାଉନାହିଁ। କିନ୍ତୁ ଆଜିର ଏହି ଅତ୍ୟାଧୁନିକ ମଣିଷ ଯଦି ମୃତ୍ତିକା ଓ ମୌସୁମୀର ଆଦର ନ କରେ ପ୍ରକୃତିଠାରୁ ଦୂରେଇ ଯାଇ ନିଜର ସ୍ଥିତି କଥା ଭାବୁଥାଏ ତେବେ ଏହି ମାନବସଭ୍ୟତାର ଧ୍ୱଂସ ଠିକ୍ ପୃଥିବୀରେ ଡାଇନୋସର ପ୍ରାଣୀଭଳି ହେବ। ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ତେଣୁ ହେ ଦିବ୍ୟ ମାନବ ବେଳ ଥାଉ ଥାଉ ସୁଧୁରି ଯିବା ନିଜ ପାଇଁ ଏବଂ ସମଗ୍ର ବିଶ୍ୱ ପାଇଁ ମଙ୍ଗଳମୟ। ଏ ମଣିଷ ଜାତି ପ୍ରକୃତି ମା'କୁ ଓ ମାଟିକୁ ଭଲ ପାଉ ଏହା ହିଁ ଆଜି ରଜପର୍ବରେ ପ୍ରକୃତି ମା'ର ତା'ର ସନ୍ତାନମାନଙ୍କୁ ଆହ୍ୱାନ।


♥ ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳ ସାହି, ତୁଳସୀପୁର, କଟକ
ଫୋନ୍- ୯୮୫୩୩୫୦୩୮୪




## ବରଷକ ପରେ ଆସିଛିରେ ରଜ



**ଶରତ କୁମାର ଦାସ**

ବରଷକ ପରେ ଆସିଛିରେ ରଜ
ଅସୁମାରି ଖୁସି ନେଇ,
ପୀରତି ଫୁଲକେ କିଣିନିଏ ମନ
ସିନିହ ପରଶ ଦେଇ ।

ବାରମାସେ ତେର ପରବର ସାଥେ
ଏ ମୋର ରାଇଜ ହସେ,
ନାନା ଓଷାବାର ପୂଜା ଉପାସନା
ପରାଣକୁ ଆମ ରସେ ।

ରଜ ପରବଟି ଗରିମାରେ ଭରା
ଓଡିଆଙ୍କ ଗଉରବ,
କେତେ ରୀତିନୀତି ତା' ଦେହରେ ଲେଖା
ଆଣେ ଯଶ ବଇଭବ ।

କୃଷିର ପରବ ରୂପେ ଜଣାଶୁଣା
ପାଳୁ ଆମେ ବିଧିମତେ,
ଗାଆଁ ଠୁ ସହର ଗହଳଚହଳ
କି ମଜା ମଉଜ ସତେ !

ରଜ ତିନିଦିନ ଭୂମି କରଷଣ
ବାରଣ ହୁଅଇ ଭଲେ,
ଘରଦ୍ୱାର ସବୁ ଲିପାପୋଛା ହୁଏ
ପବିତ୍ର ଗୋମୟ ଜଳେ ।

ମାଟି ମାଆଙ୍କୁ ତ ପୂଜା କଲେ ସିନା
ଜମି ହୁଏ ଉରୁବର ,
ବରଷକଯାକ ଭଲ ଫଳ ମିଳେ
ଚାଷୀର ନ ଥାଏ ଡର ।

ଛୁଆଠାରୁ ବଡ ସଭିଏଁ ହରଷ
ଗରବେ ପାଳନ୍ତି ରଜ,
ରାତି ନ ପାହୁଣୁ ନୂଆ ପୋଷାକରେ
ହୋଇଥାନ୍ତି ପରା ସଜ ।

ବରଗଛ ଡାଳେ ଝୁଲୁଥାଏ ଦୋଳି
ଭେଦଭାବ ଯାଏ ଦୂରେ,
ଝିଅବୋହୂ ମିଶି ଖେଳନ୍ତି ଏକାଠି
ରଜଗୀତ ମିଠା ସୁରେ ।

ରଜ ପୋଡପିଠା ସୁଆଦ ନିଆରା
ପାଟିରେ ବାଜେ ଟି ଯେବେ,
ଥରେ ଖାଇସାରି ଆଉଥରେ ପାଇଁ
ଲାଳ ଝରୁଥାଏ ତେବେ ।

ମାନଅଭିମାନ ରାଗହିଂସା ଭୁଲି
ସଭିଏଁ ହୁଅନ୍ତି ମେଳ,
ବାଗୁଡି, କବାଡି, ଲୁଡୁ, ତାଆସରେ
ଗଡିଗଡି ଯାଏ ବେଳ ।

ସବୁରି କାନରେ ଏ ପରବ କହେ
ଏକତାର ପୁଣ୍ୟ କଥା,
ଭାଇଚାରା ପଣେ ଆଗେଇବା ଆମେ
ସତ ବାଟେ ରଖି ମଥା ।


♥ ଅଧ୍ୟାପକ,
ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧




## ରଜ ପରବ



**ଜୟନ୍ତ କୁମାର ମଲ୍ଲିକ୍**

ରଜ ପରବ ଆମ ଗରବ
ଆସୁଛି ଏବେ ଧାଇଁ
ଖେଳିବା ବସି ଖୁସି ମନରେ
କୁଆଡ଼େ ଯିବା ନାହିଁ ।

ନୂଆ ପୋଷାକ ପିନ୍ଧିବା ଆମେ
ବୁଲିବା ଗାଆଁ ସାହି
ସାଧା ପାନକୁ କଳରେ ଜାକି
ଡାକିବା ଆସ ଭାଇ ।

ବରଷା ରାଣୀ ପାରିଛି ଜାଣି
ରଜକୁ ଅଛି ଚାହିଁ
ଝରିବ ଯଦି ଟୁପୁରୁ ଟୁପୁ
ମନ ମାରିବ ଝାଇଁ ।

କାଦୁଅ ହେବ ମାଟି ଆମର
ହସିବ ଗଛ ଲତା

ଚାଷରେ ମନ ଦେବରେ ଚାଷୀ
ହେବ ଜଗତଜିତା ।

ଧରଣୀ ରାଣୀ ହସି ଉଠିବ
ଏଇ ପରବ ଦେଖି
ଖୁସି ମନରେ ଭାବିକି ଏଇ
କବିତା ଦେଲି ଲେଖି ।


♥ ଶୂରଡିହ, ନନ୍ଦିପୁର , ଯାଜପୁର
ମୋ: ୯୪୩୭୮୬୫୭୨୭


## ପ୍ରୀତିର ପ୍ରତିବିମ୍ବ ରଜ



**ଦୀପ୍ତି ମିଶ୍ର**

ପହିଲି ଆଷାଢ଼
ପଢ଼ିଦିଏ ନୂତନତାର ମନ୍ତ୍ର
ପାହାଡର ମଥାନରେ
ମାଳ ମାଳ ମେଘଙ୍କର
ଅପୂର୍ବ ସମାବେଶ
ସୃଷ୍ଟି କରେ ମଧୁର ମାଦକତା
ଆଦ୍ୟ ବର୍ଷାର ସ୍ପର୍ଶ ଭିଜାଇ ଦିଏ
ମା ମାଟିର ଅଙ୍ଗନ...

ଭିଜା ମାଟିର ମହକ
ଖେଳିଯାଏ ଗଗନ ପବନ ଚତୁର୍ଦ୍ଦିଗ,
ଦେହ ମନରେ ଭରି ଦିଏ
ପ୍ରୀତିର ରୋମାଞ୍ଚ....
କଦମ୍ବର ବାସ୍ନାରେ ଆନମନା ମୟୂର
ନୃତ୍ୟରେ ଆନନ୍ଦର ଫଲଗୁ ବୁହାଇ ଦିଏ
ବନାଞ୍ଚଳର ପ୍ରତିଟି କୋଣ ଅନୁକୋଣରେ

ଗିରି ମାଳା ର ସବୁଜିମା
ଛୁଇଁ ଛୁଇଁ ଯାଏ
ବାଦଲ ଭରା ଆକାଶକୁ....

ଆଉ ଠିକ୍ ସେତିକି ବେଳେ
ରଜ ପର୍ବରେ 'ରଜ ଦେବୀ' ଙ୍କର
ଆବିର୍ଭାବରେ ମାଟି ମା' ଆନନ୍ଦରେ
ଉତ୍ ଫୁଲ୍ଲିତ ....
ସୃଷ୍ଟିର ନୂତନ ତାର ଅନୁଭବକୁ
ଗର୍ଭ ରେ ଧାରଣ କରିବାର
ଭବିଷ୍ୟତର କଳ୍ପନାରେ ବିଭୋର ସେ

ବୃକ୍ଷଲତା ତରୁ ତୃଣ ପ୍ରାଣୀ
ମଣିଷ କୀଟ ପତଙ୍ଗ
ସଭିଙ୍କୁ ଏକ ଆପଣା ପଣ ଚାଦର

ବେଢେଇ ଦେଇ ହସୁଛି
ଏକ ପ୍ରଶାନ୍ତିର ଭାବରେ ମନକୁ ଭିଜେଇ..

ନିଦାଘରେ ସେ ଚାହିଁ ରହିଥିଲା.....
କେବେ କାଳ ବୈଶାଖୀର ମୃଦୁ ଆଲିଙ୍ଗନକୁ
କେବେ ଅଦିନ ମେଘର ଝିପି ଝିପି ଅବା
ଜାମୁକୋଳିଆ ବର୍ଷା ଟୋପାକୁ
ଆର୍ଦ୍ରତାରେ ଧୋଇ ଦେବା ପାଇଁ
ଦେହ ବା ମନର କ୍ଲିଷ୍ଟ ରୌଦ୍ରତାପକୁ...

ପହିଲି ବର୍ଷାର ଚମକରେ
ନିଜ ଠାରୁ ନିଜେ ବିସ୍ମୃତ,
ଅଚିହ୍ନା ନରମ ପବନ ରେ ଶିହରିତ
ଧରଣୀ ମାତା ଆଜି ରଜସ୍ୱଳା ....
ରଜ ପର୍ବର ଆଗମନୀର ବାର୍ତ୍ତା
ପ୍ରୀତିର ପ୍ରତିବିମ୍ବ ଟିଏ
ଆଙ୍କି ଦେଇଛି ପ୍ରତି ଟି ପ୍ରାଣ ରେ
ଆନନ୍ଦର ରଜ ଦୋଳି
ଟାଙ୍ଗିବାକୁ ଇସାରା ଦେଇ....
ସତେ କି ଏ ସମୟର ଦୋଳି ଖେଳ
ଯାହା ଚାଲି ଆସିଛି ଯୁଗ ଯୁଗ ଧରି
ସୁଖ ଦୁଃଖ ହସ ଲୁହକୁ ପାଥେୟ କରି ।


♥ ବାରିପଦା


## ଆସିଛି ଫେରି ରଜ



**ଲକ୍ଷ୍ମୀଧର ସିଂ**

ବରଷକ ପରେ ସଜବାଜ ହେଇ
ଆସିଛି ଫେରି ରଜ
ଗାଁଠୁ ସହର ସାରା ଓଡ଼ିଶାରେ
ଚାଲିଛି ମେଳା ମଉଜ

ପରବ ଭିତରେ ପରବ ରଜ
ସବୁଠୁ ବଢିଆ ଲାଗେ
ଘରେ ଘରେ ନାନା ପିଠାପଣା ହୁଏ
ଖାଇବା ଇଛାଟି ଜାଗେ

ରଜ ଦୋଳି ଗୀତ ପକାଏ ମନେ
କେତେ ଯେ ସମ୍ପର୍କ ଡୋରି
ମହାନ ଅଟେ ଆମ ପରମ୍ପରା
ଲାଗଇ ଗରବ ଭାରି

ରଜ ପାନ ଖାଇ ମନ ଆନନ୍ଦେ
ଚାଲଇ ବନ୍ଧୁ ମିଳନ

ବନ୍ଧୁ ବନ୍ଧୁ ଭେଟାଭେଟି ହୋଇ
କହନ୍ତି ନାନା ବଚନ

ହେଲେ ବି ରଜ ଝିଅଙ୍କ ପରବ
ସଭିଏଁ ହୁଅନ୍ତି ଖୁସି
ଓଡ଼ିଆ ସଂସ୍କୃତି ଜୟ ଗାନ କରୁ
ଆମେ ଓଡିଶା ବାସୀ


♥ ଅଁଳପାଳ, ଗରଡିହି, ବାଲେଶ୍ୱର


## ଉତ୍କଳୀୟ ସଂସ୍କୃତିରେ ରଜପର୍ବ



**ଡ.ମନୋରଞ୍ଜନ ବିଷୋୟୀ**

ଯୁଗେ ଯୁଗେ ଉତ୍କଳୀୟ ସଂସ୍କୃତି; ମହାଭାରତୀୟ ବିଶାଳ ପରିସର ଭିତରେ ଆପଣାର ସ୍ୱାତନ୍ତ୍ର୍ୟ ପ୍ରତିପାଦିତ କରିଆସିଅଛି । ଏ ସ୍ୱାତନ୍ତ୍ର୍ୟ ମହାଭାରତୀୟତାକୁ ଅସ୍ୱୀକାର କରି ଗଢ଼ି ଉଠିନାହିଁ; ବରଂ କହିବାକୁ ଗଲେ ବିଶାଳ ପରମ୍ପରା ଭିତରେ ଏକ ଭୌଗୋଳିକ ଭୂଖଣ୍ଡରେ ବସବାସ କରୁଥିବା ସମଭାବାପନ୍ନ ଦୃଷ୍ଟିଭଙ୍ଗୀ ଓ ବିଚାରଧାରାକୁ ଆଧାର କରି ଆପଣାର ପରିଚିତି ଉପସ୍ଥାପିତ କରି ଆସିଅଛି । ଉତ୍କଳ ଭୂଖଣ୍ଡ କହିଲେ ଆଧୁନିକ ରାଜନୈତିକ ମାନଚିତ୍ରର ଓଡ଼ିଶା ନୁହେଁ। ଏକଦା ଏହା ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ସୁବିସ୍ତୃତ ହେବା ସହ ଇତିହାସରେ କଳିଙ୍ଗ, କୋଶଳ, ଓଡ୍ର, ଉତ୍କଳ ପରି ନାମରେ ପରିଚିତ ଏକ ସମୃଦ୍ଧ ଅଞ୍ଚଳ ଥିଲା ।

ଏ ପରିପ୍ରେକ୍ଷୀରେ କହିରଖେ; ଅନେକ ଆଲୋଚକ ଦ୍ରାବିଡ଼ ଭାଷାରେ ଲବ୍ଧ 'ଓଡ୍ର' ମଧ୍ୟରେ ଓଡ଼ିଶାର ସତ୍ତା ଖୋଜିଲା ବେଳେ; ଅନ୍ୟ କେତେକ ତାମିଲ ଭାଷାରେ ଚାଷ କରୁଥିବା ଅର୍ଥରେ ବ୍ୟବହୃତ 'ଉଡୁ' ଓ ଚାଷ କରୁଥିବା ଲୋକଙ୍କୁ 'ଉକ୍କଳ' ଏବଂ ସେହି ଧାରାରେ କନ୍ନଡ଼ର ଚଷା ଅର୍ଥରେ ବ୍ୟବହୃତ 'ଓଡ଼ିସ' ଶବ୍ଦ ଭିତରୁ ଓଡ଼ିଶା ଅର୍ଥାତ୍ ଉତ୍କଳକୁ ଖୋଜିବାକୁ ଚେଷ୍ଟା କରିଛନ୍ତି । ଏହି ଦୃଷ୍ଟିରୁ ବିଚାର କଲେ କୌଣସି ନା କୌଣସି ସୂତ୍ରରେ ଉତ୍କଳୀୟ ସଂସ୍କୃତି ସହ କୃଷି ସଂସ୍କୃତି ଓତପ୍ରୋତ ଭାବେ ଜଡ଼ିତ । ସେ ଯାହାହେଉ ସମତଳ, ଉପକୂଳ ଓ ପାର୍ବତ୍ୟାଞ୍ଚଳର ସମନ୍ୱୟରେ ଉତ୍କଳ ବୈଭବଶାଳୀ ହେବା ସହ ଆର୍ଯ୍ୟ, ଦ୍ରାବିଡ଼ ଓ ଶବର ସଭ୍ୟତାର ସଂସ୍କୃତି ଉତ୍କଳ ଆତ୍ମାକୁ ଦୀପ୍ତିମାନ କରିଆସିଛି ।

ଏହି ଉତ୍କଳୀୟ ସଂସ୍କୃତିର ଅନ୍ୟ ଏକ ଶ୍ରେଷ୍ଠ ପର୍ବ ଭାବେ 'ରଜ' କାଳ କାଳ ଧରି ପ୍ରଭାବ ବିସ୍ତାର କରି ଆସିଛି । ଯାହା କୃଷିଭିତ୍ତିକ ଏକ ଗଣପର୍ବର ମାନ୍ୟତା ଲାଭ କରିଅଛି । ଏହା ମିଥୁନ ସଂକ୍ରାନ୍ତିର ପୂର୍ବ ଓ ପରଦିନ ପାଳନ କରାଯାଇଥାଏ । ସଂକ୍ରାନ୍ତିର ପୂର୍ବଦିନକୁ ପହିଲି ରଜ, ସଂକ୍ରାନ୍ତିକୁ ରଜ ସଂକ୍ରାନ୍ତି ଓ ସଂକ୍ରାନ୍ତିର ପରଦିନକୁ ତୃତୀୟ ରଜ ବା ଭୂଦାହ କୁହାଯାଏ । ଏହି ଦିବସତ୍ରୟ ପୃଥିବୀମାତା ରଜସ୍ୱଳା ହେବାର ଦିନ । ତେଣୁ ଏହି ତିନିଦିନ ସକଳ ପ୍ରକାର କୃଷିକାର୍ଯ୍ୟ ଓ ଭୂଖନନ ବାରଣ କରାଯାଇଥାଏ ଏବଂ ଚତୁର୍ଥ ଦିନ ବସୁମତୀ ସ୍ନାନ ସହ ରଜପର୍ବ ଉଦ୍‌ଯାପନ କରାଯାଏ । ଏଠାରେ ରଜ ପୂର୍ବରୁ ପ୍ରତି ଓଡ଼ିଆଙ୍କ ଘରେ ଯେଉଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ; ସେ ଦିନଟିକୁ ସଜବାଜ କୁହାଯାଏ । ରଜ ତିନିଦିନ ସ୍ତ୍ରୀ ଲୋକମାନଙ୍କୁ କାଟିବା, କୁଟିବା, ବାଟିବା, ବୋହିବା ଭଳି ଅନେକ କାର୍ଯ୍ୟ ବାରଣ ଥିବାରୁ ସେମାନେ ତିନିଦିନର କାମ ସଜବାଜ ଦିନ ସାରି ସ୍ୱାଦିଷ୍ଟ ପିଠା ଓ ମିଠାର ପ୍ରସ୍ତୁତିରେ ଲାଗି ପଡ଼ିଥାନ୍ତି ।

ଏହାପରେ ରଜ ତିନିଦିନ ନାରୀମାନେ ସକଳ କାର୍ଯ୍ୟରୁ ନିବୃତ୍ତ ରହିଥାନ୍ତି । ଏପରିକି ନାରୀମାନେ ଏହି ତିନିଦିନ ଭୂମି ଉପରେ ମଧ୍ୟ ଚାଲନ୍ତି ନାହିଁ ଏବଂ କୃଷକମାନେ ମଧ୍ୟ ଭୂମିକର୍ଷଣ, ବୀଜବପନ ଓ ଖନନ ଭଳି ଯାବତୀୟ କାର୍ଯ୍ୟରୁ ନିବୃତ୍ତ ରହିଥାନ୍ତି । ଏହି ସମୟରେ ଗ୍ରୀଷ୍ମ ଋତୁର ଶେଷ ଓ ବର୍ଷାର ଆଗମନ ହେବା ସହ ପୃଥିବୀ ମାତା ରଜସ୍ୱଳା ହୋଇଥାଏ ଏବଂ ଏହି ସମୟରେ ପୃଥିବୀମାତାଙ୍କ ଠାରୁ କ୍ଷରଣ ରସ ପୃଥିବୀକୁ ଶସ୍ୟ ଶ୍ୟାମଳା କରିବାର ସାଂକେତିକ ଭାବକୁ ବହନ କରିଥାଏ । ରଜ ତିନିଦିନ ପରେ ଅର୍ଥାତ୍ ଚତୁର୍ଥ ଦିନ ବସୁମତୀ ସ୍ନାନ ସହ ପୂଜା କରାଯାଏ। ଏହା ରଜପର୍ବର ଅନ୍ତିମ ଦିବସ । ଯାହା ମହାଲକ୍ଷ୍ମୀ ସ୍ନାନ ବା ଗାଧୁଆ ଭାବେ ପ୍ରସିଦ୍ଧ । ଏହି ଦିନ ନାରୀମାନେ ଶିଳପୁଆକୁ ଭୂମି ଲକ୍ଷ୍ମୀ ସ୍ୱରୂପରେ ଚନ୍ଦନ, ସିନ୍ଦୂର, କୁଙ୍କୁମ, କଜ୍ଜ୍ୱଳ ଦେଇ ହଳଦୀ ପାଣିରେ ସ୍ନାନ କରାଇଥାନ୍ତି ଏବଂ ଧରଣୀମାତା ତିନିଦିନର ବିଶ୍ରାମ ପରେ ବିଶୁଦ୍ଧ ସ୍ନାନ କରି ସଂସାରବାସୀଙ୍କୁ ଆଶୀର୍ବାଦ କରିବା ସହ ସୃଜନ କ୍ଷମତା ଅର୍ଥ ଶସ୍ୟ ବୀଜ ଧାରଣ କରି ଧରଣୀକୁ ଶସ୍ୟଶ୍ୟାମଳ କରିବାର ସାମର୍ଥ୍ୟ ଲାଭ କରନ୍ତି ।

ଏ ପରିପ୍ରେକ୍ଷୀରେ କହିରଖେ; ରଜ ବେଳେ ନାରୀ ଓ ପୁରୁଷମାନେ ସକଳ କାର୍ଯ୍ୟରୁ ବିରତି ନେଇ ଆନନ୍ଦ ଉଲ୍ଲାସରେ ପାଳନ କରୁଥିବାରୁ ଏହା ରଜ ମଉଜ ନାମରେ ମଧ୍ୟ ବେଶ୍ ଖ୍ୟାତ୍ । ରଜରେ ବିଭିନ୍ନ ପିଠା ବିଶେଷ କରି ପୋଡ଼ପିଠା ଓ ପାନ ଖାଇବା ସହ ସ୍ତ୍ରୀ ଲୋକମାନେ ନାନାଦି ଗୀତ ବୋଲି ଦୋଳି ଖେଳିଥାନ୍ତି। ବିଶେଷ କରି କୁମାରୀ ଝିଅମାନଙ୍କ ନିତିଦିନିଆ ଘଟଣା ଓ କୁମାରୀମନର ଭାବାବେଗ ଏ ଦୋଳି ଗୀତରେ ଶୁଣିବାକୁ ମିଳିଥାଏ। ଏହାସହ ପୁଚି ଖେଳରେ ମଧ୍ୟ ସେମାନେ ସମୟ ଅତିବାହିତ କରିଥାନ୍ତି। ସ୍ଥଳ ବିଶେଷରେ ଯୁବକ ଓ କିଶୋରମାନେ ମଧ୍ୟ ଦୋଳି ଖେଳିବା ସହ ଡୁଡୁ ଓ ବାଗୁଡ଼ି ଖେଳରେ ମାତିଥାନ୍ତି । ବୟସ୍କମାନେ ପଶା, ତାସ ଆଦି ଖେଳ ଖେଳି ସମୟ ଅତିବାହିତ କରନ୍ତି । ଏପରି କରି ରଜସ୍ୱଳା ଧରଣୀ ମାତାକୁ ଆଶ୍ୱସ୍ତି ଦେବାର ପ୍ରୟାସ କରିଥାନ୍ତି । ଅହରହ ପଦାଘାତ ଓ ଖନନ କଷ୍ଟ ସହୁଥିବା ଧରଣୀମାତାକୁ ଆଶ୍ୱସ୍ତି ଦେବାକୁ କୃଷକ ଚାଷ କାର୍ଯ୍ୟରୁ ବିରତ ରହି ଏବଂ କୁମାରୀମାନେ ଭୂମିରେ ନ ଚାଲି; ଅଧିକାଂଶ ସମୟ ଦୋଳିରେ ଝୁଲି କୃତଜ୍ଞତା ତଥା ସମ୍ମାନ ପ୍ରଦର୍ଶନ କରିଥାନ୍ତି ।

ପରିଶେଷରେ କେବଳ ଏତିକି କହିବି ରଜପର୍ବ ହେଉଛି କୃଷିଭିତ୍ତିକ ଓଡ଼ିଶାର ସାଂସ୍କୃତିକ, ଆଧାତ୍ମିକ, ସାମାଜିକ ଓ ନୈତିକ ଅଭିବ୍ୟକ୍ତିର ଏକ ସାର୍ଥକ ପରିପ୍ରକାଶ ।


♥ ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ମୋ: ୮୮୯୫୧୪୧୭୨୭

# ରାଷ୍ଟ୍ରସେବିକା ସମିତିର ପ୍ରାରମ୍ଭିକ ବର୍ଗ ଉଦ୍‌ଯାପିତ

ଭୁବନେଶ୍ୱର,୧୩/୦୬ (ନି.ପ୍ର): ରାଷ୍ଟ୍ରସେବିକା ସମିତି, ପୁରୀ ବିଭାଗ ଖୋର୍ଦ୍ଧା,ନୟାଗଡ,ପୁରୀ ଓ ଭୁବନେଶ୍ୱର ତରଫରୁ ଏକ ପ୍ରାରମ୍ଭିକ ଶିକ୍ଷାବର୍ଗ ଗତ ୭ ଜୁନ ୨୦୨୨ ଠାରୁ ୧୨ ଜୁନ ୨୦୨୨ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ୟୁନିଟ-୮ ପରିସରରେ ଅନୁଷ୍ଠିତ ହୋଇଯାଇଛି । ୪ଟି ଜିଲ୍ଲାରୁ ୧୫ ବର୍ଷରୁ ୬୦ ବର୍ଷ ବୟସର ବାଳିକା ଓ ମହିଳାମାନେ ୬ ଦିନର ଏହି ଶିକ୍ଷା ବର୍ଗରେ ଭାଗ ନେଇଥିଲେ । ଏଥିରେ ସର୍ବମୋଟ ୧୧୦ ଜଣ ଶିକ୍ଷାର୍ଥୀ, ୭ ଜଣ ଶିକ୍ଷିକା, ୫ ଜଣ ରାଷ୍ଟ୍ରସେବିକା ସମିତିର ଅଧିକାରୀଙ୍କ ସମେତ ୮ ଜଣ ପ୍ରବନ୍ଧିକା ସମ୍ମିଳିତ ଥିଲେ । ସମାଜର ବିଭିନ୍ନ ବର୍ଗର ମହିଳା ଯଥା ବିଦ୍ୟାର୍ଥୀ, ଅଧ୍ୟାପିକ, ଯନ୍ତ୍ରି, ଗୃହିଣୀ ଓ ଭାବା ଅଟୋମିକ୍ ରିସର୍ଚ୍ଚ ସେଂଟରର ଜଣେ ବୈଜ୍ଞାନିକ ଏଥିରେ ଭାଗ ନେଇଥିଲେ । ପ୍ରାତଃ ୪ ରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣରେ ପ୍ରାତଃ ସ୍ମରଣ, ଯୋଗ, ପ୍ରାଣାୟମ, ଶାରୀରିକ ଶିକ୍ଷା, ସାମୁହିକ ଚର୍ଚ୍ଚା, ବୌଦ୍ଧିକ, କର୍ମଶାଳା, ପ୍ରାର୍ଥନା, ମନ୍ତ୍ର ଉଚ୍ଚାରଣ ଆଦି ଭାରତୀୟ ସଂସ୍କୃତି ଆଧାରରେ ପ୍ରଶିକ୍ଷଣ ଦିଆଯାଇଥିଲା । ରବିବାର ଦିନ ଅନୁଷ୍ଠିତ ସମାପନ ସମାରୋହରେ ବିଶିଷ୍ଟ ଲେଖିକା ତଥା ସ୍ତମ୍ଭକାର ଡ.ମୋନଦୀପ ସାହୁ ମୁଖ୍ୟ ଅତିଥି ଓ ରାଷ୍ଟ୍ରସେବିକା ସମିତିର ପ୍ରାନ୍ତ କାର୍ଯ୍ୟବାହିକା ଶ୍ରୀମତୀ ଆରତୀ ବୈଶାଖୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଭୁବନେଶ୍ୱର ମହାନଗର କାର୍ଯ୍ୟବାହିକା ଶ୍ରୀମତୀ ଆରତୀ ଜେନା ବର୍ଗର ବୃତ ଉପସ୍ଥାପନା କରିଥିଲେ । ଶେଷରେ ମହାନଗର ସଂଚାଳିକା ଶ୍ରୀମତୀ ସଂଜୁ ମେଘମାଳା ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ । ଜ୍ୟୋତିର୍ମୟୀ ସାହୁ ଓ ତପସ୍ୱିନୀ ମହନ୍ତ ମଂଚ ପରିଚାଳନା କରିଥିଲେ । ଭାରତର ସଂଘର୍ଷମୟ ଇତିହାସରେ ମହୀୟସୀ ମହିଳାଙ୍କ ଭୂମିକା ତଥା ବର୍ତମାନ ଯୁଗରେ ରାଷ୍ଟ୍ର ନିର୍ମାଣ ପାରିବାରିକ ସଂସ୍କାରରେ ନାରୀର ସହଭାଗୀତା ଉପରେ ବକ୍ତାମାନେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଅଖଣ୍ଡ ଭାରତ ଧ୍ୟେୟରେ ଭାରତମାତା ପ୍ରତିଛବି ନିକଟରେ ଦ୍ୱୀପ ପ୍ରଦାନ ପରେ ସାମୁହିକ ରାଷ୍ଟ୍ରଗାନ ସହିତ ବର୍ଗର ସମାପନ ଉତ୍ସବ ସମାପ୍ତ ହୋଇଥିଲା ।

# ଜାତୀୟ ସଂପତ୍ତିକୁ ହାତେଇଥିବା ଗାନ୍ଧି ପରିବାରକୁ ସୁରକ୍ଷା ଯୋଗାଇବା ଉଦ୍ଦେଶ୍ୟରେ ସତ୍ୟାଗ୍ରହର ନାଟକ କରୁଛି କଂଗ୍ରେସ : ଡ.ସମ୍ବିତ ପାତ୍ର

ଭୁବନେଶ୍ୱର,୧୩/୦୬ (ନି.ପ୍ର): କଂଗ୍ରେସ ଦଳ ହେଉଛି ଦୁର୍ନୀତି ଓ ଭ୍ରଷ୍ଟାଚାରର ଗନ୍ତାଘର । ଗାନ୍ଧୀ ପରିବାର ଭ୍ରଷ୍ଟାଚାରରେ ସଂପୂର୍ଣ୍ଣ ଲିପ୍ତ ବୋଲି ସମସ୍ତଙ୍କୁ ଜଣାଅଛି । ବହୁଚର୍ଚ୍ଚିତ ନ୍ୟାସନାଲ ହେରାଲ୍ଡ ମାମଲାରେ ଗାନ୍ଧି ପରିବାରର ସଂପୃକ୍ତି କାରଣରୁ ବର୍ତମାନ ଉଭୟ ସୋନିଆ ଗାନ୍ଧି ଏବଂ ରାହୁଲ ଗାନ୍ଧି କୋର୍ଟଙ୍କ ନିର୍ଦ୍ଦେଶରେ ଜାମିନ ପାଇ ବାହାରେ ବୁଲୁଛନ୍ତି । ଅର୍ଥ ହେରଫେର ମାମଲାର ତଦନ୍ତ ପାଇଁ ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି) ଉଭୟଙ୍କୁ ହାଜର ହେବା ପାଇଁ ନୋଟିସ୍ ଜାରି କରିଥିଲେ । ସୋନିଆ ଗାନ୍ଧି ହାଜର ହୋଇନଥିବାବେଳେ ଆସନ୍ତାକାଲି ରାହୁଲ ଗାନ୍ଧି ହାଜର ହେବାର ଅଛି । ଜାତୀୟ ସଂପତିକୁ ଚୋରି କରିଥିବା ଏବଂ ଧରାପଡିବା ଭୟରେ ଗାନ୍ଧି ପରିବାର ପୁଣି ଡ୍ରାମାବାଜୀ ଆରମ୍ଭ କରିଦେଇଛନ୍ତି ବୋଲି ରାଷ୍ଟ୍ରୀୟ ମୁଖପାତ୍ର ଡ.ସମ୍ବିତ ପାତ୍ର କହିଛନ୍ତି । ନ୍ୟାସନାଲ ହେରାଲ୍ଡ ଦୁର୍ନୀତିରେ ଛନ୍ଦି ହୋଇପଡିଥିବା ଏବଂ ଜାତୀୟ ସଂପତିକୁ ଚୋରି କରିଥିବା ଅଭିଯୋଗରୁ ଖସିଯିବା ପାଇଁ ଗାନ୍ଧି ପରିବାର ତରଫରୁ ସମସ୍ତ ପ୍ରୟାସ ଜାରି ରହିଛି । ଦେଶବ୍ୟାପୀ ସାମ୍ବାଦିକ ସମ୍ମିଳନୀ କରି ରାହୁଲ ଗାନ୍ଧିଙ୍କୁ ବଂଚାଇବା ପାଇଁ ଆସନ୍ତା କାଲି ସମସ୍ତ କଂଗ୍ରେସ ସାଂସଦଙ୍କୁ ଦିଲ୍ଲୀକୁ ଆଣି ସତ୍ୟାଗ୍ରହ କରାଯିବାକୁ ଡାକରା ଦିଆଯିବା କେବଳ ଏକ ନାଟକବାଜୀ ବୋଲି ଡ.ପାତ୍ର କହିଛନ୍ତି । ପାଂଚ ହଜାରରୁ ଊର୍ଦ୍ଧ୍ୱ ସ୍ୱାଧିନତା ସଂଗ୍ରାମୀଙ୍କଠାରୁ ଟଙ୍କା ଆଣି ୧୯୩୭ ମସିହାରେ ଜବାହାରଲାଲ ନେହେରୁ ଏସୋସିଏଟ୍ ଜର୍ନାଲ କମ୍ପାନୀ (ଏଜେଏଲ୍) ପ୍ରତିଷ୍ଠା କରିଥିଲେ । ଏହି ବ୍ୟବସାୟିକ କମ୍ପାନୀର କରଜ ପରିମାଣ ୯୦ କୋଟି ଟଙ୍କା ବୃଦ୍ଧି ପାଇବା କାରଣରୁ ୨୦୦୮ ମସିହାରେ ଏହାକୁ ବନ୍ଦ କରିଦିଆଗଲା । ପରବର୍ତୀ ସମୟରେ ଏଜେଏଲ କମ୍ପାନୀ କଂଗ୍ରେସ ଦଳରୁ ୯୦ କୋଟି ଟଙ୍କା ଆଣିଥିଲା । ଗାନ୍ଧି ପରିବାରର ନିର୍ଦ୍ଦେଶକ୍ରମେ କଂଗ୍ରେସ ଦଳର କୋଷାଧ୍ୟକ୍ଷ ଶ୍ରୀ ମୋତିଲାଲ ବୋରା ଏଜେଏଲ କମ୍ପାନୀର ଚେୟାରମ୍ୟାନ ଥିବା ସେହି ମୋତିଲାଲ ବୋରାଙ୍କୁ ୯୦ ଟଙ୍କା ଦେଇଥିଲେ । ଯାହାକି ଆଇନତଃ ଅପରାଧ । ସମୟକ୍ରମେ ୟଙ୍ଗ ଇଣ୍ଡିଆ କମ୍ପାନୀ ଗଠନ କରାଯାଇଥିଲା ଏବଂ ଏହାର ଅଧକ୍ଷ ମଧ ମୋତିଲାଲ ବୋରା ହୋଇଥିଲେ । ସେୟାର ହୋଲ୍ଡରଙ୍କ ବିନା ପରାମର୍ଶରେ ଏଜେଏଲ କମ୍ପାନୀର ସେୟାରକୁ ୟଙ୍ଗ୍ ଇଣ୍ଡିଆକୁ ବିକ୍ରି କରିଦିଆଯାଇଥିଲା, ଯାହାକି ସଂପୂର୍ଣ୍ଣ ଅବୈଧ ଏବଂ ଆଇନବିରୋଧି । ମାତ୍ର ୫ ଲକ୍ଷ ଟଙ୍କାରେ ଆରମ୍ଭ ହୋଇଥିବା ୟଙ୍ଗ୍ ଇଣ୍ଡିଆ କଂପାନୀରେ ଏଜେଏସ୍ କଂପାନୀ ନାମରେ ଥିବା ଦିଲ୍ଲୀ, ମୁମ୍ବାଇ, ହରିୟାନା, ଇନ୍ଦୋର, ଭୋପାଳ ସମେତ ଦେଶର ବିଭିନ୍ନ ସ୍ଥାନରେ ଜମି ଆପେଆପେ ୟଙ୍ଗ୍ ଇଣ୍ଡିଆର ହୋଇଗଲା, ଯାହାର ମୂଲ୍ୟ ପ୍ରାୟ ୫୦୦୦କୋଟି ହେବ ।

# ବିଶ୍ୱ ଶିଶୁ ଶ୍ରମ ବିରୋଧ ଦିବସ ଅବସରରେ ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର,୧୩/୦୬ (ନି.ପ୍ର): ବିଶ୍ୱ ଶିଶୁ ଶ୍ରମ ବିରୋଧ ଦିବସ ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ଶିଶୁ ଶ୍ରମ ଉଚ୍ଛେଦ ସମ୍ପର୍କରେ ଏକ ରାଜ୍ୟସ୍ତରୀୟ କର୍ମଶାଳାର ଆୟୋଜନ କରାଯାଇଥିଲା । ଏଥିରେ ମାନ୍ୟବର ଶ୍ରମ ମନ୍ତ୍ରୀ ଶ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରମ ବିଭାଗ ତରଫରୁ ଆଇନର କଡାକଡି ପାଳନ ସହ ଜିଲ୍ଲାସ୍ତରରେ ସମସ୍ତ ଅଧିକାରୀ ଶିଶୁ ଶ୍ରମ ନିରାକରଣ ନିମନ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଓଡିଶାକୁ ୨୦୨୫ ସୁଦ୍ଧା ଶିଶୁ ଶ୍ରମ ମୁକ୍ତ ରାଜ୍ୟ ଭାବରେ ଗଢିତୋଳିବା ପାଇଁ ସବୁ କ୍ଷେତ୍ରରେ ଉଦ୍ୟମର ଆବଶ୍ୟକତା ଅଛି ବୋଲି କହିଥିଲେ । ଉତ୍ସବ ଆରମ୍ଭ ପୂର୍ବରୁ ୨୯.୦୬.୨୦୨୨ ରୁ ରାଜ୍ୟ ଏବଂ ଜିଲ୍ଲା ସ୍ତରରେ କରାଯାଇଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମଗୁଡିକର ଏକ ଫୋଟୋ ଗ୍ୟାଲେରୀ ମାନ୍ୟବର ଶ୍ରମ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ । ଏହା ସହିତ, ବିଭିନ୍ନ ସ୍ତରରେ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ନିମନ୍ତେ ପୋଷ୍ଟର, ଷ୍ଟିକର ଏବଂ ଶିଶୁ ଶ୍ରମ ନିରାକରଣ ସମ୍ପର୍କିତ ଚଳଚିତ୍ର ମଧ୍ୟ ମାନ୍ୟବର ମନ୍ତ୍ରୀ ଉନ୍ମୋଚନ କରିଥିଲେ । କର୍ମଶାଳାରେ ଶ୍ରମ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମ, ଆଇ. ଏ. ଏସ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଶିଶୁ ଶ୍ରମିକ ଚିହ୍ନଟ ସହ ସେମାନଙ୍କ ପାଇଁ ଏକ ବିଶେଷ ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ବିଷୟରେ ସୁଚାଇଥିଲେ । ପଂଚାୟତ ସ୍ତରରେ ସ୍ୱେଚ୍ଛାସେବୀମାନଙ୍କ ସହାୟତାରେ ଗ୍ରାମ ସଭାରେ ଏ ବିଷୟରେ ନିରନ୍ତର ଆଲୋଚନା ସହ ଆଦର୍ଶ ଶିଶୁମାନଙ୍କ ସହଯୋଗର ଆବଶ୍ୟକତା ସମ୍ପର୍କରେ ସୁଚାଇଥିଲେ । କେନ୍ଦୁଝର, ଖୋର୍ଦ୍ଧା, ଢେଙ୍କାନାଳ ଏବଂ ମୟୁରଭଞ୍ଜରୁ ଶିଶୁ ଶ୍ରମିକ କ୍ଷେତ୍ରରୁ ଉଦ୍ଧାର ହୋଇ ସମାଜର ମୁଖ୍ୟସ୍ରୋତକୁ ଫେରି କୃତକାର୍ଯ୍ୟ ହୋଇଥିବା କିଛି ଛାତ୍ର ଏବଂ ଯୁବକ ମଧ ଏ କର୍ମଶାଳାରେ ସାମିଲ ହୋଇ ଶିକ୍ଷାର ଆବଶ୍ୟକତା ସହ ସରକାରଙ୍କର ତ୍ୱରିତ ପଦକ୍ଷେପ କିପରି ଜୀବନକୁ ନୂତନ ଦିଗଦର୍ଶନ ଦିଏ ସେ ଦିଗରେ ଆଲୋକପାତ କରିଥିଲେ । କର୍ମଶାଳାରେ ଶ୍ରମ କମିଶନର ଡକଫର ତିରୁମଲା ନାଏକ, ଆଇ. ଏ. ଏସ ସ୍ୱାଗତ ଭାଷଣ ଦେବା ସହ ଆଇନର ବିଭିନ ଦିଗ ସମ୍ପର୍କରେ ସମ୍ୟକ ସୂଚନା ଦେଇ ବିଭିନ୍ନ ଦଣ୍ଡବିଧାନ ସମ୍ପର୍କରେ ଅବଗତ କରାଇଥିଲେ । ମେ ୨୯ ତାରିଖରୁ ବିଭିନ୍ନ ସାମାଜିକ ସଂଗଠନର ସହଯୋଗରେ ଆରମ୍ଭ ହୋଇଥିବା ପନ୍ଦର ଦିନିଆ ସଚେତନତା ଅଭିଯାନ ସମ୍ପର୍କରେ ମଧ ଆଲୋକପାତ କରିଥିଲେ । ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ଶ୍ରୀମତୀ ସନ୍ଧ୍ୟାବତୀ ପ୍ରଧାନ, ଓଡିଶା ୟୁନିସେଫ୍ ମୁଖ୍ୟ ମୋନିକା ନୀଲସେନ, ବିଶେଷ ଅତିଥି ଭାବରେ ଯୋଗ ଦେଇଥିଲେ । ସମସ୍ତ ଜିଲ୍ଲାର ଶ୍ରମ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀ ଏବଂ ୧୬ ଟି ଜିଲ୍ଲାର ଶିକ୍ଷା ଅଧିକାରୀ ଏହି କର୍ମଶାଳାରେ ଯୋଗଦେବା ସହ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଓ ମହିଳା ଏବଂ ଶିଶୁ ବିକାଶ ବିଭାଗର ବରିଷ୍ଠ କର୍ମକର୍ତ୍ତା ମଧ ଯୋଗ ଦେଇଥିଲେ । ଏହାଛଡା ଅଗ୍ରଣୀ ସମାଜ ସଂଗଠନ ଯଥା ପିକକ୍, ସିଏ. ସିଏଲ. ଏଡ୍ ଏଡ୍ ଆକ୍ସନ, ଆଇ. ଯେ. ଏମ୍ ର ପ୍ରତିନିଧିମାନେ ମଧ ଯୋଗଦେଇ ଏକ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ସମ୍ପର୍କରେ କହିଥିଲେ । ଭୁବନେଶ୍ୱର ଯୁଗ୍ମ ଶ୍ରମ କମିଶନର ଧନ୍ୟବାଦ ଅର୍ପଣ କରିଥିଲେ ।

# ସମାଜସେବୀ ଦେବୀ ପ୍ରସାଦଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ପାଳିତ

ଭୁବନେଶ୍ୱର,୧୩/୦୬ (ନି.ପ୍ର): ଉଦୀୟମାନ ଯୁବନେତା, ପୂଜ୍ୟପ୍ରଣାମ ଟ୍ରଷ୍ଟର ଟ୍ରଷ୍ଟି ତଥା ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ପୂର୍ବତନ କଂଗ୍ରେସ ପ୍ରାର୍ଥୀ ଦେବୀ ପ୍ରସାଦ ମଲ୍ଲିକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ କହିଲେ ଯେ, ମୃତ୍ୟୁ ଚିରନ୍ତନ ସତ୍ୟ । କିନ୍ତୁ କୋଭିଡ଼ର କରାଳ ଗ୍ରାସରେ ବହୁ ଯୁବ ପ୍ରତିଭାଙ୍କର ମଧ୍ୟାହ୍ନରେ ସୂର୍ଯ୍ୟାସ୍ତ ଅତ୍ୟନ୍ତ ବେଦନା ଦାୟକ । ପୂର୍ବତନ ମନ୍ତ୍ରୀ ତଥା ସାଂସଦ ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ପତ୍ନୀ ଶ୍ରୀମତୀ ହାରାମଣି ଓ ଦେବୀ ପ୍ରସାଦଙ୍କ ପତ୍ନୀଙ୍କୁ ସମବେଦନା ଜଣାଇ ଏଭଳି ଦାରୁଣ ଦୁଃଖ ସହ୍ୟ କରିବାକୁ ପରମାତ୍ମା ଆପଣମାନଙ୍କୁ ଅଶେଷ ଧୈର୍ଯ୍ୟ ଦିଅନ୍ତୁ ବୋଲି କହିଥିଲେ । ଟଙ୍କପାଣି ରୋଡ଼ସ୍ଥିତ ଡିଏମ୍ ରିସୋର୍ଟଠାରେ ପୂଜ୍ୟ ପ୍ରଣାମ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏବଂ ଟ୍ରଷ୍ଟର ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଶ୍ରାଦ୍ଧବାର୍ଷିକରେ ସ୍ମୃତିଚାରଣ କରି ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋ ଓ ଗଣେଶ୍ୱର ବେହେରା ସ୍ୱର୍ଗତ ଦେବୀ ପ୍ରସାଦଙ୍କୁ ଜଣେ ଅତ୍ୟନ୍ତ ଭଦ୍ର, ନମ୍ର, ସ୍ନେହୀ ଓ ବନ୍ଧୁବତ୍ସଳ ବ୍ୟକ୍ତିଭାବେ ବର୍ଣ୍ଣନା କରିଥିଲେ । ଶ୍ରଦ୍ଧାଞ୍ଜଳି ଜଣାଇ ନିଖିଳ ଭାରତ ମହିଳା କଂଗ୍ରେସର ସମ୍ପାଦିକା ସୁସ୍ମିତା ବେହେରା ଓ ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର, ପିତା ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ସଂସ୍କାରର ଯଥେଷ୍ଟ ପ୍ରଭାବ ଦେବୀ ପ୍ରସାଦଙ୍କ ଉପରେ ପଡ଼ିଥିଲା ବୋଲି କହିଥିଲେ । ଜଗତସିଂହପୁର ଜିଲ୍ଲା ପରିଷଦର ପୂର୍ବତନ ସଭାପତି ନଟବର ବାରିକ ଓ ବରିଷ୍ଠ ଡ଼ାକ୍ତର ବିଷ୍ଣୁ ଚରଣ ମିଶ୍ର ଦେବୀ ପ୍ରସାଦ, ଯୁବ ପ୍ରେରଣାର ଉତ୍ସ ଭାବେ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ହାଇଡ୍ରୋ ପାୱାର କର୍ପୋରେସନର ପୂର୍ବତନ ଅଧକ୍ଷ ଇଂ ସହଦେବ ଖଟୁଆ ସ୍ୱର୍ଗତ ଦେବୀପ୍ରସାଦଙ୍କୁ ଜଣେ ନିଷ୍ପାପର, ଦକ୍ଷ ପ୍ରଶାସକ ଭାବେ ବର୍ଣ୍ଣନା କରିଥିଲେ । ବିଧାନଚନ୍ଦ୍ର ଜେନା, ଲିଙ୍ଗରାଜ ମଲ୍ଲ, ସର୍ବେଶ୍ୱର ପଣ୍ଡା, କଂଗ୍ରେସ ନେତା ଜ୍ଞାନଦେବ ବେଉରା, ପ୍ରତିମା ମଲ୍ଲିକ, ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ଦୀପକ ପଶାୟତ, ବିରିଡ଼ି ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# କଳାହାଣ୍ଡିରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅନ୍ତର୍ଗତ ବିକାଶ କାମର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୧୩/୦୬ (ନି.ପ୍ର): କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଅର୍ଜ୍ଜୁନ ମୁଣ୍ଡା ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି କଳାହାଣ୍ଡିରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ତାଙ୍କର ଏହି ସରକାରୀ ଗସ୍ତ ଆଜି ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ରବିବାର କେନ୍ଦ୍ର ମନ୍ତ୍ରୀ କଳାହାଣ୍ଡିର କେସିଙ୍ଗା ଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କ ସହିତ ମତ ବିନିମୟ କରିଛନ୍ତି । ପକ୍କା ଘର ମିଳିବା ପରେ ସେମାନଙ୍କର ଅଭିଜ୍ଞତା, ସଶକ୍ତିକରଣ ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ହିତାଧିକାରୀଙ୍କୁ ପଚାରି ବୁଝିଥିଲେ । ଏଠାରେ ୪୦ ପରିବାରକୁ ଆବାସ ଯୋଜନାରେ ଘର ମିଳିଛି । ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ହୋଇଥିବା କଲୋନୀ ପରିସରରେ ବୃକ୍ଷରୋପଣ ମଧ କରିଥିଲେ । ହିତାଧିକାରୀମାନେ କହିଥିଲେ ଯେ, ଆବାସ ଯୋଜନାରେ ଘର ମିଳିବା ପରେ ସେମାନଙ୍କ ଜୀବନରେ ଯଥେଷ୍ଟ ପରିବର୍ତ୍ତନ ଆସିଛି । ସମାଜରେ ସେମାନଙ୍କୁ ଏକ ସମ୍ମାନଜନକ ସ୍ଥାନ ମିଳିଛି ବୋଲି ହିତାଧିକାରୀମାନେ ସୂଚନା ଦେଇଥିଲେ । କେନ୍ଦ୍ର ମନ୍ତ୍ରୀ କେସିଙ୍ଗା ଠାରେ ସରକାରୀ ସ୍କୁଲ ପରିଦର୍ଶନ କରିଥିଲେ । ବିଦ୍ୟାଳୟରେ ମୋଟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୧ ପ୍ରତିଶତ ଜନଜାତି ବର୍ଗର ହୋଇଥିବାରୁ କେନ୍ଦ୍ର ମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ । ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ ଏବଂ ବିଜ୍ଞାନାଗାର ଥିବାରୁ ସେ ସନ୍ତୋଷ ବ୍ୟକ୍ତ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂକଳ୍ପ ଅନୁରୂପ ଦେଶର ପ୍ରତି ଜିଲ୍ଲାରେ ମେଡ଼ିକାଲ କଲେଜ ପ୍ରତିଷ୍ଠା ଲାଗି ଯୋଜନା କରାଯାଇଛି । ଏହି କ୍ରମରେ ଭବାନୀପାଟଣା ଠାରେ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ନିର୍ମାଣ କରାଯାଉଛି । କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଏହାର ନିର୍ମାଣ କାର୍ଯ୍ୟ ନିରୀକ୍ଷଣ କରିଥିଲେ ।

# ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ଆଜି ନବସଂକଳ୍ପ ଶିବିରର ନିଷ୍ପତ୍ତିକୁ ପାରିତ କଲା

ଭୁବନେଶ୍ୱର,୧୩/୦୬ (ନି.ପ୍ର): ଅଖିଳ ଭାରତ ଜାତୀୟ କଂଗ୍ରେସ ଦ୍ୱାରା ରାଜସ୍ଥାନର ଉଦୟପୁର ଠାରେ ଆୟୋଜିତ ନବସଂକଳ୍ପ ଶିବିରର ନିଷ୍ପତି ଅନୁସାରେ ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ନବସଂକଳ୍ପ ଶିବିର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠରେ ଆୟୋଜନ କରାଯାଇଥିଲା । ଏହି ଶିବିରରେ ଜିଲ୍ଲା କଂଗ୍ରେସର ସମସ୍ତ ବ୍ଲକ ସଭାପତି, ଜିଲ୍ଲା ଉପସଭାପତି, ସାଧାରଣ ସଂପାଦକ, ସଂପାଦକ, ଭୁବନେଶ୍ୱର ଜିଲ୍ଲା ମହିଳା ସଭାନେତ୍ରୀ ଏବଂ ଜିଲ୍ଲା ମହିଳା କଂଗ୍ରେସ ନେତ୍ରୀ, ଜିଲ୍ଲା କଂଗ୍ରେସର ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଓ ଗତ ମହାନଗର ନିଗମ ନିର୍ବାଚନରେ ବିଭିନ୍ନ ୱାର୍ଡରେ ପ୍ରାର୍ଥି ଓ ପ୍ରାର୍ଥିନୀ ହୋଇଥିବା ସମସ୍ତ ସଦସ୍ୟ, ଜିଲ୍ଲା, ବିଭିନ୍ନ ପ୍ରକୋଷ୍ଠ ଓ ବିଭାଗର କର୍ମକର୍ତା ଏବଂ ଛାତ୍ର ଓ ଯୁବ ନେତୃବୃନ୍ଦ ଉପସ୍ଥିତ ଥିଲେ । ଏହି ଚିନ୍ତନ ଶିବିରରେ ଜିଲ୍ଲା କଂଗ୍ରେସର ସଭାପତି ଶ୍ରୀ ବିଶ୍ୱଜିତ ଦାଶ ସଭାପତିତ୍ୱ କରିବା ସହିତ ରାଜ୍ୟ କଂଗ୍ରେସର ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ, ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ବିଧାୟକ ଶ୍ରୀ ସନ୍ତୋଷ ସିଂ ସାଲୁଜା, ରାଜ୍ୟ କଂଗ୍ରେସ ଉପସଭାପତି ତଥା ବରିଷ୍ଠ ଆଇନଜୀବି ଶିବାନନ୍ଦ ରାୟ, ମନୋରଞ୍ଜନ ଦାଶ, ଶୁଭେନ୍ଦୁ ମହାନ୍ତି, ଚିନ୍ମୟ ସୁନ୍ଦର ଦାସ ଓ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ଗିତାଞ୍ଜଳି ମହାନ୍ତି ଉପସ୍ଥିତ ଥିଲେ । କଂଟାବାଞ୍ଜି ବିଧାୟକ ଶ୍ରୀ ସାଲୁଜା କହିଲେ ଯେ ରାଜ୍ୟରେ କଂଗ୍ରେସକୁ ସଶକ୍ତ କରିବାପାଇଁ ହେଲେ ଆମେ ଲୋକମାନଙ୍କ ପାଖରେ ପଂହଚିବାର ଅଛି ରାଜ୍ୟରେ ପ୍ରତ୍ୟେକ ବ୍ଲକ ଓ ପଂଚାୟତ ସ୍ତରରେ କଂଗ୍ରେସକୁ ସଶକ୍ତ କରିବା ସହିତ ଜନସଂପର୍କ ଅଭିଯାନ ଉପରେ ଗୁରୁତ୍ୱ ଦେବାର ଅଛି । ରାଜ୍ୟର ସମସ୍ତ ଆସନରେ କଂଗ୍ରେସ ଏକାକୀ ଲଢ଼ିବାର ଅଛି । ଆମେ ସମସ୍ତେ ଏକ ହୋଇ ରାଜ୍ୟ ସରକାରଙ୍କ ବିଫଳତା ତଥା କେନ୍ଦ୍ର ସରକାରଙ୍କ ବିଫଳତା ନେଇ ଜନ ଆନ୍ଦୋଳନ କରିବା ସହିତ ସରକାରଙ୍କ ବିରୋଧରେ ସବୁ ସ୍ତରରେ ଲଢ଼େଇ କରିବା । ପୂର୍ବତନ ପ୍ରଦଶେ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିବା ଜିଲ୍ଲା କଂଗ୍ରେସର ନେତୃବୃନ୍ଦଙ୍କ ଉଦ୍ଦେଶ୍ୟରେ କହିଲେ ଯେ ଏବେ ଏକ ବଡ଼ ଆହ୍ୱାନ ଆମ ସମସ୍ତଙ୍କ ସାମନାରେ ଛିଡ଼ା ହୋଇଛି । ଏହି ଆହ୍ୱାନ ହେଉଛି ରାଜ୍ୟକୁ ଛଳ, ପ୍ରବଂଚକ ଓ ଅପାରଗ ସରକାର ପାଖରୁ ରକ୍ଷା କରିବା । ଠିକ୍ ସେହିଭଳି ଭାବରେ ଆଜି ଦେଶରେ ବିଭାଜନକାରୀ ଶକ୍ତିମାନେ ଅଧିକ ଶକ୍ତିଶାଳୀ ହେବା ସହିତ ଦେଶରେ ଘୃଣା, ହିଂସା, ଭେଦଭାବ ଓ ଧର୍ମନାମରେ ରାଜନୀତି କରିବା ସହିତ ଭାରତ ବର୍ଷର ସମସ୍ତ ସାମ୍ବିଧାନିକ ଅନୁଷ୍ଠାନ ଏପରିକି ବିଚାରଳୟକୁ ନିଜ କବଜାକୁ ନେଇଯିବାକୁ ବସିଲେଣି । ତେଣୁ ଆପଣମାନେ ଆଜି ଏକ ସଂକଳ୍ପ ନେବାର ସମୟ ଆସିଛି । ଦେଶକୁ କିପରି ରକ୍ଷା କରିବାକୁ ହେବ ଓ ସେଥିପାଇଁ ଆପଣ ସମସ୍ତଙ୍କୁ ଏକ ବିଚାରଧାରାର ଲଢ଼େଇ କରିବାକୁ ପଡ଼ିବ । ବୁଥ ସ୍ତର ଠାରୁ ଆରମ୍ଭ କରି, ବ୍ଲକସ୍ତର ପର୍ଯ୍ୟନ୍ତ ଆମେ ସମସ୍ତେ ଅଧିକ ଲୋକାଭିମୁଖି ହେବା ସହିତ ଏହି ଶକ୍ତିମାନଙ୍କ ବିରୋଧରେ ଲଢ଼େଇ କରିବାକୁ ପଡ଼ିବ । ଶ୍ରୀ ଜୟଦେବ ଜେନା କହିଲେ ଯେ ଦୀର୍ଘ ୨୨ ବର୍ଷକାଳ ରାଜ୍ୟ ସବୁ କ୍ଷେତ୍ରରେ ପଛକୁ ପଛ ଯାଉଛି । ଆଜି ଯେଉଁ ଟଙ୍କିକିଆ ଚାଉଳ କଥା କୁହାଯାଉଛି ତାହା ନବୀନ ପଟ୍ଟନାୟକ ବା ବିଜୁ ଜନତା ଦଳ ଦେଉନାହାଁ । ଓଡ଼ିଶାରେ କଂଗ୍ରେସ ସରକାର ଶ୍ରୀ ଜାନକୀ ବଲ୍ଲଭ ସମୟରେ କେବିକେ ଜିଲ୍ଲା ମାନଙ୍କରେ ସମସ୍ତ ଗରିବ ପରିବାର ବର୍ଗଙ୍କୁ ୨ଟଙ୍କା ଦରରେ ଚାଉଳ ଯୋଗାଇ ଦିଆଯାଉଥିଲା । ଅନ୍ତୋଦ୍ୟ, ଅନ୍ନଯୋଜନା ମାଧ୍ୟମରେ ଏହି ସବୁ ଜିଲ୍ଲାମାନଙ୍କରେ ଚାଉଳ ବଂଟନ କରାଯାଉଥିଲା କିନ୍ତୁ ଆଜି ଏ ରାଜ୍ୟରେ ଯୁବକ, କୃଷକ, ମହିଳା, କୃଷି ଶ୍ରମିକ, ଛୋଟ ବ୍ୟବସାୟୀ ଓ ମଧ୍ୟମ ଆୟକାରୀ ବର୍ଗ କେହି ଶାନ୍ତିରେ ନାହାନ୍ତି ।

# ଥିଙ୍କର୍ସ୍ କ୍ଲବର ୩୧ତମ ଆଭାସୀ ଆଲୋଚନା : 'ପୃଥିବୀ, ଜୀବ, ମଣିଷ ଓ ଧର୍ମର ସୃଷ୍ଟି'

ଭୁବନେଶ୍ୱର: ଥିଙ୍କର୍ସ୍ କ୍ଲବର ୩୧ତମ ଆଭାସୀ ଆଲୋଚନା ଅଷ୍ଟ୍ରେଲିଆ ଓଡ଼ିଆ ସମାଜ ସହଯୋଗରେ ବରଦା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହାର ବିଷୟବସ୍ତୁ ଥିଲା 'ପୃଥିବୀ, ଜୀବ, ମାନବ ଓ ଧର୍ମର ସୃଷ୍ଟି' । ପୂର୍ବତନ ପୂର୍ତ ସଚିବ ନନ୍ଦନନ୍ଦନ ଦାସ ବକ୍ତାଭାବେ ଯୋଗ ଦେଇ ଏ ବିଷୟ ଉପରେ ଆଲୋଚନା ରଖିଥିଲେ । ସେ କହିଥିଲେ, ୪୫୦ କୋଟି ବର୍ଷ ପୂର୍ବରୁ ପୃଥିବୀ ଜଳନ୍ତା ଅବସ୍ଥାରେ ସୂର୍ଯ୍ୟରୁ ବାହାରି ଥିଲା । ଶହଶହ କୋଟି ବର୍ଷ ଜଳିବା ପରେ ଥଣ୍ଡା ହେବାରୁ ବାଷ୍ପ ଅବସ୍ଥାରୁ ତରଳ ଲାଭା ଅବସ୍ଥାକୁ ଆସିଲା । ତାହା ପୁଣି ଥଣ୍ଡା ହେବାରୁ କୋଟି କୋଟି ବର୍ଷ ପରେ କଠିନ ସ୍ଥଳ ଭାଗ ସୃଷ୍ଟି ହେଲା ଓ ତରଳ ଲାଭା ପୃଥିବୀ ଅଭ୍ୟନ୍ତରଣରେ ରହିଲା । ପୃଥିବୀର ଉତ୍ତାପ ୧୦୦ ଡିଗ୍ରୀ ସେଣ୍ଟିଗ୍ରେଡରୁ କମିବା ପରେ ସେଠାରେ ପାଣି ସୃଷ୍ଟି ହେଲା । ପାଣି ବେଶିଦିନ ରହିବାରୁ ଶିଉଳି ଓ ବିଭିନ୍ନ ଜୀବ ସୃଷ୍ଟିହେଲା । ଜୀବ ସୃଷ୍ଟି ପ୍ରାୟ ୩୫୦ କୋଟି ବର୍ଷ ପୂର୍ବେ ହୋଇଥିବା କୁହାଯାଏ । କୋଟି କୋଟି ବର୍ଷ ପରେ ଜଳସ୍ତର, ସ୍ଥଳସ୍ତର ଓ ଆକାଶରେ ବିଭିନ୍ନ ଜୀବର ସୃଷ୍ଟି ହେଲା । ସ୍ଥଳ ଭାଗରେ ବାଘ, ହାତୀ ପରି ଅନ୍ୟ ଜୀବମାନଙ୍କ ଭିତରେ ମଣିଷମାନେ ହିଂସ୍ର ଜୀବ ଥିଲେ । କୁହାଯାଏ ପ୍ରାୟ ୩,୦୦,୦୦୦ ବର୍ଷ ପୂର୍ବେ ମଣିଷର ସୃଷ୍ଟି । ମଣିଷମାନଙ୍କର ମସ୍ତିଷ୍କ ଉର୍ବର ଥିବାରୁ ପ୍ରାୟ ୨୦୦୦୦ ବର୍ଷ ପୂର୍ବରୁ ମାନବମାନେ ସଭ୍ୟ ହେବାକୁ ଲାଗିଲେ । ସେମାନେ ଦଳ ଦଳ ହୋଇ ଅନ୍ୟ ଜୀବ ପରି ଯାଯାବର ଭାବେ ପୃଥିବୀର ଚାରି ଆଡେ ବୁଲିଲେ । ଅନ୍ୟ ଜୀବଜନ୍ତୁ ପରି ସେମାନେ ପୃଥିବୀର ଜଳ, ମାଟି ଓ ବାୟୁକୁ ଜନ୍ମଗତ ସମାନ ଅଧିକାର ଭାବେ କ୍ରମେ ଉପଭୋଗ କଲେ । ପରବର୍ତ୍ତୀ ସମୟରେ ବିଭିନ୍ନ ଜାଗାରେ ରହି ଭାଷା, ଜାତି, ଧର୍ମ, ଦେଶର ସୀମା ଠିକ କଲେ ଓ ଏଥିପାଇଁ ବିଭିନ୍ନ ମତଭେଦ ହେବାରୁ ଦେଶ ଦେଶ ମଧ୍ୟରେ ଯୁଦ୍ଧ, ସଂତ୍ରାସବାଦି ଓ ଧର୍ମ ନାମରେ ପୃଥିବୀରେ ଅଶାନ୍ତି ସୃଷ୍ଟି କଲେ । ଧର୍ମ ଜାଗା ବିଶେଷରେ ଅଲଗା ଅଲଗା, ଏହା ଅନ୍ୟ ଜୀବମାନଙ୍କ ମଧ୍ୟରେ ଦେଖା ଯାଏ ନାହିଁ । ଯେ ଜନ୍ମ ହୁଏ ସେ ମରେ, ଏହା ଧ୍ରୁବ ସତ୍ୟ, ଧର୍ମ ମଣିଷ କୃତ, ତେଣୁ ଏହା ଉପରେ ପୃଥିବୀରେ ଅଶାନ୍ତି ହେବା ଉଚିତ ନୁହେଁ । ପୃଥିବୀର ସବୁ ମଣିଷ ସମାନ, ମୃତ୍ୟୁ ସମସ୍ତଙ୍କର ହୁଏ, ତେଣୁ ସଂତ୍ରାସବାଦି, ଯୁଦ୍ଧ କଣ ପାଇଁ । ସେଥିପାଇଁ ସମସ୍ତେ ଜୀବିତ ଅବସ୍ଥାରେ ଭଲରେ ରହିବା ପାଇଁ ଜାତିସଂଘ ଓ ପ୍ରତ୍ୟେକ ଦେଶମାନେ ଚିନ୍ତା କରିବା ଉଚିତ । ଡ. ଦାସ ବକ୍ତା ଭାବେ ଏପରି ଉଦାହରଣ ଦର୍ଶାଇ ପୃଥିବୀ, ଜୀବ, ମାନବ ଓ ଧର୍ମ ସୃଷ୍ଟି ବିଷୟରେ କହିଥିଲେ । ଅଷ୍ଟ୍ରେଲିଆ ଓଡ଼ିଆ ସମାଜର ସଭାପତି ଡାକ୍ତର ନଳିନୀ ପତି ଅତିଥି ଭାବେ ଯୋଗଦେଇ ପରିବେଶରେ ତାପମାତ୍ରା ବୃଦ୍ଧି, ସ୍ୱାସ୍ଥ୍ୟ ବିଜ୍ଞାନ ସମ୍ପର୍କରେ ସୂଚନା ଦେଇଥିଲେ ।

# ବର୍ଷବର୍ଷର ଅପେକ୍ଷା ସରୁନି : ପୁଲିସ ହେପାଜତରୁ ୪ ଆଦିବାସୀ ଗଲେ କୁଆଡ଼େ ?

ଭୁବନେଶ୍ୱର ,୧୩/୦୬ (ନି.ପ୍ର): ସେଦିନ ସାହି ପଡ଼ିଶାଙ୍କ ଆଖି ଆଗରେ ପୁଲିସ୍ ସେମାନଙ୍କୁ ଟେକି ନେଇଥିଲା । ତା' ପରଠାରୁ ଆଉ କେହି ସେମାନଙ୍କୁ ଦେଖିନାହାନ୍ତି । ଆଶ୍ଚର୍ଯ୍ୟର କଥା ହେଲା, ନା ସେମାନଙ୍କ ନାଁରେ ଥାନାରେ କିଛି ମାମଲା ରୁଜୁ ହୋଇଛି ନା ଗିରଫ ବୋଲି ଦର୍ଶାଯାଇଛି । କୌଣସି ଜେଲ୍‌ରେ ବି ସେମାନେ ବନ୍ଦୀ ନାହାନ୍ତି । ବର୍ଷ ବର୍ଷ ଧରି ଅପେକ୍ଷା କରିବା ପରେ ମଧ ସେମାନେ ଘରକୁ ଫେରୁ ନାହାନ୍ତି । ନିକଟ ଅତୀତରେ ରିଲିଜ୍ ହୋଇଥିବା ଚଳଚ୍ଚିତ୍ର 'ଜୟଭୀମ'ର କାହାଣୀ ଭଳି ମାଲକାନଗିରିର ୪ ଆଦିବାସୀ ରହସ୍ୟଜନକ ଭାବେ ଦୀର୍ଘ ବର୍ଷ ହେଲା ନିଖୋଜ ହୋଇଯାଇଛନ୍ତି । ପରିବାରଲୋକ ଓ ଗ୍ରାମବାସୀ ଥାନାଠାରୁ ଆରମ୍ଭ କରି ଏସ୍‌ପି, ଜାତୀୟ ମାନବାଧିକାର କମିସନ୍, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇସାରିଲେଣି । କିନ୍ତୁ କିଛି ଲାଭ ମିଳୁନି, କେହି ତାଙ୍କ କଥା ଶୁଣୁ ନାହାନ୍ତି । ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଙ୍ଗଠନ(ଗାସ) ଏହି ଘଟଣାକୁ ଲୋକଲୋଚନକୁ ଆଣିବା ସହ ଗରିବ ଆଦିବାସୀଙ୍କ ପରିବାରକୁ ନ୍ୟାୟ ଦେବାକୁ ଦାବି କରିଛି । ହାଜତ ନିର୍ଯାତନା ଓ ନ୍ୟାୟିକ ହେପାଜତରେ ମୃତ୍ୟୁ ଶୀର୍ଷକ ଆଲୋଚନାରେ 'ଗାସ'ର ସମ୍ପାଦକ ଦେବରଞ୍ଜନ ଏବଂ ବରିଷ୍ଠ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ବିଜୟ ଉପାଧ୍ୟାୟଙ୍କ ସୂଚନାନୁଯାୟୀ, ୨୦୦୬ରେ ମାଲକାନଗିରି ଜିଲ୍ଲାର ସରପଞ୍ଚ ସଂଘ ସଭାପତି ଇନ୍ଦ୍ର ମାଡ଼ୀ, ଆକୁଳ ସରକାର, ତମାଇ ମାଡ଼କାନି ଏବଂ ୨୦୧୨ ମସିହାରେ ତ୍ରିନାଥ ସମରଥ ପୁଲିସ ହେପାଜତକୁ ନିଖୋଜ ହୋଇଯାଇଥିଲେ । କିନ୍ତୁ ଏବେ ସୁଦ୍ଧା ସେମାନଙ୍କ ପତ୍ତା ମିଳୁନାହିଁ । ମାଲକାନଗିରି ଭିଲେଜ୍-୬୯ ଅଧିବାସୀ ତଥା ୱାର୍ଡ ସଦସ୍ୟ ଆକୁଳ ସରକାର, ତମାଇ ମାଡ଼କାନିଙ୍କୁ ୨୦୦୬ ମସିହାରେ ପୁଲିସ ଟେକି ନେଇଥିଲା । କିନ୍ତୁ ତା'ପରଠାରୁ ଦୁହିଁଙ୍କର ଆଉ ପତ୍ତା ମିଳିନଥିଲା । ପାଖାପାଖି ୨ ମାସ ପର୍ଯ୍ୟନ୍ତ ସେମାନଙ୍କ ପରିବାରଲୋକ ଏ ବାବଦରେ ପୁଲିସକୁ ପଚାରିଥିଲେ ହେଁ ପୁଲିସ ସେମାନଙ୍କୁ ଫେରାଇ ଦେଇଥିଲା । ଏପରିକି ସେମାନଙ୍କୁ ଗିରଫ କରାଯାଇଛି କି ନାହିଁ, ସେ ନେଇ ମଧ ସ୍ୱଷ୍ଟ ସୂଚନା ଦିଆଯାଇନଥିଲା । ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧରେ ଅସନ୍ତୋଷ ପରେ ଆନ୍ଦୋଳନର ରୂପ ନେଇଥିଲା । ପୁଲିସର ଏହି ମନମୁଖୀ ପ୍ରତିବାଦରେ ତେନ୍ତୁଳିଗୁଡ଼ା ସରପଞ୍ଚ ଇନ୍ଦ୍ର ମାଡ଼ୀଙ୍କ ନେତୃତ୍ୱରେ ସ୍ଥାନୀୟ ଅଧିବାସୀ ସେତେବେଳେ ମାଲକାନଗିରି ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ । କିନ୍ତୁ ଏହା ପରେ ପରେ ରହସ୍ୟଜନକ ଭାବେ ଇନ୍ଦ୍ର ମାଡ଼ୀ ମଧ ଗାୟବ୍ ହୋଇଯାଇଥିଲେ । ସେ ହାଟରୁ ଫେରୁଥିବା ବେଳେ ସିଆରପିଏଫ୍ ତାଙ୍କୁ ଟେକି ନେଇଥିଲା ବୋଲି ତାଙ୍କ ପରିବାରଲୋକ ଅଭିଯୋଗ କରିଥିଲେ । ଏହା ପରଠାରୁ ଇନ୍ଦ୍ର ମାଡ଼ୀ ଆଜି ପର୍ଯ୍ୟନ୍ତ ଘରକୁ ଫେରି ନାହାନ୍ତି । ଗାସର ସଦସ୍ୟମାନେ ଏ ସଂକ୍ରାନ୍ତରେ ନିଖୋଜ ତିନି ପରିବାର ସଦସ୍ୟଙ୍କ ସହିତ ବିସ୍ତୃତ ଆଲୋଚନା ମଧ କରିଥିଲେ । ଇନ୍ଦ୍ର ମାଡ଼ୀଙ୍କୁ ଫେରାଇ ଆଣିବା ସଂକ୍ରାନ୍ତରେ ପଦକ୍ଷେପ ନେବା ପାଇଁ ଇନ୍ଦ୍ରଙ୍କ ପୁଅ ଚୈତନ୍ୟ ହାଇକୋର୍ଟକୁ ଚିଠି ଲେଖିଛନ୍ତି । ହେଲେ ଆଜି ପର୍ଯ୍ୟନ୍ତ ତାହାର ଉତ୍ତର ଆସିନାହିଁ । ଅନ୍ୟ ଏକ ଘଟଣାକ୍ରମେ, ୨୦୧୨ ମସିହାରେ ମାଲକାନଗିରି ସହରର ତ୍ରିନାଥ ସମରଥ ନାମକ ଜଣେ ଯୁବକ ସ୍ଥାନୀୟ ଜଣେ ଡାକ୍ତରଙ୍କ ଘରେ କାମ କରୁଥିଲେ । ଡାକ୍ତରଙ୍କ ଘରୁ ମୂଲ୍ୟବାନ ଅଳଙ୍କାର ଚୋରି ଅଭିଯୋଗରେ ପୁଲିସ୍ ତ୍ରିନାଥ ଏବଂ ତାଙ୍କ ସାଥୀ ନିରଞ୍ଜନଙ୍କୁ ଗିରଫ କରିଥିଲା । କିଛି ଦିନ ପରେ ନିରଞ୍ଜନଙ୍କୁ ପୁଲିସ ଛାଡ଼ି ଦେଇଥିଲା । କିନ୍ତୁ ତ୍ରିନାଥ କୁଆଡ଼େ ଗଲେ, ସେ ସମ୍ପର୍କରେ ନିରଞ୍ଜନ କି ପୁଲିସ କୌଣସି ତଥ୍ୟ ଦେଇ ନଥିଲେ । ଏପରିକି ସେମାନେ ଚୋରି କରିଛନ୍ତି କି ନାହିଁ, ସେନେଇ ବି ପୁଲିସ୍ ସ୍ୱଷ୍ଟ କରିନାହିଁ । ତେବେ ? ଏହାର କିଛି ଦିନ ପରେ ନିରଂଜନ ମୁହଁ ଖୋଲିଥିଲେ । ସେ କହିଥିଲେ ଯେ ତ୍ରିନାଥଙ୍କୁ ହାଜତରେ ମାଡ଼ ମରାଯାଇଥିଲା । କିନ୍ତୁ ତା' ପରେ ତାଙ୍କ ସହ କ'ଣ ହେଲା, ତାହା ସେ ଜାଣିନାହାନ୍ତି ବୋଲି 'ଗାସ'ର ସଦସ୍ୟ ଦେବରଂଜନ କହିଛନ୍ତି ।

# ଲଛନାଗୁଡାଠାରେ ଅବକାରୀ ଚଢାଉ

ଜୟପୁର ,୧୩/୦୬ (ନି.ପ୍ର): ଅବକାରୀ ବିଭାଗ ପକ୍ଷରୁ ଲଛନାଗୁଡା ଠାରେ ଚଢାଉ କରି ଲକ୍ଷାଧିକ ଟଙ୍କାର ମଦ ଓ ପୋଚ କୁ ଜବତ କରି ନଷ୍ଟ କରାଯାଇଛି । ଏପିଆର ଫୋର୍ସ କୋରାପୁଟ, ଜୟପୁର ଅବକାରୀ ବିଭାଗ ମିଳିତ ଚଢାଉ କରାଯାଇଛି । ମଦ ଓ ପୋଚ ମଦ ମାଫିଆ ମାନେ ଲୁଚାଇ ରଖିଥିବା ସୁଚନା ପାଇ ଚଢାଉ କରିଛି । ମଦ ଭାଟି ଭାଙ୍ଗିବା ସହ ୪ ହଜାର ୭ ଶହ ଲିଟର ପୋଚ ଓ ୨ଶହ ଲିଟର ଦେଶି ମଦ କୁ ଜବତ କରିଛି । ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଛନ୍ତି । ଘଟଣା ସ୍ଥଳରୁ ମଦ ରନ୍ଧା ସରଞ୍ଜାମ, ପ୍ଲାଷ୍ଟିକ ଡ୍ରମ କୁ ଜବତ କରିଛି । ଏହି ଚଢାଉ ରେ ଅବକାରି ନିରିକ୍ଷକ ଦୁବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ କୁମାର କାଣ୍ଡି, ଏଏସଆଇ ଏମ. ଲକ୍ଷ୍ମ ରାଓ, ମାଧବେଶ ମାରାଣ୍ଡି ଚଢାଉ କରିଥିବା ଜଣାଯାଇଛି ।

## ଓଡ଼ିଶାର ଏକ ପାରମ୍ପରିକ ପର୍ବ...

(ପୃଷ୍ଠା-୪ର ଅବଶିଷ୍ଟାଂଶ) ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରା ଯାଇଥାଏ ରଜପର୍ବ । କୁମାରୀମାନଙ୍କ ପାଇଁ ରଜ ପର୍ବ ହେଉଛି ତାଲିମ୍ ପ୍ରଦାନକାରୀ ପର୍ବ। କୁମାରୀମାନେ ରଜପର୍ବର ମଉଜ ଭିତରେ ଜଣେ ନାରୀର ଚଳଣି , ଆଚାର ସଂହିତାକୁ ବିଧି ଭାବରେ ପାଳିଥାଆନ୍ତି ଏବଂ ଭବିଷ୍ୟତରେ ଝିଅଟିଏ ନାରୀ ଭୂମିକାରେ ଅବତୀର୍ଣ୍ଣ ହୋଇ କର୍ତ୍ତବ୍ୟ ସମ୍ପାଦନ କରେ। ରଜ ତିନିଦିନ କଟା, ବଟା ଆଦି ଗୃହକର୍ମ ନ କରି କୁମାରୀ ମାନେ ବିଶ୍ରାମ କରନ୍ତି । ରଜପର୍ବର ବିଧିବିଧାନକୁ ସେମାନେ ନିଜେ ପାଳନ କରି ଜଣେ ମାତାର କର୍ତ୍ତବ୍ୟକୁ ସୁଚାରୁରୂପେ ତୁଲାଇ ପାରିବେ ଏବଂ ଭବିଷ୍ୟତରେ ନିଜ ଝିଅମାନଙ୍କୁ ସ୍ୱ ଅନୁଭୂତିରୁ ଶିଖି ସଂସାର ନିୟମ ଶିଖାଇବେ।

କରୋନା ଲାଗି ଗତ ୨ ବର୍ଷ ଧରି ଫିକା ପଡିଯାଇଥିଲା ରଜ। ନା ଦୋଳି ଖେଳ ହେଉଥିଲା ନା ରଜ ଖଟି ଜମୁଥିଲା। ଶଟ୍ ଡାଉନ୍ ଓ ଲକ୍ ଡାଉନ୍ ମଧ୍ୟରେ ରଜ ମଉଜ ହେଇ ପାରୁନଥିଲା। ଘରେ ରହି, ସୋସିଆଲ ମିଡିଆ ସାହାଯ୍ୟରେ ଗତ ଦୁଇବର୍ଷ ଧରି ରଜ ପାଳିଆସୁଥିବା ବେଳେ, ଏ ବର୍ଷ କରୋନା ର ପ୍ରକୋପ ଭୟ ରୁ ପ୍ରାୟ ସମସ୍ତେ ମୁକ୍ତ। ତେଣୁ ଏଥର ରଜ ମହୋତ୍ସବ ରଜପିଠା ଓ ଗୀତ ନାଚର ଆସର ରେ ଜମିବ। ରଜ ପ୍ରତିଯୋଗିତା ହେବ। ରଜ ପାନ ଜମେଇ କି ଖିଆହେବ ତଥାପି କରୋନା ଭୟ ସମ୍ପୂର୍ଣ୍ଣ ଭାବେ ଯାଇନି। ତେଣୁ ଓଡ଼ିଆମାନଙ୍କର ଏହି ବିଶେଷ ପର୍ବଟିକୁ ସମସ୍ତେ ସୁରକ୍ଷା ସହ ମସ୍ତି ଭରା ମନରେ ପାଳନ କରନ୍ତୁ , ଏତିକି ଆଶା କରୁଛି।

ରେଭେନସା ବିଶ୍ୱବିଦ୍ୟାଳୟ, ମୋ: ୯୪୩୭୮୬୧୯୯୯

# ଦେବଗଡ଼ ରେ ଗରୀବ କଲ୍ୟାଣ ସମାବେଶ

ଭୁବନେଶ୍ୱର, ୧୩/୦୬ (ନି.ପ୍ର): କୋଭିଡ୍ ମହାମାରୀ ସମୟରେ ଆଗକୁ ଆସି ନେତୃତ୍ୱ ନେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବିଶ୍ୱଗୁରୁ ଭାବେ ନିଜକୁ ପ୍ରତିଷ୍ଠିତ କରିଛନ୍ତି। କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାର ସୁଫଳକୁ ଲୋକଙ୍କ ପାଖରେ ପହଂଚାଇବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ହୋଇଥିବା ଗରୀବକଲ୍ୟାଣ ସମାବେଶରେ ଯୋଗ ଦେଇ ଦେବଗଡଠାରେ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ସିଧାସଳଖ ହିତାଧିକାରୀଙ୍କ ପାଖକୁ ଯାଇ ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସଂପର୍କରେ ସଚେତନତା ସୃଷ୍ଟି କରି ତାକୁ ତାର ନ୍ୟାର୍ଯ୍ୟ ହକ୍ ପହଂଚାଇବା ମୂଳ ଉଦ୍ଦେଶ୍ୟ । ମୋଦି ସରକାର "ମିଶନ" ମୋଡରେ କାର୍ଯ୍ୟ କରୁଥିବାବେଳେ ରାଜ୍ୟରେ ନବୀନ ସରକାର "କମିଶନ" ମୋଡରେ କାର୍ଯ୍ୟ କରୁଛନ୍ତି । ଦୁର୍ନୀତି ଓ ଭ୍ରଷ୍ଟାଚାରର ଗନ୍ତାଘର ସାଜିଛି ଓଡିଶା । ପଲ୍ଲୀସଭା ଭଳି ସ୍ୱଚ୍ଛ ବ୍ୟବସ୍ଥାକୁ ରାଜ୍ୟ କାହିଁକି ଉଠାଇଦେଲେ ? ରାଜ୍ୟରେ ଗରୀବ ଲୋକଟି ତାର ନ୍ୟାର୍ଯ୍ୟ ହକ୍ ପାଇବାରୁ ବଂଚିତ ରହୁଛି । ଗରୀବ ଲୋକଟିର ସମସ୍ୟା ଶୁଣିବା ପାଇଁ କେହି ନାହାନ୍ତି । ରାଜ୍ୟରେ ଶିଳ୍ପ କ୍ଷେତ୍ର ଆଜି ସୁପ୍ତ ପାଲଟିଛି । ଗତ ୨୨ ବର୍ଷ ସାସନରେ ବିଜେଡି ସରକାରରେ ଅନେକ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି ସତ, କିନ୍ତୁ ଶିଳ୍ପ ପ୍ରତିଷ୍ଠା ହୋଇପାରିନାହିଁ । ବରଂ ଅନେକ ଶିଳ୍ପାନୁଷ୍ଠାନ ରାଜ୍ୟ ଛାଡି ପଳାଇଛନ୍ତି । ଭୋଟ ସର୍ବସ୍ୱ ମୁଖ୍ୟମନ୍ତ୍ରୀ ଦଳୀୟ କାର୍ଯ୍ୟକ୍ରମରେ ବିଭିନ୍ନ ଅଂଚଳ ଗସ୍ତ କରୁଛନ୍ତି, କିନ୍ତୁ ବିଧାନସଭାକୁ ଭର୍ଚୁଆଲ ମୋଡରେ ଯୋଗ ଦେଉଛନ୍ତି । ଏହା ଗଣତନ୍ତ୍ରକୁ ଅପମାନ କରୁଛନ୍ତି । ରାଜ୍ୟ ସରକାରଙ୍କ ଅହଯୋଗ କାରଣରୁ ରାଜ୍ୟରେ କେନ୍ଦ୍ରୀୟ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ଭବ ହୋଇପାରୁନାହିଁ । ଓଡିଶାବାସୀ ଅନେକ ସୁବିଧା ସୁଯୋଗ ପାଇବାରୁ ବଂଚିତ ହେଉଛନ୍ତି । ଦେବଗଡ ଜିଲ୍ଲାବାସୀ ଆଜିବି ରେଳ ସୁବିଧାରୁ ବଂଚିତ ଅଛନ୍ତି । ତାଳଚେର-ବିମଳାଗଡ ରେଳ ପ୍ରକଳ୍ପକୁ ଯଥାଶୀଘ୍ର ସମାପ୍ତ କରି ରେଳ ସେବା ପାଇବାର ଜିଲ୍ଲାବାସୀଙ୍କ ସ୍ୱପ୍ନ ବହୁ ଶୀଘ୍ର ସାକାର ହେବାକୁ ଯାଉଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି ଅବସରରେ ସ୍ଥାନୀୟ ସାଂସଦ ନିତେଶ ଗଙ୍ଗଦେବ, ସ୍ଥାନିୟ ବିଧାୟକ ସୁବାଷ ପାଣିଗ୍ରାହୀ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ଜିଲ୍ଲା ସଭାପତି ମିନକେତନ ପ୍ରଧାନ, ଦେବଗଡ ପୌର ଉପାଧ୍ୟକ୍ଷ ପ୍ରଜୀପ ଭୋଜଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ସଙ୍କୁଚିତ ହେବ ରାଜ୍ୟପାଳଙ୍କ....

ବିଲ୍ ଉପରେ ନିଷ୍ପତ୍ତି ନେବାକୁ ଅନୁରୋଧ କରିପାରିବେ। ବର୍ତ୍ତମାନ ବେଙ୍ଗଲର ରାଜ୍ୟପାଳ ଥିବା ଜଗଦୀପ ଧନକର ଓ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମଧ୍ୟରେ ତିକ୍ତତା ଲାଗି ରହିଛି। ଶ୍ରୀ ଧନକର ନିଜ ଇଚ୍ଛାରେ କୁଳପତିମାନଙ୍କୁ ନିଯୁକ୍ତି ଦେବା ସହ ସରକାରୀ ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଥିବା କ୍ଷମତାସୀନ ଟିଏମସି ବାରମ୍ବାର ଅଭିଯୋଗ କରି ଆସୁଛି। ସେହିପରି ରାଜ୍ୟରେ ଥିବା ୨୫ଟି ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ବେଳେ ରାଜ୍ୟପାଳଙ୍କ ଅନୁମତି ନିଆଯାଇ ନଥିବା ଜଗଦୀପ ଅଭିଯୋଗ କରିଛନ୍ତି। ଏହି ବିବାଦକୁ ଦୃଷ୍ଟିରେ ବିଧାନସଭାରେ ଗୋଟିଏ ବିଲ ପାରିତ କରାଯାଇଛି। ଏହାପୂର୍ବରୁ ଗତ ମାସରେ ସମାନ ଏକ ବିଲ୍ ତାମିଲନାଡୁ ବିଧାନସଭାରେ ପାରିତ ହୋଇଥିଲା। ରାଜ୍ୟପାଳଙ୍କ ବଦଳରେ ରାଜ୍ୟ ସରକାର ବିଭିନ୍ନ ବିଶ୍ୱବିଦ୍ୟାଳୟରେ କୁଳପତିମାନଙ୍କୁ ନିଯୁକ୍ତ ଦେବେ ବୋଲି ବିଲ୍‌ରେ ଉଲ୍ଲେଖ କରାଯାଇଛି।

### ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ....

୧୪ରୁ ୧୫ ତାରିଖ ମଧ୍ୟରେ ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ , ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି, ଗଂଜାମ, ଗଜପତି, ନୟାଗଡ , କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାର ଗାଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକ ପାଇଁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ଆସନ୍ତା ୩ରୁ ୪ ଦିନ ମଧ୍ୟରେ ଓଡ଼ିଶାର ଜିଲ୍ଲାଗୁଡ଼ିକର ଅନେକ ସ୍ଥାନରେ ସର୍ବାଧିକ ତାପମାତ୍ରା ରେ କୌଣସି ବଡ଼ ଧରଣର ପରିବର୍ତନ ହେବାର ସମ୍ଭାବନା ନାହିଁ। ଏହାପରେ ତାପମାତ୍ରାରେ ୩ରୁ ୪ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ଘଟିବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନାରେ କୁହାଯାଇଛି।

### ମାହାଙ୍ଗା ଡବଲ ମର୍ଡର ମାମଲା....

ଦାଖଲ ପରେ ଜଣାପଡ଼ିବ । ସୂଚନାଯୋଗ୍ୟ, ଗତ ବର୍ଷ ଜାନୁଆରୀ ୨ ତାରିଖ ସନ୍ଧ୍ୟାରେ ମାହାଙ୍ଗାର ବରିଷ୍ଠ ବିଜେପି ନେତା କୁଳମଣି ବରାଳ (୭୫) ଓ ସଂପର୍କୀୟ ଦିବ୍ୟ ସିଂହ ବରାଳ( ୮୨)ଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଭିତ୍ତି କରି ଏହି ହତ୍ୟାକାଣ୍ଡ ହୋଇଥିବା ବେଳେ ମାମଲାରେ ୧୩ ଜଣଙ୍କ ନାଁରେ ଥାନାରେ ଅଭିଯୋଗ ହୋଇଥିଲା । ଏପରିକି ସ୍ଥାନୀୟ ବିଧାୟକ ତଥା ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ବିରୋଧରେ ମଧ୍ୟ ମାମଲା ହୋଇଥିଲା । ତେବେ ପୁଲିସ ଚାର୍ଜସିଟ୍ ଦାଖଲ ବେଳେ ମନ୍ତ୍ରୀଙ୍କ ନାଁକୁ କାଟି ଦେଇଥିବା ନେଇ ମୃତ କୁଳମଣିଙ୍କ ପୁଅ ରମାକାନ୍ତ ବରାଳ କୋର୍ଟରେ ପ୍ରୋଟେଷ୍ଟ ପିଟିସନ୍ କରିଥିଲେ। ଗତବର୍ଷ ଅଗଷ୍ଟ ୨୫ରେ ଏହାର ଶୁଣାଣି କରି କୋର୍ଟ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ମାହାଙ୍ଗା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ଓଡ଼ିଶା ବିଧାନସଭାର ୨୫ ତମ ....

କଂଗ୍ରେସ ନେତା ନରସିଂହ ମିଶ୍ର କହିଚନ୍ତି, ବାଚସ୍ପତି ନିରପେକ୍ଷତା ଅବଲମ୍ବନ କରିବା ଦରକାର । ବିରୋଧୀଙ୍କ କଥାକୁ ଗୁରୁତ୍ୱ ଦେବା ଦରକାର । ଏପରିକି ନିରପେକ୍ଷ ରହିବା ପାଇଁ ଦଳରୁ ଇସ୍ତଫା ଦେବାକୁ ଆହ୍ୱାନ ଦେଇଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର । ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନ୍ତ୍ରୀମଣ୍ଡଳ ଅଦଳବଦଳ କରିଥିଲେ । ଆଉ ବିକ୍ରମ କେଶରୀ ଆରୁଖ ମଧ୍ୟ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ । ଏହି ସମୟରେ ବାଚସ୍ପତି ପଦରୁ ସୂର୍ଯ୍ୟ ନାରାୟଣ ପାତ୍ର ଇସ୍ତଫା ଦେଇଥିଲେ । ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଦିଗପହଣ୍ଡିର ଏହି ବିଧାୟକ ଏବେ ହସ୍ପିଟାଲରେ ଚିକିତ୍ସାଧୀନ ରହିଛନ୍ତି ।

# ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ସଚେତନତା କର୍ମଶାଳା

ବାରିପଦା, ୧୩/୦୬ (ନି.ପ୍ର): ଓଡିଶାକୁ ଶିଶୁ ଶ୍ରମିକ ମୁକ୍ତ କରିବା ପାଇଁ ଓଡିଶା ସରାକରଙ୍କ ଆଭିମୁଖ୍ୟ ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ମୟୂରଭଞ୍ଜ ତତ୍ୱାବଧାନରେ ଏକ ସଚେତନତା କର୍ମଶାଳା ତା ୧୦-୬-୨୨ରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେସନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମୟୂରଭଞ୍ଜ ବିନୀତ୍ ଭରଦ୍ୱାଜ୍, ଭାପ୍ରସେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଅଛି। ଉକ୍ତ ବୈଠରେ ଆରକ୍ଷ ଅଧିକ୍ଷକ ଋଷିକେଶ ଦ୍ୟାନଦେଓ୍ୱ ଖିଲାରୀ, ଭାପୁସେ, ଜିଲ୍ଲା ଶ୍ରମ ଅଧିକାରୀ ମୋନାଲିସା ନାୟକ ପ୍ରମୁଖ ସମେତ ଅତିରିକ୍ତ ଆରକ୍ଷ ଅଧିକ୍ଷକ ସୁରେଶ ଚନ୍ଦ୍ର ପାତ୍ର, ଡିଏସ୍‌ପି ସବିତା ମାଝୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀ ସୌମ୍ୟରୂପ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ ମାଳା ମିଶ୍ର, ଡିସିପିଓ ମମତାମୟୀ ବିଶ୍ୱାଳ, ଜିଲ୍ଲା ନିୟୋଜନ ଅଧିକାରୀ ଡ୍ୟାନିସ୍ ଜର୍ଜ ଲାକ୍ରା, ଡେପୁଟି ସିଇଓ ଓର୍‌ମାସ୍ ବିମାନ୍ ମାଲ୍, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପ୍ରତିନିଧି, ଜିଲ୍ଲା ଶିଶୁ ମଙ୍ଗଳ ସମିତି ସଦସ୍ୟା, ଶିଶୁ ଅଧିକାର ପାଇଁ କାର୍ଯ୍ୟରତ ସମ୍ପୃକ୍ତ ସ୍ୱେଚ୍ଛାସେବୀ ସଂଗଠନ, ଚାଇଲ୍ଡ଼ ଲାଇନ, ପ୍ଲାନ ଇଣ୍ଡିଆ, ସିଓ୍ୱାଇଏସ୍‌ଡି, ବିଭିନ୍ନ ଶିଳ୍ପ ସଂସ୍ଥା ର ମାଲିକ ତଥା ଶ୍ରମିକ ସଂଗଠନର କର୍ମକର୍ତା ମାନେ ଉପସ୍ଥିତ ଥିଲେ । ଉକ୍ତ ବୈଠକରେ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀମତୀ ନାୟକ, ସମସ୍ତଙ୍କୁ ସ୍ୱାଗତ ଜଣାଇ ସରକାରଙ୍କର ଶ୍ରମ ନିୟୋଜନ ଓ କର୍ମଚାରି ବିମା ଯୋଜନା ବିଭାଗ ନିୟମାନୁସାରେ ଶିଶୁ ଶ୍ରମିକ ନିଷେଦ୍ଧ ଆଇନର କାର୍ଯ୍ୟକାରିତା ବିଭିନ୍ନ ଦିଗ ଉପରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଉକ୍ତ ଆଇନ ଅନୁସାରେ ୧୪ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି ମାଲିକ ନିଜ ଅନୁଷ୍ଠାନରେ ଲଗାଇଲେ ଏହା ପାଇଁ ୨୦୦୦୦/- ଟଙ୍କାରୁ ୫୦୦୦୦/- ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବ୍ୟବସ୍ଥା ଥିବାବେଳେ ୧୪ରୁ ୧୮ବର୍ଷ ପର୍ଯ୍ୟନ୍ତ କୌଣସି କିଶୋରକୁ ବିପଦସଂକୁଳ କାର୍ଯ୍ୟରେ ଲଗାଇଲେ ମଧ ଜୋରିମାନାର ବ୍ୟବସ୍ଥାଥିବା ସୂଚାଇ ଥିଲେ। ଶିଶୁ ଶ୍ରମିକ ମାନଙ୍କୁ କିପରି ସମାଜର ମୁଖ୍ୟସ୍ରୁତକୁ ଆସିପାରିବେ ସେଥିପ୍ରତି ସେଦିଗରେ ବିଶେଷ ଦୃଷ୍ଟିଦେଇ ସେମାନଙ୍କୁ ବିଶେଷ କରି ଶିକ୍ଷା ପ୍ରଦାନ କରାଯାଇ ପାରିବ ସେ ନେଇ ସମ୍ପୃକ୍ତ ବିଭାଗୀୟ ସହଯୋଗରେ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଜିଲ୍ଲା ଟାକସ୍ ଫର୍ସ ଦ୍ୱାରା ତଦନ୍ତ କରାଯିବା ଉପରେ ବିହୀତ ପଦକ୍ଷେପ ଗ୍ରହଣ ପୂର୍ବକ କାର୍ଯ୍ୟକ୍ରମ ତ୍ୱରାନିତ୍ୱ କରିବାକୁ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଥିଲା। ଏ କ୍ଷେତ୍ରରେ ଶିଶୁ ଶ୍ରମିକ ଭାବେ ନିୟୋଜିତ କରିଥିବା ମାଲିକ ମାନଙ୍କ ଉପରେ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମ୍ପୃକ୍ତ ମାଲିକ ମାନଙ୍କ ବିରୁଦ୍ଧରେ ଜିଲ୍ଲା ଆରକ୍ଷୀ ବିଭାଗ ତତ୍ୱାବଧାନରେ ତୁରନ୍ତ ଏଫଆଇଅର୍ ଦରଜ କରିବା ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ ମାନେ ମୟୁରଭଞ୍ଜ ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ପାଇଁ ସମ୍ପୃକ୍ତ ବିଭାଗ ଓ ଗୋଷ୍ଠୀ ଓ ବ୍ୟକ୍ତିଗତ ସ୍ତରରେ ପ୍ରଚେଷ୍ଟା ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ସହିତ ପ୍ରଚେଷ୍ଟ ଜାରି ରଖିବାକୁ ମତପୋଷଣ କରିଥିଲେ। ଏ ଦିଗରେ ଶିଶୁ ଶ୍ରମିକଙ୍କୁ ଶ୍ରମ କ୍ଷେତ୍ରରୁ ଉଦ୍ଧାର କରି ସେମାନଙ୍କୁ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିବା ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା ସହ ସମାଜର ମୁଖ୍ୟସ୍ରୁତରେ ସାମିଲ କରିବା ସହ ସେମାନଙ୍କ ପରିବାରର ମୂଳଦୁଆ ମଜବୁତ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଯୋଜନା କାର୍ଯ୍ୟକ୍ରମ ଦ୍ୱାରା ସହାୟତା ଯୋଗାଇ ଦେବା ଦିଗଉପରେ ଉକ୍ତ କର୍ମଶାଳା ବୈଠକରେ ସବିଶେଷ ଆଲୋଚନା କରାଯାଇଥିଲା।

# ନକଲି ଶିକ୍ଷକଙ୍କ ବିରୁଦ୍ଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୩/୦୬ (ନି.ପ୍ର): ନକଲି ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଆଜି ସରକାର ନିଷ୍ପତି ନେଇଛନ୍ତି । ଏ ସଂକ୍ରାନ୍ତରେ ଆଜି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି, ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକର ନିଷ୍ପତି ଅନୁଯାୟୀ ଗତ ତିନିବର୍ଷ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକମାନଙ୍କର ସାର୍ଟିଫିକେଟ୍ ଏବଂ ପ୍ରମାଣପତ୍ର ଯାଂଚ କରାଯିବ । ରାଜ୍ୟ ବାହାରର ବିଶ୍ୱବିଦ୍ୟାଳୟ ଏବଂ ସଂପୃକ୍ତ ରାଜ୍ୟର ଶିକ୍ଷା ବିଭାଗକୁ ଏ ସଂପର୍କରେ ଯାଂଚ କରିବା ପାଇଁ ଚିଠି ଲେଖାଯିବ। ଆବଶ୍ୟକ ପଡ଼ିଲେ ଯାଞ୍ଚ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସ୍ୱତନ୍ତ୍ର ଅଧିକାରୀଙ୍କୁ ରାଜ୍ୟ ବାହାରର ବିଶ୍ୱବିଦ୍ୟାଳୟକୁ ପଠାଯିବ। ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦରେ ଚଳିତ ବର୍ଷରୁ ଡିଜିଲକ୍ ବ୍ୟବସ୍ଥା ପ୍ରଚଳନ କରାଯିବ। ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ସମସ୍ତ ସାର୍ଟିଫିକେଟ୍ କୁ ଡିଜିଟାଇଜେସନ୍ କରିବା ପାଇଁ ଆଇଟି ବିଭାଗର ସଚିବଙ୍କୁ ପତ୍ର ଲେଖାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦ୍ୱାରା ସମସ୍ତ ଶିକ୍ଷକଙ୍କର ଡାଟାବେସ୍ ପ୍ରସ୍ତୁତ କରାଯିବ। ସମସ୍ତ ମାମଲାର ତୁରନ୍ତ ଫଇସଲା ପାଇଁ ପଦକ୍ଷେପ ନିଆଯିବା ସହିତ ଏଫ୍‌ଆଇଆର ଦରଜ କରାଯିବ। ଏଥି ସହିତ ଚିହ୍ନଟ ଶିକ୍ଷକମାନଙ୍କଠାରୁ ଦରମା ଅର୍ଥ ଅସୁଲ କରିବା ପାଇଁ ଚିଠି ଲେଖାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ସିବିଏସ୍‌ଇ ବିଦ୍ୟାଳୟଗୁଡ଼ିକୁ ଏନ୍‌ଓସି ପ୍ରଦାନକୁ ସରଳ ଏବଂ ସ୍ୱୟଂକ୍ରିୟ କରାଯିବ ଓ ସେମାନଙ୍କ ଆବେଦନ ପତ୍ର ଅନ୍‌ଲାଇନ୍ ମାଧ୍ୟମରେ ଗ୍ରହଣ କରାଯିବ। ସ୍କୁଲ ଦ୍ୱାରା ପ୍ରଦତ୍ତ ତଥ୍ୟ ତ୍ରୁଟିପୂର୍ଣ୍ଣ ଥିଲେ ତିନିବର୍ଷ ପାଇଁ କୌଣସି ଏନ୍‌ଓସି ପ୍ରଦାନ କରାଯିବ ନାହିଁ । ସାମ୍‌ସ ଏବଂ ଦକ୍ଷତା ବିକାଶ ବିଭାଗରୁ ତଥ୍ୟ ସଂଗ୍ରହ ପରେ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପରେ ଡ୍ରପ୍‌ଆଉଟ୍ ଙ୍କ ସମ୍ବନ୍ଧରେ ବିଶ୍ଳେଷଣ କରାଯିବ । ଶିକ୍ଷକମାନଙ୍କ ପ୍ରଶିକ୍ଷଣ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବ ଏବଂ ଓସେପା ଦ୍ୱାରା ଦକ୍ଷତା ବୃଦ୍ଧି ନିମନ୍ତେ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ୩୦ଟି ଜିଲ୍ଲାର ୩୦ଟି ସ୍କୁଲକୁ ଚିହ୍ନଟ କରାଯାଇ ଇଂରାଜୀ ମାଧ୍ୟମରେ ଶିକ୍ଷା ପ୍ରଦାନ କରାଯିବା ପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି ।

## କବି ଅପର୍ତ୍ତି ସେଠୀଙ୍କୁ ବ୍ୟଙ୍ଗ ସାହିତ୍ୟ ସମ୍ମାନ

କେନ୍ଦ୍ରାପଡ଼ା,୧୩/୦୬ (ନି.ପ୍ର): କେନ୍ଦ୍ରାପଡାର ଜଣାଶୁଣା ବ୍ୟଙ୍ଗ କବି ଅର୍ପତି ସେଠୀଙ୍କୁ ରାଜ୍ୟର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଭାବେ ଉତରଣ ସାହିତ୍ୟ ପରିଷଦ ଭୁବନେଶ୍ୱର ର ପ୍ରଥମ ରାଜ୍ୟ ସ୍ତରୀୟ ସାରସ୍ୱତ ଉତ୍ସବ ସମାରୋହ ରେ ବ୍ୟଙ୍ଗ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଛି । ଅନୁଷ୍ଠିତ ଏକ ଉତ୍ସବରେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଶ୍ରୀ ସେଠୀଙ୍କୁ ବ୍ୟଙ୍ଗ ସାହିତ୍ୟ ସମ୍ମାନରେ ସମ୍ମାନିତ କରିଥିବା ଜଣାପଡିଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଷଦର ପ୍ରତିଷ୍ଠାତା ସଂପାଦକ ଦିପକ ରଞ୍ଜନ ଗୃହାଚାର୍ଯ୍ୟ, ପ୍ରାକ୍ତନ ସାଂସଦ କବି ପ୍ରସନ୍ନ କୁମାର ପାଟସାଣୀ ତଥା ବ୍ୟଙ୍ଗ କବି ସତ୍ୟନାସଙ୍କ ସମେତ ବହୁ ବିଶିଷ୍ଟ କବି ଯୋଗ ଦେଇଥିଲେ ।

## ଯୁବକଙ୍କ ଛୁରାମାଡରେ ଏକାଧିକ ଆହତ

ଭୁବନେଶ୍ୱର, ୧୩/୦୬ (ନି.ପ୍ର): ଭୁବନେଶ୍ୱର ଭିଏସଏସ ନଗର ଅଂଚଳରେ ଜଣେ ଛତିଶଗଡ଼ ଯୁବକଙ୍କ ଆତଙ୍କ ଦେଖିବାକୁ ମିଳିଛି। ସମ୍ପୃକ୍ତ ଯୁବକ ଜଣକ ଲୋକଙ୍କୁ ଗୋଡାଇ ଗୋଡାଇ ଛୁରୀରେ ଆକ୍ରମଣ କରିଛନ୍ତି। ଛୁରାମାଡରେ ଏକାଧିକ ଲୋକ ଆହତ ହୋଇଥିବା ସୂଚନା ମିଳିଛି । ତେବେ ଖବର ପାଇ ସହିଦ ନଗର ଥାନା ପୋଲିସ ଯୁବକଙ୍କୁ କାବୁ କରିଛି । ଛତିଶଗଡ ଯୁବକଙ୍କ ଏଭଳି କାଣ୍ଡ ଦେଖି ସ୍ଥାନୀୟଲୋକ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ସହିଦ ନଗର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ସଂପୃକ୍ତ ଯୁବକଙ୍କୁ କାବୁ କରିଛି। ଯୁବକଙ୍କ ପରିଚୟ ମିଳିନଥିବା ବେଳେ ସେ କାହିଁକି ଏଭଳି କାଣ୍ଡ ଭିଆଇଛନ୍ତି ତାହା ମଧ ସ୍ପଷ୍ଟ ଜଣାପଡିନାହିଁ ।

# ରଜ ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି

ଭୁବନେଶ୍ୱର, ୧୩/୦୬ (ନି.ପ୍ର): ଆଜି ଶେଷ ହୋଇଛି ସଜବାଜ ରଜ। ଆସନ୍ତା କାଲି ପହିଲି ରଜ। ରଜ ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ରଜ ଦୋଳି ସାଙ୍ଗକୁ, ପିଠାପଣା ଓ ପାନର ମହକ ଆଜିଠୁ ଜମିଲାଣି ରଜପର୍ବ। ୨ବର୍ଷର କୋଭିଡ ମହାମାରୀ ପରେ ଚଳିତବର୍ଷ ବିନା କଟକଣାରେ ବେଶ ଆଡମ୍ବରରେ ପାଳନ କରାଯିବ ରଜ। ରଜ ପାଇଁ ବିଭିନ୍ନ ସ୍ଥାନରେ ବିଶେଷ ଉତ୍ସବର ଆୟୋଜନ କରାଯାଇଛି। ଓଟିଡିସି ପକ୍ଷରୁ ରଜ ପାଇଁ ପାନ୍ଥ ନିବାସରେ ଦୋଳି ସହ ପାରମ୍ପରିକ ଓଡିଆପିଠାର ବ୍ୟବସ୍ଥା କରାଯାଇଛି। ଆରିସା, କାକରା, ପୋଡ ପିଠା, ମଣ୍ଡା, ଗଜା, ମହୁଲ ପିଠା ଭଳି ଅନେକ କିଛି ପ୍ରସ୍ତୁତ ହୋଇଛି। ଏହାଛଡା କଳ୍ପନା ଛକ ମ୍ୟୁଜିୟମ, ନିମନ୍ତ୍ରଣ ହୋଟେଲ ସମ୍ମୁଖ ଓ ପଟିଆରେ ପିଠା ଅନ ହୁଇଲ ଜରିଆରେ ମଧ୍ୟ ପାରମ୍ପରିକ ପିଠା କିଣିବାର ସୁଯୋଗ ପାଇପାରିବେ ରାଜଧାନୀବାସୀ। ରେ ବି ଖାସ ପିଠା ବ୍ୟବସ୍ଥା ହୋଇଛି। ଓଟିଡିସି ମ୍ୟାନେଜର କ୍ଷିତିଶ ଦାଶ କହିଛନ୍ତି ଦୁଇ ବର୍ଷ ପରେ ଏଥର ପୁଣି ରଜ ପାଳିବାର ସୁଯୋଗ ଆସିଛି। ଏଥର ବିରାଟ ଆକାରରେ ହେଉଛି ପର୍ବ ପାଳନ। ବିଭିନ୍ନ ସ୍ଥାନରେ ପିଠା ଷ୍ଟଲ ସାଙ୍ଗକୁ ପିଠା ଅନ ହୁଇଲ ମିଳୁଛି। ଦୋଳି ଖେଳ, ମେହେନ୍ଦୀ ସାଙ୍ଗକୁ ପିଠା ଖିଆ ମଜା ଦେବାକୁ ରାଜଧାନିବାସୀଙ୍କୁ ଆମେ ପୁରା ପ୍ରସ୍ତୁତ। ସେହିପରି ଭୁବନେଶ୍ୱର ପାତ୍ରପଡାରେ ମଧ୍ୟରେ ଶତାଧିକ ଦୋଳି ଲଗାଯିବ। ଏହା ବ୍ୟତୀତ ପ୍ରତି ବର୍ଷ ରଜ ଆସିଲେ ଜମି ଉଠେ ପାନ ବଜାର। ରଜ ପୂର୍ବରୁ ଛକ ଛକରେ ଲାଗେ ଭେରାଇଟି ପାନ ଦୋକାନ।

## ଗୋଟିଏ ଦିନରେ ୧୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୩/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୬୫୧ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ଜଣେ ହେଲେ କରୋନା ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୩୨୪ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୪୮ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୭ ଜଣ ସଂଗରୋଧରୁ ଓ ୫ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରୁ ୧, ଖୋର୍ଦ୍ଧା ଜିଲ୍ଲାରୁ ୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଷ୍ଟେଟ ପୁଲରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅବଶିଷ୍ଟ ୨୮ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି।

## ନବନିର୍ବାଚିତ ବାଚସ୍ପତିଙ୍କୁ ରାଜ୍ୟପାଳଙ୍କ ଶୁଭେଚ୍ଛା

ଭୁବନେଶ୍ୱର, ୧୩/୦୬ (ନି.ପ୍ର): ଓଡ଼ିଶା ବିଧାନସଭାର ନବନିର୍ବାଚିତ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଜଣେ ନିର୍ବିବାଦୀୟ ଓ ନିରପେକ୍ଷ ଅଧ୍ୟକ୍ଷ ଭାବରେ ପଦମର୍ଯ୍ୟାଦା ରକ୍ଷା କରିବା ସହ ଗୃହ ଶୃଙ୍ଖଳିତ ଭାବେ ସୁପରିଚାଳନା କରିବେ ବୋଲି ରାଜ୍ୟପାଳ ଆଶା ରଖିଛନ୍ତି।

# ମାରୱାଡ଼ି ମହିଳା ସମ୍ମେଳନ ପକ୍ଷରୁ ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର,୧୩/୦୬ (ନି.ପ୍ର): ଜାତୀୟ ରକ୍ତଦାତା ଦିବସ ଅବସରରେ ମାରୱାଡ଼ି ମହିଳା ସମ୍ମେଳନ ବାଲେଶ୍ୱର ଶାଖା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲା ରକ୍ତଭଣ୍ଡାର କ୍ୟାମ୍ପସରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମ୍ମେଳନର ଜିଲା ସଭାପତି ପ୍ରିୟା ଅଗ୍ରୱାଲ, ସମ୍ପାଦିକା ସୋନାଲ ମୋଦି, କୋଷାଧ୍ୟକ୍ଷ ଗୀତା ସୋମାନି, ମନୋନୀତ ରାଷ୍ଟ୍ରୀୟ ସଭାନେତ୍ରୀ ଅଞ୍ଜୁ ସରାୱଗୀ ଓ ଚକ୍ଷୁଦାନ ପ୍ରକଳ୍ପର ସହ-ମୁଖ୍ୟ ମେଘା ଚାନ୍ଦେଲୱାଲ ପ୍ରମୁଖ ଏଥିରେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରକ୍ତଦାନ ଦ୍ୱାରା ଶରୀର ସୁସ୍ଥ ରହିବା ସହ ଅନ୍ୟର ଜୀବନ ରକ୍ଷାରେ ସହାୟକ ହେବା ଅତ୍ୟନ୍ତ ମହତ କାର୍ଯ୍ୟ ବୋଲି ସମ୍ମେଳନର କର୍ମକର୍ତ୍ତାମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲାରେ ଅଧିକ ଥର ରକ୍ତଦାନ କରିଥିବା ସମାଜସେବୀ ସାହିରୁଲ ହକ, ମହମ୍ମଦ ମୁକ୍ତାର ଅହେମ୍ମଦ, ନେହା ଆଲମ, ସୁନୀତା ମିଶ୍ର, ଗିରୀଶ ମିଶ୍ର ପ୍ରମୁଖଙ୍କୁ ସମ୍ମେଳନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କଳାଭୂମିରେ ଆକର୍ଷଣୀୟ ଖୋଲା ପାଠାଗାର ଉଦ୍‌ଘାଟିତ

ଭୁବନେଶ୍ୱର, ୧୩/୦୬ (ନି.ପ୍ର): କଳାଭୂମିରେ ସୋମବାର ଏକ ଖୋଲା ପାଠାଗାର ଉଦ୍‌ଘାଟିତ ହୋଇଯାଇଛି । ଓଏସ୍‌ଆରଟି ବସ୍ ର ବାହ୍ୟ ଭାଗରେ ଓଡ଼ିଶାର ପରମ୍ପରା ଓ ପଶୁପକ୍ଷୀଙ୍କ କାହାଣୀକୁ ନେଇ ଭିନ୍ନ ଭିନ୍ନ ଚିତ୍ର ଅଙ୍କା ଯାଇଛି। ରାଜ୍ୟ ହସ୍ତଶିଳ୍ପ ସଂଗ୍ରହାଳୟର ମିଳିତ ସହଯୋଗରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସମର୍ଥନରେ ବକୁଲ ଫାଉଣ୍ଡେସନ୍ ଦ୍ୱାରା ଏହି ବସ୍ ପାଠାଗାର ପ୍ରତିଷ୍ଠା କରାଯାଇଛି । ଆଜି ଏହି ପାଠାଗାର ଉଦ୍‌ଘାଟନ ଉତ୍ସବରେ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ, ଆଦର୍ଶ ବିଦ୍ୟାଳୟର ମୁଖ୍ୟ ଉପେନ୍ଦ୍ର ତ୍ରିପାଠୀ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର, ସିଡାକ୍‌ର ମେମ୍ବର ସେକ୍ରେଟାରୀ ଶିଶିର କୁମାର ରଥ, ବକୁଳ ଫାଉଣ୍ଡେସନ୍ ର ପ୍ରତିଷ୍ଠାତା ସୁଜିତ ମହାପାତ୍ର ଉପସ୍ଥିତ ଥିଲେ । ଏହି ବସ୍ ପାଠାଗାରରେ ୪୦୦୦ରୁ ଊର୍ଦ୍ଧ୍ୱ ପୁସ୍ତକ ରହିଛି । ଛୋଟରୁ ବଡ଼ ପର୍ଯ୍ୟନ୍ତ ସବୁ ବୟସର ବ୍ୟକ୍ତିବିଶେଷଙ୍କ ନିମନ୍ତେ ଏଠାରେ ଇଂରାଜୀ ଓ ଓଡ଼ିଆ ପୁସ୍ତକ ରହିଛି । ଏହି ପାଠାଗାର ଅପରାହ୍ଣ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ସପ୍ତାହରେ ସୋମବାର ବ୍ୟତୀତ ଅନ୍ୟ ଛଅଦିନ ଖୋଲା ରହିବ । ନିୟମିତ ଭାବରେ ଗଳ୍ପ, କଳା ଓ ହସ୍ତକଳା ଅଧିବେଶନ ରହିବ। କଳାଭୂମି ପରିସରରେ ବହୁପ୍ରତୀକ୍ଷିତ ସୋଲାର ପ୍ୟାନେଲ ପାୱାର ଜେନେରେସନ୍ ସିଷ୍ଟମ ସ୍ଥାପିତ ହେବାକୁ ଯାଉଛି । କଳାଭୂମିର ସଂଗ୍ରହାଳୟ ପ୍ରତ୍ୟହ ସକାଳ ୧୦ଟାରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ଖୋଲା ରହୁଛି । ଜୁନ ୧୪ ଓ ୧୫ ତାରିଖ ଦିନ ରଜ ମହୋତ୍ସବ ଅବସରରେ କଳାଭୂମିଠାରେ କଳା-କାରିଗରୀର ପ୍ରତ୍ୟକ୍ଷ ପ୍ରଦର୍ଶନ, କର୍ମଶାଳା, ସଂଗୀତ ଓ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

# ଜାତିଆନା ଅକ୍ଷେପ କରି ଭାଙ୍ଗିଲେ ଯଜ୍ଞ ମଣ୍ଡପ

କେନ୍ଦ୍ରାପଡ଼ା, ୧୩/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ତନ୍ତିଆପାଳ ଅଧିନ ପୋଟିଆ ଗ୍ରାମରେ ଯଜ୍ଞ ମଣ୍ଡପ ନିର୍ମାଣ ଚାଲିଥିବା ବେଳେ କେତେକ ବ୍ୟକ୍ତି ଜାତିୟାନା ଆକ୍ଷେପ କରିବା ସହ ଯଜ୍ଞ ମଣ୍ଡପ, ଭାଙ୍ଗି ଦେଇଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ଏହି ଗ୍ରାମର ବିଜୟ କୁମାର ମଲିକ ପତ୍ନୀ ଅମିତା ମଲିକଙ୍କ ସହ ଅନ୍ୟ କେତେକ ମିସ୍ତ୍ରୀ ଓ ମୁଲିଆଙ୍କୁ ନେଇ ଗ୍ରାମର ଖରାଖାଇ ଯଜ୍ଞ ପଡିଆରେ ଯଜ୍ଞ ମଣ୍ଡପ ନିର୍ମାଣ କରୁଥିଲେ। ସେହି ଗ୍ରାମର କେତେକ ବ୍ୟକ୍ତି ସେଠାରେ ପହଁଚି ବିଜୟଙ୍କୁ ଗାଳି ଗୁଲଜ କରିବା ସହ ଜାତିୟାନା ଆକ୍ଷେପ କରି ମାଡ ମାରିବା ସହ ଯଜ୍ଞ ମଣ୍ଡପ ଭାଙ୍ଗି ଦେଇଥିବା ତନ୍ତିଆପାଳ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବାରୁ ଅମିତା ମଲିକ ଜିଲ୍ଲାପାଳଙ୍କୁ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ସହ ନିଜର ସୁରକ୍ଷା ଦାବି କରିଛନ୍ତି ।

# ଆଶାୟୀ ସ୍ୱତନ୍ତ୍ର ଶିକ୍ଷକ ସଂଘ ବୈଠକ



ଖୋର୍ଦ୍ଧା, ୧୩/୦୬ (ନି.ପ୍ର): ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଶିକ୍ଷା ର ବିକାଶ ନିମନ୍ତେ ଚେଷ୍ଟିତ ଓଡ଼ିଶା ସ୍ପେସିଆଲ୍ ଏଜୁକେଟର ଫେଡ଼େରେସନ ଫର୍ ଦିବ୍ୟାଙ୍ଗ (ଓଏସ୍‌ଇଏଫଡ଼ି) ଖୋର୍ଦ୍ଧା ଜିଲ୍ଲା ର ବୈଠକ ଆଜି ବୋଲଗଡ଼ ଠାରେ ଅନୁଷ୍ଠିତ ହୋଇଥିଲା।ଏହି ବୈଠକରେ ଜିଲ୍ଲା ସଭାନେତ୍ରୀ ଏଲୋରା ପ୍ରିୟଦର୍ଶିନୀ ମହାପାତ୍ର, ଉପସଭାପତି ଦେବାଶିଷ ପତି, ସମ୍ପାଦିକା ଶୁଭାଙ୍ଗୀ ପ୍ରିୟବାଦିନୀ, ଯୁଗ୍ମ ସମ୍ପାଦକ ଅଶ୍ୱିନୀ ମୁଦୁଲି, ସଂଯୋଜକ ବିଶ୍ୱବିଜୟୀ ଦାଶ,ସହ ସଂଯୋଜକ ସୁଶିଲ କୁମାର ସାହୁ, ଆଇଟି ସେଲ ସଂଯୋଜକ ପ୍ରିୟଙ୍କା ପ୍ରିୟଦର୍ଶିନୀ, ସଂଗଠକ ଲୋକଜିତ୍ ପରିଡ଼ା,ସନାତନ ସାହୁ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ରେ ସଂଘ ର ସଂଗଠନ କୁ ମଜଭୁତ କରିବା ସହ ଅନ୍ତର୍ନିବେଶୀ ଶିକ୍ଷାର ମହତ୍ତ୍ୱ ଓ ଗୁରୁତ୍ୱ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ରେ କରିବା ପାଇଁ ଆଲୋଚନା କରାଯାଇଥିଲା। ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନେ କୌଣସି ଗୁଣରେ କମ୍ ନୁହଁନ୍ତି, ସେହି ଛାତ୍ରଛାତ୍ରୀ ମାନଙ୍କୁ ଉପଯୁକ୍ତ ଶିକ୍ଷା ଓ ପ୍ରଶିକ୍ଷଣ ଦ୍ୱାରା ସେହି ମାନେ ସମାଜରେ ସ୍ୱାବଲମ୍ବୀ ହୋଇପାରିବେ। ଉକ୍ତ ସଭାରେ ଜଡଡଉ ଆଇନ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଧାରିତ ରାୟ ଅନୁସାରେ ଓଡ଼ିଶା ର ପ୍ରତ୍ୟେକ ସାଧାରଣ ବିଦ୍ୟାଳୟ ରେ ଜଣେ ଜଣେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା କୁ ତ୍ୱରାନ୍ୱିତ କରିବା ନିମନ୍ତେ ରାଜ୍ୟ ସରକାର ଙ୍କ ନିକଟରେ ସଂଘ ତରଫରୁ ଅନୁରୋଧ କରାଗଲା ।ଏହି ନିଯୁକ୍ତି କରାଗଲେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନେ ଉପଯୁକ୍ତ ଶିକ୍ଷା ଗ୍ରହଣ କରିପାରି ସମାଜ ର ମୁଖ୍ୟସ୍ରୋତ ରେ ସାମିଲ ହୋଇପାରନ୍ତେ ବୋଲି ସଂଘ ର କର୍ମକର୍ତ୍ତା ମତ ରଖିଥିଲେ। ଏହି ଅବସରରେ ୪୦ ରୁ ଉର୍ଦ୍ଧ୍ୱ ଆଶାୟୀ ସ୍ୱତନ୍ତ୍ର ଶିକ୍ଷକ ଓ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

ବାଲେଶ୍ୱର, ମଙ୍ଗଳବାର, ୧୪ ଜୁନ୍, ୨୦୨୨

ଧ୍ୱନି ପ୍ରତିଧ୍ୱନି



# ପୁରୀ ନୀଳାଚଳ ହାଟରେ ଓଡ଼ିଶାର ସାଂସ୍କୃତିକ ବିଭବ ଓ ସାମଗ୍ରୀ ପ୍ରଦର୍ଶିତ

ଭୁବନେଶ୍ୱର, ୧୩/୦୬ (ନି.ପ୍ର): ପୁରୀଠାରେ ନୀଳାଚଳ ହାଟକୁ ଓଡ଼ିଶାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ ଲୋକାର୍ପିତ କରିଛନ୍ତି। ଏକାମ୍ର ହାଟ ଭଳି ବର୍ଷସାରା ନିରନ୍ତର ଭାବେ କାରିଗର ଓ ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ କରିବା ଏହି ହାଟର ମୂଳ ଲକ୍ଷ୍ୟ। ୨୦୨୦ ମସିହା ଅକ୍ଟୋବର ମାସରେ, ଓଡ଼ିଶାରେ ଥିବା ଅର୍ବାନ ହାଟଗୁଡ଼ିକର ପରିଚାଳନା ଦାୟିତ୍ୱ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ନିଜ ହାତକୁ ନେବା ପରେ, ପୁରୀ ନୀଳାଚଳ ହାଟକୁ କାରିଗର ଓ ବୁଣାକାରମାନଙ୍କର ବ୍ୟବସାୟ ଉଦ୍ଦେଶ୍ୟରେ ନୂତନ ଭାବରେ ପ୍ରସ୍ତୁତ କରାଯାଇଛି। ଓଡ଼ିଶାର ହସ୍ତଶିଳ୍ପ ତଥା ବୁଣାକାରମାନଙ୍କୁ ସେମାନଙ୍କ ଉତ୍ପାଦିତ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ବଜାର ପାଇଁ ସୁଯୋଗ ସୃଷ୍ଟି କରିବା ଅର୍ବାନ ହାଟର ମୁଖ୍ୟ ଉଦ୍ଦେଶ୍ୟ। ଏହି ହାଟରେ ଥିବା ୩୬ଟି ଷ୍ଟଲ ଉଭୟ ହସ୍ତଶିଳ୍ପ ଓ ହସ୍ତତନ୍ତ ପାଇଁ ଉଦ୍ଦିଷ୍ଟ । ପରିଦର୍ଶକମାନେ ନୀଳାଚଳ ହାଟରେ ହସ୍ତଶିଳ୍ପୀ ଓ ବୁଣାକାରମାନଙ୍କ ଉତ୍ପାଦିତ ପ୍ରକୃତ ହସ୍ତଶିଳ୍ପ ତଥା ହସ୍ତତନ୍ତ ସାମଗ୍ରୀ ପ୍ରତ୍ୟକ୍ଷ ଭାବେ ଦେଖିବା ଓ କିଣିବା ସୁଯୋଗ ପାଇପାରିବେ ତଥା ସେମାନଙ୍କ ସହ ଭାବର ଆଦାନପ୍ରଦାନ କରିପାରିବେ। ଏଠାରେ ହସ୍ତଶିଳ୍ପୀ ଓ ବୁଣାଗାରମାନଙ୍କ ଦ୍ୱାରା ହସ୍ତଶିଳ୍ପ ତଥା ହସ୍ତତନ୍ତର ପ୍ରତ୍ୟକ୍ଷ ପ୍ରଦର୍ଶନର ବ୍ୟବସ୍ଥା କରାଯାଇଛି, ଯଦ୍ୱାରା ପରିଦର୍ଶକମାନେ ଓଡ଼ିଶାର ହସ୍ତଶିଳ୍ପ ତଥା ହସ୍ତତନ୍ତର ପ୍ରସ୍ତୁତିପ୍ରଣାଳୀ ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିପାରିବେ। ଏହି ହାଟରେ ବୟନିକା, ଅମ୍ଳାନ, ସମ୍ବଲପୁରୀ ବସ୍ତ୍ରାଳୟ ଓ ଉତ୍କଳିକା ସଂସ୍ଥାମାନଙ୍କ ଷ୍ଟଲ ଖୋଲାଯାଇଛି। ନୀଳାଚଳ ହାଟରେ ମୁକ୍ତାକାଶ ଜଳପାନ ଷ୍ଟଲ ବ୍ୟବସ୍ଥା ମଧ କରାଯାଉଛି। ସେହି ଷ୍ଟଲମାନଙ୍କରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ସହିତ ଭାରତର ଅନ୍ୟାନ୍ୟ ପ୍ରାନ୍ତର ସୁସ୍ୱାଦୁ ଖାଦ୍ୟମାନ ଉପଲବ୍ଧ ହେଉଛି। ପରିଦର୍ଶକ/ପ୍ରଦର୍ଶକ/କ୍ରେତାମାନଙ୍କ ସୁବିଧା ନିମନ୍ତେ ନୀଳାଚଳ ହାଟ ପରିସରରେ ମୁକ୍ତାକାଶ ମଂଚ, ଗ୍ରୀନ୍ ରୁମ୍ ଓ ଡର୍ମିଟୋରୀ ଇତ୍ୟାଦିର ସୁବିଧା ଅଛି।

# ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ ପାଇବେ 'କାଦମ୍ବିନୀ ଗଳ୍ପ ସମ୍ମାନ'

ବାଲେଶ୍ୱର,୧୩/୦୬ (ନି.ପ୍ର): ବିଶିଷ୍ଟ ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ ଚଳିତ ବର୍ଷର ସମ୍ମାନଜନକ 'କାଦମ୍ବିନୀ ଗଳ୍ପ ସମ୍ମାନ' ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସନ୍ତା ଜୁଲାଇ ମାସ ୨ ତାରିଖରେ ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପରେ ହେବାକୁ ଥିବା 'କାଦମ୍ବିନୀ'ର ୨୩ତମ ସ୍ୱନକ୍ଷତ୍ର ଉତ୍ସବରେ ଶ୍ରୀ ବିଶ୍ୱାଳ ଏହି ସମ୍ମାନ ଗ୍ରହଣ କରିବେ ବୋଲି ପତ୍ରିକାର ସମ୍ପାଦିକା ଇତି ସାମନ୍ତ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି ବାଲେଶ୍ୱରର ଅନ୍ୟତମ ବିଶିଷ୍ଟ ଗଳ୍ପିକ ଶ୍ରୀ ବିଶ୍ୱାଳ ୪୦ ବର୍ଷର ସାହିତ୍ୟ ସାଧନା ସହ ପାଠକ ମହଲରେ ବେଶ ପରିଚତ ହୋଇପାରିଛନ୍ତି। ଇତିମଧ୍ୟରେ ତାଙ୍କର ୧୦ଟି ଗଳ୍ପ ସଂକଳନ, ୪ଟି ଉପନ୍ୟାସ ଓ ୨ଶହ ପଦର ଏକ ପ୍ରେମକାବ୍ୟ 'ତମେ' ପ୍ରକାଶ ସହ ପାଠକୀୟ ଆଦୃତ ଲାଭ କରିଛି। ଶ୍ରୀ ବିଶ୍ୱାଳ ନିଜର ସାହିତ୍ୟ କୃତି ପାଇଁ ପୂର୍ବରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବହୁବାର ସମ୍ବର୍ଦ୍ଧିତ ହୋଇଛନ୍ତି।

# ୩ ଜିଲ୍ଲାରେ ବର୍ଷା ଆଦୌ ହୋଇନାହିଁ

ଭୁବନେଶ୍ୱର, ୧୩/୦୬ (ନି.ପ୍ର): ରାଜ୍ୟରେ ୨୦୨୨ ମସିହା ଜୁନ୍ ୧ରୁ ଜୁନ୍ ୧୨ ମଧ୍ୟରେ ୧୦.୭ ମି.ମି. ବର୍ଷା ରେକର୍ଡ କରାଯାଇଛି । ଯାହା ସ୍ୱାଭାବିକ ବର୍ଷା ୫୦.୮ ମି.ମି. ତୁଳନାରେ ୭୯ ପ୍ରତିଶତ କମ୍ ରହିଛି । ଏହି ସମୟ ପରିଧି ମଧ୍ୟରେ ୩ଟି ଜିଲ୍ଲାରେ ବର୍ଷା ଆଦୌ ହୋଇନାହିଁ ଯାହାକି ୧୦୦ ପ୍ରତିଶତ ନିଅଂଟିଆ। ଏହି ୩ ଜିଲ୍ଲା ହେଲା ବରଗଡ ,ସୁବର୍ଣ୍ଣପୁର ଓ ମାଲକାନଗିରି। ସେହିପରି ୩ ଜିଲ୍ଲାରେ ନିଅଂଟିଆ (୨୦ ପ୍ରତିଶତରୁ ୫୯ ପ୍ରତିଶତ) ଏବଂ ୨୪ ଜିଲ୍ଲାରେ ଅଧିକ ନିଅଂଟିଆ (୬୦ ପ୍ରତିଶତ କିମ୍ବା ଅଧିକ) ରହିଛି। ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି ।

# ବାଲେଶ୍ୱର ବନ୍ଦ ସଫଳ ପାଇଁ ସଦର ବିଜେପି ପକ୍ଷରୁ ନିବେଦନ



ବାଲେଶ୍ୱର,୧୩/୦୬ (ନି.ପ୍ର): ଜିଲାର ସାମ୍ପ୍ରତିକ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିର ପ୍ରତିବାଦରେ ଭାରତୀୟ ଜନତା ପାର୍ଟି, ସଦର ନିର୍ବାଚନ ମଣ୍ଡଳୀ କମିଟି ୧୬ ତାରିଖରେ ବାଲେଶ୍ୱର ବନ୍ଦ କରିବ। ତେବେ ଏହି ବନ୍ଦ ବାଲେଶ୍ୱର ସହର ସମେତ ସଦର ନିର୍ବାଚନମଣ୍ଡଳୀର ପ୍ରମୁଖ ଅଞ୍ଚଳରେ ପାଳନ ସମ୍ପର୍କରେ ବିଜେପି ରାଜ୍ୟ ଯୁବମୋର୍ଚ୍ଚା ଉପ-ସଭାପତି ତଥା ସଦର ନିର୍ବାଚନ ମଣ୍ଡଳୀର ନେତା ମାନସ କୁମାର ଦତ୍ତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସଦର ଶାଖା କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦତ୍ତଙ୍କ ସମେତ ଦଳୀୟ କର୍ମକର୍ତ୍ତା ଓ ନେତାମାନେ ଯୋଗଦେଇ ବାଲେଶ୍ୱର ବନ୍ଦର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ। ଗତ ଉପ ନିର୍ବାଚନଠାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ବାଲେଶ୍ୱରର ଦାୟିତ୍ୱ ନେବା ପରେ ୨୭ରୁ ଅଧିକ ମର୍ଡର, ଶହସ୍ରାଧିକ ମୋବାଇଲ ଓ ସୁନା ଚେନ ଛିନ୍ତାଇ, ଏ.ଟି.ଏମ୍ ଲୁଟ ବଢ଼ି ଚାଲିଥିବା ବେଳେ ଅପରାଧୀଙ୍କୁ ପୁଲିସ ଧରି ନପାରିବା ଦୁର୍ଭାଗ୍ୟର ବିଷୟ ବୋଲି ଶ୍ରୀ ଦତ୍ତ ଆରୋପ କରିଛନ୍ତି। ଏନେଇ ଆସନ୍ତା ୧୬ ତାରିଖ ଗୁରୁବାର ୧୨ ଘଣ୍ଟିଆ ବାଲେଶ୍ୱର ବନ୍ଦକୁ ସଫଳ କରିବା ପାଇଁ ଦଳ ପକ୍ଷରୁ ସମସ୍ତ ସାମାଜିକ ସଂଗଠନ, ବରିଷ୍ଠ ନାଗରିକ, ବ୍ୟବସାୟୀଙ୍କ ସମେତ ଜନସାଧାରଣଙ୍କ ନିବେଦନ କରାଯାଇଛି। ଏହି ଅବସରରେ ବାଲେଶ୍ୱର ବନ୍ଦ ପାଇଁ ସ୍ୱତନ୍ତ୍ର ପୋଷ୍ଟର ଉନ୍ମୋଚିତ କରାଯାଇଥିଲା। ତେବେ ବିଜେପି ଜିଲା କମିଟି ଥିବା ସତ୍ତ୍ୱେ ସଦର ଶାଖା କର୍ମକର୍ତ୍ତା ଆମନ୍ତ୍ରଣ କରୁଥିବା ସାମ୍ବାଦିକ ସମ୍ମିଳନୀକୁ ଅସିଦ୍ଧ ଘୋଷଣା କରାଯିବା ପ୍ରସଙ୍ଗ ଆଦୌ ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି। ପୂର୍ବରୁ ମଧ୍ୟ ଜିଲା କମିଟି ପକ୍ଷରୁ ଏହିଭଳି ୪/୬ଥର ଘୋଷଣା କରାଯାଇଥିଲା। ଅତଏବେ ଏହି ନିର୍ଦ୍ଦେଶନାମାକୁ ଗୁରୁତ୍ୱ ନ ଦେବା ପାଇଁ ସାମ୍ବାଦିକଙ୍କୁ ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ରବିନାରାୟଣ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ମଣ୍ଡଳ ପ୍ରଭାରୀ ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ପ୍ରବୀର ଶଙ୍କର ଦାଶ, ମଣ୍ଡଳ ପ୍ରଭାରୀ ଲୋକନାଥ ଭୂୟାଁ, ପୂର୍ବତନ କାଉନସିଲର ସୁଜିତ ଦେବ ଓ ଉପେନ୍ଦ୍ର ଶତପଥୀ, କାଉନସିଲର ନିତ୍ୟଗୋପାଲ ସିଂ, ସତ୍ୟଶିବ ସୁନ୍ଦର ଦାଶ, ରୋଜାଲିନ ପାଣି, ନିରୂପମା ଦାଶ, ଭାରତୀ ପାତ୍ର, ସସ୍ମିତା ନାଥ, ପ୍ରତିମା ବେହେରା, ରାଜେନ୍ଦ୍ର ଚାଟାର୍ଜୀ, ପର୍ଶୁରାମ ମହାନ୍ତି, ଶ୍ରୀହରି ଶୁକ୍ଳା ପ୍ରମୁଖ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ବିଦ୍ୟୁତ କର୍ମଚାରୀ ସଂଘ ବୈଠକ

## ବକେୟା ରାଶି ନମିଳିଲେ ଜୁଲାଇରେ ଆନ୍ଦୋଳନ ନିଷ୍ପତ୍ତି




ବାଲେଶ୍ୱର,୧୩/୦୬ (ନି.ପ୍ର): ରାଜ୍ୟ ବିଦ୍ୟୁତ ବୋର୍ଡ଼, ଗ୍ରୀଡ଼କୋ, ନେସ୍କୋ ଓ ଟି.ପି.ଏନ୍.ଓ.ଡି.ଏଲ୍. ପ୍ରଭୃତି ବିଦ୍ୟୁତ ସଂସ୍ଥାରେ କାର୍ଯ୍ୟକରି ଅବସର ଗ୍ରହଣ କରିଥିବା କର୍ମଚାରୀମାନଙ୍କୁ ନେଇ ଗଠିତ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବୈଠକ ବାଲିଆସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁତ ଶ୍ରମିକ କର୍ମଚାରୀ ନେତା ଜଗଦୀଶ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଅବସର ପ୍ରାପ୍ତ କର୍ମଚାରୀଙ୍କ ସମସ୍ୟା ଓ ତା'ର ନିରାକରଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷ କରି ଅବସର ପରେ ବି ଗ୍ରାଚ୍ୟୁଇଟି ଓ ଅର୍ଜିତ ଛୁଟି ପ୍ରାପ୍ୟ ଅଦ୍ୟାବଧି ପ୍ରଦାନ କରାଯାଉ ନଥିବାରୁ ବୈଠକରେ ଉପସ୍ଥିତ ସଭ୍ୟମାନେ ଉଦବେଗ ପ୍ରକାଶ କରିଥିଲେ। ଏବେ ବିଦ୍ୟୁତ ବିତରଣ ଦାୟିତ୍ୱ ନେଇଥିବା ଟାଟା ପାୱାର କମ୍ପାନୀକୁ ବହୁବାର ଆବେଦନ ପରେ ଅଳ୍ପ କେତେଜଣ କର୍ମଚାରୀ ଏହି ପ୍ରାପ୍ୟ ପାଇଥିଲେ ମଧ ବହୁ କର୍ମଚାରୀ ଏଥିରୁ ବଞ୍ଚିତ ହୋଇଛନ୍ତି। ଅର୍ଥରାଶି ପାଇବାରେ ଅହେତୁକ ବିଳମ୍ବ ହୋଇ ଚାଲିଥିବା ବେଳେ ବହୁ କର୍ମଚାରୀ ବାର୍ଦ୍ଧକ୍ୟ ଅବସ୍ଥାରେ ଆର୍ଥିକ ଅନାଟନରେ କାଳାତିପାତ କରୁଛନ୍ତି। ସଂଘ ତରଫରୁ ପୁନଶ୍ଚ ଲିଖିତ ଭାବେ ଜଣାଇବା ପରେ ଯଦି ବକେୟା ପ୍ରାପ୍ୟ ପ୍ରଦାନ କରାନଯାଏ ତେବେ ଆସନ୍ତା ଜୁଲାଇ ମାସ ଶେଷ ସପ୍ତାହରେ ରେମୁଣା ଗୋଲେଇ ନିକଟସ୍ଥ ଟାଟା ପାୱାର କର୍ପୋରେଟ୍ ଅଫିସ ସମ୍ମୁଖରେ ଏହି ବରିଷ୍ଠ କର୍ମଚାରୀମାନେ ଗଣଧାରଣରେ ବସିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅନ୍ୟପକ୍ଷରେ ଜିଲାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ପ୍ରତିବାଦରେ ଆସନ୍ତା ୧୬ ତାରିଖ ବାଲେଶ୍ୱର ବନ୍ଦକୁ ବୈଠକରେ ସମର୍ଥନ କରାଯାଇଛି। ଏଥି ସହିତ ସାଇବର କ୍ରାଇମରେ ଶିକାର ହେଉଥିବା ବରିଷ୍ଠ ନାଗରିକଙ୍କୁ ସତର୍କତା ଅବଲମ୍ବନ ସମ୍ପର୍କରେ ସଚେତନତା କରାଯାଇଥିଲା। ସମ୍ପାଦକ ଆଶିଷ କୁମାର ଜେନାଙ୍କ ସମେତ ଅକ୍ଷୟ କୁମାର ଜେନା, ଶଶାଙ୍କ ବେହେରା, ଭରତ ଚନ୍ଦ୍ର ସେଠୀ, ଗଜେନ୍ଦ୍ର ବେହେରା, ବ୍ରହ୍ମାନନ୍ଦ ଦାସ, ବିଷ୍ଣୁ ଦାସ, ବୃନ୍ଦାବନ ମହାନ୍ତି, ଶୈଳିଲ୍ ସିଂହ ଓ ସନ୍ତୋଷ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ହରେକୃଷ୍ଣ ମହାନ୍ତି ଶେଷରେ ଧନ୍ୟବାଦ ଦେଇଥିଲେ।

# ମାଲକାନଗିରି ବସ୍ ଦୁର୍ଘଟଣାରେ ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତ ବୋଡୁଗୁଡ଼ମ୍ ନିକଟରେ ଦୁର୍ଘଟଣାରେ ୫ ଜଣଙ୍କ ପ୍ରାଣହାନୀ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ ମାଲକାନଗିରି ଜିଲ୍ଲା ସୀମାନ୍ତରେ ବସ ଦୁର୍ଘଟଣା ଖବର ଅତ୍ୟନ୍ତ ଦୁଃଖଦାୟକ। ଏଥିରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ସମସ୍ତ ଆହତଙ୍କ ଆଶୁଆରୋଗ୍ୟ କାମନା କରୁଛି। ସୂଚନାଯୋଗ୍ୟ ଯେ ମାଲକାନଗିରି ଜିଲ୍ଲା ସୀମାନ୍ତ ବୋଡୁଗୁଡ଼ମ୍ ନିକଟରେ ଆଜି ଭୋରରୁ ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିବାରୁ ୫ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୬ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତମାନଙ୍କୁ ଭଦ୍ରାଚଳମ ଚିକିତ୍ସାଳୟରେ ଭର୍ତି କରାଯାଇଛି। ସମସ୍ତ ମୃତକ ଘର ନବରଙ୍ଗପୁର ଓ ଭବାନୀପାଟଣାର ବୋଲି ସୂଚନା ମିଳିଛି।

# ରାଜ୍ୟ ଗ୍ରନ୍ଥାଗାରରେ ବ୍ୟାସକବି ଓ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଉପରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ

ଭୁବନେଶ୍ୱର, ୧୩/୦୬ (ନି.ପ୍ର): ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୦୪ତମ ଶ୍ରାଦ୍ଧୋତ୍ସବ ଓ ପଞ୍ଚସଖା ଯୁଗର ଅନ୍ୟତମ ସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ଦେବସ୍ନାନ ପୂର୍ଣ୍ଣିମା ଶୂନ୍ୟ ସମାଧି ଦିବସ ଅବ୍ୟବହିତ ପୂର୍ବରୁ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଆଜି ପୂର୍ବାହ୍ନରେ ଆୟୋଜିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱରର ବିଧାୟକ ସ୍ୱରୂପ ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଧର୍ମଗଡ଼ ବିଧାୟକ ମୌଷଧି ବାଗ୍, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ଫକୀରମୋହନ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ନେତା ତଥା ବଡ଼ସାହି ବିଧାୟକ ସନାତନ ବିଜୁଳି, ପୂର୍ବତନ ସାଂସଦ ଇଂ. ମୁରଲୀଧର ଜେନା ଓ ପ୍ରଶାସକ ମାନସ ରଂଜନ ସାମଲ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ପୁସ୍ତକ ପ୍ରଦର୍ଶନୀକୁ ଅନୁଶୀଳନ କରିବା ସହିତ ଓଡ଼ିଆ ଭାଷାକୁ ବଞ୍ଚାଇବା ପାଇଁ ଫକୀର ମୋହନ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ, ତାହାର ଫଳ ସ୍ୱରୂପ ଆଜି ଓଡ଼ିଆ ସାହିତ୍ୟ ବିକଶିତ ହୋଇପାରିଛି ଓ ତାହାର ଫଳ ସ୍ୱରୂପ ରାଜ୍ୟରେ ପାଠାଗାର ଆନ୍ଦୋଳନ ମଧ ଅଗ୍ରଗତି କରି ରାଜ୍ୟ ପାଠାଗାର ବିକାଶରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ପଞ୍ଚସଖା ଯୁଗର ଅନ୍ୟତମ ସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ଗୋସ୍ୱାମୀ ନିଜ ଲେଖନୀ ମୂନରେ ଶୂନ୍ୟ ସଂହିତା, ଗୋପାଳ ଓଗାଳ, କୈବର୍ତ୍ତ ଗୀତା ଓ ମାଳିକା ରଚନା କରିଛନ୍ତି । ମାଳିକାର ବିଚାର ଆଜି ମଧ ଆଧାତ୍ମିକ ପ୍ରେମୀଙ୍କୁ ଭବିଷ୍ୟତ ଗଣନାର ଖୋରାକ ଯୋଗାଉଛି। ପୁସ୍ତକ ପ୍ରଦର୍ଶନୀ ଦ୍ୱାରା ପାଠକ, ଗବେଷକ ଓ ଗ୍ରନ୍ଥାଗାରିକମାନଙ୍କ ମଧ୍ୟରେ ଏକ ସମନ୍ୱୟ ସେତୁ ସ୍ଥାପନ ହେଉଛି । ବିଭିନ୍ନ ପୁସ୍ତକକୁ ବିଶ୍ଳେଷଣ କରିବା ଦ୍ୱାରା ରାଜ୍ୟରେ ଗବେଷଣାଭିତ୍ତିଭୂମି ଉନ୍ନୟନ ହୋଇପାରୁଛି ବୋଲି ବକ୍ତାମାନେ ମତଦେଇ ପାଠାଗାର ମାନଙ୍କରେ ନିୟମିତ ପୁସ୍ତକ ପ୍ରଦର୍ଶନୀର ଆୟୋଜନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରନ୍ଥାଗାରିକ ସଳିତା ପାତ୍ର, ବିଦ୍ୟାଧର ପଣ୍ଡା, କଣ୍ଣମଣି ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ଓ ମିନତୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ଇମାମି-କିସ୍ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

## ଶିକ୍ଷା ଜୀବନରେ ସବୁଠାରୁ ବଡ଼ ରୂପାନ୍ତର ଆଣିଥାଏ : ନବୀନ ପଟ୍ଟନାୟକ




ବାଲେଶ୍ୱର, ୧୩/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ୍ ଅନ୍ତର୍ଗତ ଆର୍ମଳାଠାରେ ୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ କିସ୍‌ର ନୂତନ ଶାଖା ଇମାମି-କିସ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଉଦ୍‌ଘାଟନ କରିଛନ୍ତି । ଏହି ବିଦ୍ୟାଳୟକୁ ଭିଡ଼ିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ଉଦ୍‌ଘାଟନ କରି ସେ ବହୁତ ଖୁସୀ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବାଲେଶ୍ୱର ଜିଲ୍ଲାବାସୀ ବିଶେଷ କରି ପିଲାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । କିସ୍ ଓ ଇମାମିର ଏହି ମିଳିତ ଉଦ୍ୟମକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଲେ ଶିକ୍ଷା ହିଁ ହେଉଛି ଶକ୍ତିଶାଳୀ ମାଧ୍ୟମ । ଶିକ୍ଷା ଜୀବନରେ ସବୁଠାରୁ ବଡ଼ ରୂପାନ୍ତର ଆଣିଥାଏ । ରାଜ୍ୟ ସରକାର ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ରାଜ୍ୟ ସରକାରଙ୍କ ୫ଟି କାର୍ଯ୍ୟକ୍ରମ ମାଧ୍ୟମରେ ସ୍କୁଲ ରୂପାନ୍ତରଣ କାର୍ଯ୍ୟ ଚାଲିଥିବା ବେଳେ ଏବେ ସୁଦ୍ଧା ସାରା ରାଜ୍ୟରେ ୪ହଜାର ଉଚ୍ଚ ବିଦ୍ୟାଳୟ ରୂପାନ୍ତର ହୋଇ ସାରିଛି । ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବହୁତ ଉତ୍ସାହ ସୃଷ୍ଟି କରିଛି । କିସ୍ ପକ୍ଷରୁ ରାଜ୍ୟର ଭୁବନେଶ୍ୱର ସହ ଅନ୍ୟ ଜିଲ୍ଲାରେ ସ୍କୁଲ୍ ଖୋଲାଯାଇଛି । ରାଜ୍ୟର ୩୦ଟି ଜିଲ୍ଲାରେ କିସ୍ ପକ୍ଷରୁ ଜନଜାତି ପିଲାଙ୍କ ପାଇଁ ନିଶୁଳ୍କ ଓ ଆବାସିକ ବିଦ୍ୟାଳୟ ଖୋଲାଯିବାର ପ୍ରୟାସ ଜାରି ରହିଛି । ସବୁ ପିଲାଙ୍କ ନିକଟରେ ଗୁଣାତ୍ମକ ଶିକ୍ଷା ପହଂଚାଇବାରେ ଆମର ଉଦ୍ୟମକୁ ଏହା ଆହୁରି ଶକ୍ତିଶାଳୀ କରିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ବିଭାଗ ରାଷ୍ଟ୍ରମନ୍ତ୍ରୀ (ସ୍ୱା) ଅଶ୍ୱିନୀ କୁମାର ପାତ୍ର ବକ୍ତବ୍ୟ ଦେଇ କହିଲେ, ଶିକ୍ଷା କ୍ଷେତ୍ରରେ ଜନଜାତି ପିଲାଙ୍କ ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯେଉଁ କାର୍ଯ୍ୟ କରୁଛନ୍ତି ତାହା ଇତିହାସରେ ଲିପିବଦ୍ଧ ହୋଇ ରହିବ । ଶ୍ରୀ ସାମନ୍ତ ଶିକ୍ଷା ମାଧ୍ୟମରେ ଗରିବ ଓ ଅବହେଳିତ ପିଲାଙ୍କ ମଧ୍ୟରେ ନୂତନ ଆଲୋକ ସୃଷ୍ଟି କରିଛନ୍ତି । ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଲେ, ଦଳମତ ନିର୍ବିଶେଷରେ ଆମେ ସମସ୍ତେ ଅଚ୍ୟୁତ ସାମନ୍ତଙ୍କ ପ୍ରୟାସର ପ୍ରଶଂସା କରିବା ଉଚିତ । ସେ ଶିକ୍ଷା ମାଧ୍ୟମରେ ଲକ୍ଷଲକ୍ଷ ଗରିବ ଓ ଅବହେଳିତ ପିଲାଙ୍କ ପାଇଁ ଜୀବନର ରାହା ସୃଷ୍ଟି କରିପାରିଛନ୍ତି । ଶ୍ରୀ ସାମନ୍ତଙ୍କ ଏହି ପ୍ରୟାସକୁ ଆମେ ସମସ୍ତେ ସହଯୋଗ କରିବା ପାଇଁ ଆଗେଇ ଆସିବା ଉଚିତ ବୋଲି ସେ କହିଥିଲେ । ରେମୁଣା ବିଧାୟକ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ପରିଡ଼ା କହିଲେ, ଏହି ବିଦ୍ୟାଳୟ ମୋ ନିର୍ବାଚନମଣ୍ଡଳିରେ ପ୍ରତିଷ୍ଠିତ ହୋଇଥିବାରୁ ମୁଁ ବହୁତ ଖୁସୀ । ଏହା ନିର୍ବାଚନମଣ୍ଡଳି ପାଇଁ ଗର୍ବ ଓ ଗୌରବ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସ୍ୱାଗତ କନ୍ଧମାଳ ସାଂସଦ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଏହି ବିଦ୍ୟାଳୟ ପାଇଁ ଜମି କ୍ରୟଠାରୁ ଆରମ୍ଭ କରି ଭିତ୍ତିଭୂମି ବିକାଶ, ସବୁଜ ବଳୟ ସୃଷ୍ଟି, ପାଚେରୀ ନିର୍ମାଣ, ମେକାନାଇଜ୍‌ଡ ରୋଷଶାଳା, ୨୫ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ଆସବାବପତ୍ର ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମେତ ୧ଲକ୍ଷ୨୦ହଜାର ବର୍ଗଫୁଟ ଅଞ୍ଚଳରେ ଭିତ୍ତିଭୂମି ନିର୍ମାଣରେ ମୋଟ ୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଏଥିରୁ ଇମାମି ଗ୍ରୁପ୍ ୧୪ କୋଟି ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେଇଥିବା ବେଳେ ବାକି ୩୬ କୋଟି ଟଙ୍କା କିଟ୍ ତରଫରୁ ଖର୍ଚ୍ଚ କରାଯାଇଛି ।

# ତିହିଡ଼ି ଜନ ଶୁଣାଣି ଶିବିରରେ ୯୮ଟି ଅଭିଯୋଗ




ଭଦ୍ରକ,୧୩/୦୬ (ନି.ପ୍ର): ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନଶୁଣାଣି ଶିବିର ଆୟୋଜନ ନେଇ ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ଜୁନ୍ ୧୩ ତାରିଖ ସୋମବାର ତିହିଡ଼ି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଏହି ଶିବିରରେ ଯୋଗଦେଇ ସମୁଦାୟ ୯୮ଟି ଅଭିଯୋଗର ଶୁଣାଣି କରିଥିଲେ। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଉପ-ଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ଏସ୍.ପି. ବିଜୟ ରଞ୍ଜନ କେରକେଟା, ତିହିଡ଼ି ପଞ୍ଚାୟତ ସମିତି ଅଧ୍ୟକ୍ଷ ଅବନ୍ତୀ ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପାତ୍ର, ବି.ଡ଼ି.ଓ ବସନ୍ତ କୁମାର ସାହାଣୀ, ଅତିରିକ୍ତ ତହସିଲଦାର ଅଙ୍କିତା ମହାନ୍ତି, ସହକାରୀ ଜିଲ୍ଲାପାଳ ବସନ୍ତ କୁମାର ଲେଙ୍କା ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଏହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ସମୁଦାୟ ଅଭିଯୋଗ ମଧ୍ୟରେ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ୮୭ଟି ସାମୂହିକ ୧୧ଟି ଥିଲା। ଧାମନଗର ବ୍ଲକ ନଦୀଗାଁ ପଞ୍ଚାୟତର ଜନୈକ ଆବେଦନକାରୀଙ୍କୁ ଚିକିତ୍ସା ସହାୟତା ଲାଗି ରେଡ଼କ୍ରସ୍‌ରୁ ୧୦ ହଜାର ଟଙ୍କା ମଞ୍ଜୁର କରାଯାଇଥିଲା । ଆଗତ ଅଭିଯୋଗ ମଧ୍ୟରେ ଗୃହ ନିର୍ମାଣ ସହାୟତା, ସାମାଜିକ ସୁରକ୍ଷା ଯୋଜନାରେ ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ସହ ପଟ୍ଟା ସଂଶୋଧନ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ସବୁର ଶୁଣାଣି କରାଯାଇ ଯଥାଶୀଘ୍ର ସମାଧାନ ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ଜନ ଶୁଣାଣି ଶିବିର ଜୁନ ୨୦ ସୋମବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ।

# ରାହୁଲ ଗାନ୍ଧୀଙ୍କୁ ଇଡିର ଜେରା ବିରୁଦ୍ଧରେ କଂଗ୍ରେସର ଧାରଣା

ଭୁବନେଶ୍ୱର, ୧୩/୦୬ (ନି.ପ୍ର): ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀଙ୍କୁ ପ୍ରବର୍ତନ ନିର୍ଦ୍ଦେଶାଳୟ ଦ୍ୱାରା ପଚରା ଉଚୁରା ପାଇଁ ଡକାଯିବାର ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସୋମବାର ଦିନ ଭୁବନେଶ୍ୱରରେ ଇଡି କାର୍ଯ୍ୟାଳୟ ସାମନରେ ଧାରଣା ଦିଆଯାଇଛି । ପ୍ରଦେଶ କଂଗ୍ରେସ କମିଟିର ନବ ନିଯୁକ୍ତ ସଭାପତି ଶରତ ପଟ୍ଟନାୟକ ଏହାର ନେତୃତ୍ୱ ନେଇଛନ୍ତି । ଏହି ସମୟରେ କଂଗ୍ରେସ କର୍ମୀ ମାନେ ମୋଦୀ ସରକାର ହାୟ ହାୟ , ବିଜେପି ସରକାର ହାୟ ହାୟ ନାରା ଦେଉଥିବା ଦେଖିବାକୁ ମିଳିଥିଲା । ଏହି ଅବସରରେ ପିସିସି ସଭାପତି ଶରତ ପଟ୍ଟନାୟକ କହିଥିଲେ ଯେ ବିଜେପି ସରକାର କଂଗ୍ରେସ ଦଳର ନେତାଙ୍କ ବିରୁଦ୍ଧରେ ହୀନ ଚକ୍ରାନ୍ତ କରୁଛନ୍ତି । ଏହା ଦ୍ୱାରା କଂଗ୍ରେସ ଦଳ ଡରି ଯିବ ବୋଲି ବିଜେପି ଭାବୁଛି । ଗାନ୍ଧୀ ପରିବାର ହେଉଛି ଦେଶର ନେତା । ରାହୁଲ ଗାନ୍ଧୀ କଂଗ୍ରେସର ନେତା । ଆଜି ଓଡିଶାର ସମସ୍ତ କାର୍ଯ୍ୟକର୍ତା ରାହୁଲ ଗାନ୍ଧୀ ସହ ଠିଆ ହୋଇଛନ୍ତି । ଉପସ୍ଥିତ କଂଗ୍ରେସ ନେତୃବର୍ଗ ଓ କଂଗ୍ରେସ କର୍ମୀମାନଙ୍କୁ ଇଡି ଅଫିସ ଆଗରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଲେ ଯେ ଯେଉଁ ଗାନ୍ଧୀ ପରିବାର ଭାରତବର୍ଷକୁ ଶକ୍ତିଶାଳି କରିବାପାଇଁ ସବୁକିଛି ବଳିଦାନ ଓ ତ୍ୟାଗ କରିଛନ୍ତି, ଯେଉଁମାନେ ଭାରତବର୍ଷକୁ ସ୍ୱାଧୀନ କରିବାପାଇଁ ସାରା ଜୀବନ ବିଦେଶୀ ଶତୃଙ୍କ ବିରୋଧରେ ଲଢ଼ିଛନ୍ତି ଏବଂ ଭାରତବର୍ଷରେ ପ୍ରଧାନମନ୍ତ୍ରୀ ହୋଇଛନ୍ତି ସେ ଭାରତ ବର୍ଷକୁ ଗଠନ କରିବାରେ ମୁଖ୍ୟ ଭୂମିକା ନେଇଥିବା ଜବାହରଲାଲ ନେହେରୁ, ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ ପ୍ରମୁଖ ନେତା ଥିଲେ। ଯେଉଁ ନେସନାଲହେରାଲ୍ଡ ଖବରକାଗଜର ମନିଲଣ୍ଡରିଂ କଥା କୁହାଯାଉଛି ତାହା ସଂପୂର୍ଣ୍ଣ ଭିତିହିନ କାରଣ ଏଥିରେ କୌଣସି ଅର୍ଥର କାରବାର ହୋଇନାହିଁ କିମ୍ବା ଏହି ଅର୍ଥ କାରବାର ଯୋଗୁଁ ଗାନ୍ଧୀ ପରିବାରର ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ଏଥିରୁ ଉପକୃତ ହୋଇନାହାନ୍ତି ବା ଅଧିକ ଅର୍ଥ ଉପାର୍ଜନ କରିନାହାନ୍ତି । ତେଣୁ ଯେଉଁ ଘଟଣାରେ ମନିଲଣ୍ଡରିଂ ହୋଇନାହିଁ ସେଭଳି ଏକ ମିଛ କେସ ଇଡି କିପରି କଲା, କାହିଁକି କଲା ଓ କାହା ଉଦ୍ଦେଶ୍ୟ ସାଧନ କରିବାପାଇଁ କଲା ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ତାଙ୍କ ଅଭିଭାଷଣରେ କହିଲେ ଯେ ଗାନ୍ଧୀ ପରିବାରର ବଳିଦାନରେ ଆଜି ଏ ଦେଶ ଶଶକ୍ତ। ଏହା ପୂର୍ବରୁ ରାଜୀବ ଗାନ୍ଧୀଙ୍କ ନାମରେ ବୋଫର୍ସ କେସ କରାଯାଇଥିଲା ଆଜି ପର୍ଯ୍ୟନ୍ତ ତାହା ପ୍ରମାଣ ହୋଇପାରିଲା ନାହିଁ। ଗାନ୍ଧୀ ପରିବାର ମୋଦିଙ୍କର ଏଭଳି ମିଛି କେସରେ ଡରିବାର ନାହିଁ।

# ସୁନି ତଞ୍ଜିମୁଲ ଓଲମା ଟ୍ରଷ୍ଟ ପକ୍ଷରୁ ନୁପୁର ଶର୍ମା ଓ ନବୀନ ଜିନ୍ଦଲଙ୍କ ଗିରଫ ଦାବି

କେନ୍ଦ୍ରାପଡ଼ା, ୧୩/୦୬ (ନି.ପ୍ର): କେନ୍ଦ୍ରାପଡାର ସୁନି ତଞ୍ଜିମୁଲ ଓଲମା ଟ୍ରଷ୍ଟ ପକ୍ଷରୁ ନୁପୁର ଶର୍ମା ଓ ନବୀନ ଜିନ୍ଦଲଙ୍କ ଗିରଫ ଦାବି କରାଯାଇଛି । ଟ୍ରଷ୍ଟଯଟ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମହାମାନ୍ୟ ରାଷ୍ଟ୍ରପତି ଓ ମାନ୍ୟବର ପ୍ରଧାନମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ସୂଚନା ଯୋଗ୍ୟ ଏକ ଟିଭି ବିତର୍କରେ ଭାଗନେଇ ବିଜେପିର ଦୁଇ ପୂର୍ବତନ ମୁଖପାତ୍ର ନୁପୁର ଶର୍ମା ଓ ନବୀନ ଜିନ୍ଦଲ ପ୍ରସଙ୍ଗ କ୍ରମେ ପ୍ରଫେଟ ମହମ୍ମଦ (ଏସ୍.ଏ.ଏସ୍)ଙ୍କ ସଂପର୍କରେ ଦେଇଥିବା ଆପତିଜନକ ମନ୍ତବ୍ୟ ମୁସଲିମ ସଂପ୍ରଦାୟ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । ଏହାକୁ ଦୃଷ୍ଟିରେ ରଖି ଟ୍ରଷ୍ଟ ପକ୍ଷରୁ ଉକ୍ତ ଦୁଇ ଜଣଙ୍କୁ ଗିରଫ କରାଯିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଟ୍ରଷ୍ଟର ସଭାପତି ସେକ ତାଜମୁଲ ହୋସେନ, ସଂପାଦକ ସୟଦ ନୁରୁଦ୍ଦିନ, ଜିଲ୍ଲା ବିଜେଡି ସଂଖ୍ୟା ଲଘୁ ସେଲର ସଭାପତି ସେକ ଇନାୟତ, ପୂର୍ବତନ କାଉନସିଲର ମୁକ୍ତାର ଖାନ, ଆଇନଜୀବି ସେକ ଅଜିମୁଦ୍ଦିନ, ମିର ଅଫସର ଅଲ୍ଲୀ, ଏଜାଜ ଖାନ, ମିର ନୁର, ସେକ ଫକିରୁଦ୍ଦିନଙ୍କ ସମେତ ସଂଖ୍ୟାଧିକ ସଂଖ୍ୟାଲଘୁ ନେତାମାନେ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo